# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ' ୩୦/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, May 30/2023 | Page 14 | ₹ 7.00 | BERHAMPUR

୪୯ଶ ଭାଗ ୧୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 184 | ମୂଲ୍ୟ ₹୭/-




## ବର୍ଷକୁ ଗୋଟିଏ ଫିଲ୍ମ କରିବେ ଅନୁଷ୍କା


ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ନିକଟରେ ଏକ ଇଭେଣ୍ଟରେ ଯୋଗଦେଇ ବର୍ଷକୁ ମାତ୍ର ଗୋଟିଏ ଫିଲ୍ମ କରିବେ ବୋଲି କହିଛନ୍ତି।

୧୧

୧୪

## ପ୍ରତ୍ୟାଶାଙ୍କୁ ଆଉ ଏକ ସ୍ୱର୍ଣ୍ଣ

ଉତ୍ତର ପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ସୁଇମିଂ ଇଭେଣ୍ଟରେ ଓଡ଼ିଶାର ପ୍ରତ୍ୟାଶା ରାୟ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



**ଆଇପିଏଲ୍ ଫାଇନାଲ**



ସାଇ ସୁଦର୍ଶନଙ୍କ ଧୂଆଁଧାର ବ୍ୟାଟିଂ

# ଅର୍ଥ ଆସୁନି, କାମ ଆଗଉନି

## ୮ବର୍ଷ ପରେ ବି ଘୋଷଣାରେ ସୀମିତ କୋଷ୍ଟାଲ୍ ହାଇୱେ ପ୍ରକଳ୍ପ

**ପଶ୍ଚିମବଙ୍ଗ ଦୀଘା ବେଳାଭୂମିଠାରୁ ଓଡ଼ିଶାର ଗୋପାଳପୁର ପର୍ଯ୍ୟନ୍ତ ଲମ୍ବିଥିବା ଦୀର୍ଘ ୪୫୧ କି.ମି. ପରିମିତ ବିସ୍ତୀର୍ଣ୍ଣ ବେଳାଭୂମିର ପର୍ଯ୍ୟଟନ ବିକାଶ ସାଙ୍ଗକୁ ତଟକୂଳ ସୁରକ୍ଷା ଓ ମାଲ ପରିବହନ ପାଇଁ କୋଷ୍ଟାଲ ହାଇୱେ ନିର୍ମାଣ କରିବାକୁ ୨୦୧୫ ଏପ୍ରିଲ ୧୫ରେ କେନ୍ଦ୍ର ଭୂପୃଷ୍ଠ ଓ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଘୋଷଣା କରିଥିଲେ। ଏଥିପାଇଁ ୭,୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ହେଲେ କେନ୍ଦ୍ର ଅର୍ଥ ମଞ୍ଜୁର କରୁ ନ ଥିବାରୁ ଘୋଷଣାର ୮ବର୍ଷ ପରେ ମଧ୍ୟ କାମ ଆରମ୍ଭ ହୋଇପାରୁନି।**


ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୨୯।୫


କୋଷ୍ଟାଲ ହାଇୱେ ନିର୍ମାଣ ହେଲେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଏହି ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଷ୍ଟାଲ୍ ହାଇୱେ ନିର୍ମାଣ ପ୍ରକଳ୍ପ ଯୋଜନାର ଘୋଷଣା କରାଯାଇଥିଲା। ଏପରି କି ସର୍ଭେ କାର୍ଯ୍ୟ ମଧ୍ୟ ଶେଷ ହୋଇଥିଲା। ହେଲେ ଏହି ପ୍ରକଳ୍ପ ପାଇଁ ବ୍ୟୟବରାଦ ହୋଇଥିବା ଟଙ୍କା ଆସି ନ ପାରିବାରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଅପରପକ୍ଷରେ ରାଜ୍ୟ ସରକାର ଏହି ଘୋଷଣା ପରେ ଦୀଘାଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ୪୫.୫ କି.ମି. ଉପକୂଳ ରାସ୍ତା ନିର୍ମାଣ ଓ ସୁବର୍ଣ୍ଣରେଖା ପୋଲ ନିର୍ମାଣ ପାଇଁ ୨୧୭ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ରଖିଥିଲେ। ଏନେଇ ପୂର୍ତ୍ତ ବିଭାଗ ବ୍ୟୟ ଅଟକଳ କରି କି.ମି. ପିଛା ୧.୫ କୋଟି ହିସାବରେ ମୋଟ୍ ୪୫.୫ କି.ମି. ରାସ୍ତା ନିର୍ମାଣ ବାବଦରେ ୬୮କୋଟି ୨୫ଲକ୍ଷ, ୬ଟି ପୋଲ ନିର୍ମାଣ ପାଇଁ ୧୨କୋଟି ୮୦ଲକ୍ଷ, ସୁବର୍ଣ୍ଣରେଖା ନଦୀ ଉପରେ ପୋଲ ନିର୍ମାଣ ପାଇଁ ୧୨୦ କୋଟି ଓ ୩୦ଟି ବକ୍ସ କଲଭର୍ଟ ପାଇଁ ୧୫କୋଟି ୨୫ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରିଥିଲା। ସେହିଭଳି ହଳଦୀପଦାଠାରେ ୬୦ ନମ୍ବର ଜାତୀୟ ରାଜପଥକୁ ଏହି ରାସ୍ତା ସଂଯୋଗ କରୁଥିବାରୁ ହଳଦୀପଦାରୁ ପଞ୍ଚୁପଡ଼ା ଯାଏ ରାସ୍ତା ଓ ପଞ୍ଚୁପଡ଼ା ନଦୀ ଉପରେ ଆଉ ଏକ ପୋଲ ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇ ସମ୍ପୂର୍ଣ୍ଣ ରିପୋର୍ଟ କେନ୍ଦ୍ର ସରକାର ନିକଟକୁ ପଠାଯାଇଥିଲା। ଏହି ରାସ୍ତା ନିର୍ମାଣ ହେଲେ ବାଲେଶ୍ୱରକୁ ପ୍ରାୟ ୧୭କି.ମି. ଦୂରତା କମିଯିବ। ତା'ଛଡ଼ା ଦୀଘା, ତାଳସାରୀ, ଉଦୟପୁର, ଡଗରା, ବଳରାମଗଡ଼ି ତଥା ଚାନ୍ଦିପୁର ସାମୁଦ୍ରିକ ବେଳାଭୂମିକୁ ଏହି ରାସ୍ତା ସିଧାସଳଖ ସଂଯୋଗ କରୁଥିବାରୁ ବେଳାଭୂମି ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ବିକାଶ ମଧ୍ୟ ହୋଇପାରିବ। ଏଥିସହିତ ବାଲେଶ୍ୱର ସଦର, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକର ବନ୍ୟା ପ୍ରଭାବିତ ତଥା ଦୁର୍ଗମ ଅଞ୍ଚଳକୁ ଯାତାୟାତ ସୁବିଧା ସହିତ ବାଲେଶ୍ୱର ଏମ୍‌ସ ସାଟେଲାଇଟ୍ ହସ୍‌ପିଟାଲ, ଫକୀରମୋହନ ମେଡିକାଲ କଲେଜ, ଚାନ୍ଦିପୁର ସାମରିକ କେନ୍ଦ୍ର ଆଦିକୁ ଏହି ରାସ୍ତା ସହାୟକ ହୋଇପାରିବ ବୋଲି କୁହାଯାଇଥିଲା। ସେପଟେ କେନ୍ଦ୍ର ସରକାର ମଧ୍ୟ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରକଳ୍ପ ବାବଦ ଅର୍ଥ ମଞ୍ଜୁର କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର କୋଷ୍ଟାଲ ହାଇୱେ ହେବାର ୮ବର୍ଷ ପରେ ବି ଏହି ପ୍ରକଳ୍ପ ଘୋଷଣାରେ ସୀମିତ ରହିଛି। ବର୍ତ୍ତମାନ ନା ହାଇୱେ ନିର୍ମାଣ ହେଉଛି ନା ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଉପକୂଳ ରାସ୍ତା ନିର୍ମାଣ ହେଉଛି। କେବଳ ଭୋଟ ସାଉଁଟିବା ☞ପୃଷ୍ଠା-୪



ପ୍ରସ୍ତାବିତ କୋଷ୍ଟାଲ ହାଇୱେ ପ୍ରକଳ୍ପର ମାନଚିତ୍ର।

## ସାଇ ସୁଦର୍ଶନଙ୍କ ଶ୍ରେଷ୍ଠ ଇନିଂସ

**ଅହମଦାବାଦ, ୨୯।୫:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସୋମବାର ଅନୁଷ୍ଠିତ ମେଗା ଫାଇନାଲରେ ସୁନ୍ଦର ବ୍ୟାଟିଂ କରିଛନ୍ତି ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ। ଚେନ୍ନାଇ ସୁପର କିଙ୍ଗ୍ସ ବୋଲରଙ୍କୁ ସଫଳ ମୁକାବିଲା କରି ସେ ୯୬ ରନର ମୂଲ୍ୟବାନ ଇନିଂସ ଖେଳିଥିବାବେଳେ ଗତଥରର ଚାମ୍ପିୟନ ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରିଛି। ରବିବାର ବର୍ଷା ଯୋଗୁ ଫାଇନାଲ ସମ୍ଭବ ହୋଇ ନ ଥିବାରୁ ସୋମବାର ରିଜର୍ଭ ଦିବସରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ତେବେ ଚେନ୍ନାଇ ସୁପର କିଙ୍ଗ୍ସ ୩ ଟି ବଲ୍ ଖେଳି ୪ ରନ୍ କରିଥିବାବେଳେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ପରିବେଶକୁ ଦୃଷ୍ଟିରେ ରଖି ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଆସିଥିବା ଗୁଜରାଟ ଏଠାରେ ମଧ୍ୟ ଭଲ ଆରମ୍ଭ କରିଥିଲା। ଟପ୍ ଫର୍ମରେ ଥିବା ଶୁବମନ ଗିଲ୍ ଏବଂ ଋଦ୍ଧିମାନ ଶାହା ଦ୍ରୁତ ହାରରେ ରନ୍ ସଂଗ୍ରହ କରି ଗୁଜରାଟର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୪୨ ବଲ୍‌ରୁ ୬୭ ରନ ସଂଗ୍ରହ କରିଥିଲେ। ୭ମ ଓଭରର ଶେଷ ବଲ୍‌ରେ ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ଗିଲ୍‌ଙ୍କୁ ଧୋନୀ ଷ୍ଟମ୍ପିଂ କରି ଦେଇଥିଲେ। ଫଳରେ ଚେନ୍ନାଇକୁ ପ୍ରଥମ ବ୍ରେକ୍ ଥ୍ରୁ ମିଳିଥିଲା। ଗିଲ୍ ୨୦ ବଲ୍‌ରୁ ୩୯ (୭ ଚୌକା) ରନ କରିଥିଲେ। ତାଙ୍କ ସ୍ଥାନରେ ସାଇ ସୁଦର୍ଶନ କ୍ରିଜରେ ଯୋଗଦେଇ ଶାହାଙ୍କ ସହ ଇନିଂସ ଆଗେଇ ନେଇଥିଲେ। ଇତିମଧ୍ୟରେ ଶାହା ଉପଯୋଗୀ ଅର୍ଦ୍ଧଶତକ ହାସଲ କରିଥିଲେ। ☞ପୃଷ୍ଠା-୪

# ସବୁ କଚ୍ଛାଘର ହେବ ପକ୍କା

**ରାଜ୍ୟ ସରକାର ଆରମ୍ଭ କଲେ 'ମୋ ଘର' ଯୋଜନା**

- **ଜୁନ୍ ୧୬ରୁ ହିତାଧିକାରୀ ଆବେଦନ କରିପାରିବେ**
- **ହିତାଧିକାରୀଙ୍କୁ ମିଳିବ ୩ ଲକ୍ଷ ଯାଏ ଋଣ**
- **ସାଧାରଣ ବର୍ଗଙ୍କୁ ୩୦ରୁ ୬୦ ହଜାର, ଏସ୍‌ସି/ଏସ୍‌ଟି, ଭିନ୍ନକ୍ଷମଙ୍କୁ ୪୦ରୁ ୭୦ ହଜାର ଯାଏ ସବ୍‌ସିଡି**
- **୧୮ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର**
- **୩୩ ଜିଲା ପାନୀୟ ଜଳ ପ୍ରକଳ୍ପ ପାଇଁ ୨୩୦୦ କୋଟି ଟେଣ୍ଡରକୁ ଅନୁମୋଦନ**

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ବିଜେଡି ସରକାରର ପଞ୍ଚମ ପାଳିର ୪ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗ୍ରାମାଞ୍ଚଳକୁ ନୂଆ ଯୋଜନା ଭେଟି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ଯୋଜନାରେ ପକ୍କାଘର ପାଇବାକୁ ଯୋଗ୍ୟ ବିବେଚିତ ହେଉ ନ ଥିବା ଏବଂ ପକ୍କା ଘର ନ ଥିବା ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର 'ମୋ ଘର' ନାମରେ ନୂଆ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଆସନ୍ତା ୨ ବର୍ଷ ପାଇଁ ରାଜ୍ୟ ସରକାର ୪ ଲକ୍ଷ ହିତାଧିକାରୀଙ୍କ ପାଇଁ ୨୧୫୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଏ ସମ୍ପର୍କିତ ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ସାଧାରଣ ନିର୍ବାଚନକୁ ଆଉ କିଛି ମାସ ବାକି ରହିଛି। ଗ୍ରାମାଞ୍ଚଳ ଭୋଟରଙ୍କ ଉପରେ ଏବେ ନଜର। ଗ୍ରାମାଞ୍ଚଳ ଭିତ୍ତିଭୂମିଠାରୁ ଆରମ୍ଭ କରି ବାସଗୃହ ଓ ପାନୀୟ ଜଳ ଯୋଗାଣ ଉପରେ ରାଜ୍ୟ ସରକାର ଅଧିକ ଫୋକସ ଦେଉଛନ୍ତି ବୋଲି ବିରୋଧୀ ଭାଜପା ଏବଂ କଂଗ୍ରେସ ପକ୍ଷରୁ କୁହାଯାଉଛି।

ବର୍ତ୍ତମାନର ଗୃହ ନିର୍ମାଣ ଯୋଜନାରେ ଥିବା କଠୋର ଚୟନ ମାନଦଣ୍ଡ ଦ୍ୱାରା ବାଦ୍ ପଡ଼ିଥିବା ପରିବାର କିମ୍ବା ସ୍ୱଳ୍ପ ଗୃହ ମଞ୍ଜୁର ଲକ୍ଷ୍ୟ ଧାର୍ଯ୍ୟ କାରଣରୁ ବଞ୍ଚିତ ଥିବା ପରିବାର ଏହି ନୂତନ ଯୋଜନାରେ ଉପକୃତ ହୋଇପାରିବେ। ସେହିପରି ପୂର୍ବରୁ ସ୍ୱଳ୍ପ ଗୃହ ନିର୍ମାଣ ସହାୟତା ପାଇଥିବା ପରିବାର ମଧ୍ୟ ଏହି ଯୋଜନା ମାଧ୍ୟମରେ ନିଜ ଗୃହର ଉନ୍ନତୀକରଣ ଅଥବା ସମ୍ପ୍ରସାରଣ କରିପାରିବେ। ଯଦି କୌଣସି ପରିବାର କଚ୍ଛା ଘରେ କିମ୍ବା ଗୋଟିଏ କଠୋରି ଥିବା କଂକ୍ରିଟ ଛାତ ଘରେ ବସବାସ କରୁଥିବେ ଏବଂ ପୂର୍ବରୁ ସରକାରଙ୍କଠାରୁ କୌଣସି ଗୃହ ନିର୍ମାଣ ସହାୟତା ପାଇ ନଥିଲେ ଏହି ଯୋଜନାର ଲାଭ ପାଇପାରିବେ। ତେବେ କୌଣସି ହିତାଧିକାରୀ ୭୦ ହଜାର ଟଙ୍କାରୁ କମ୍ ପରିମାଣର ସହାୟତା ପାଇଥିଲେ ଏବଂ ସେମାନଙ୍କର ମାସିକ ଆୟ ୨୫ ହଜାର ଟଙ୍କାରୁ କମ୍ ଥିଲେ, ଅଣବ୍ୟବସାୟିକ ମୋଟରଚାଳିତ ଚାରିଚକିଆ ଯାନ ନ ଥିଲେ, ପରିବାରର କୌଣସି ସଦସ୍ୟ ସରକାରୀ କିମ୍ବା ସରକାରୀ ଉଦ୍ୟୋଗରେ ନିୟମିତ କର୍ମଚାରୀ କିମ୍ବା ପେନସନଭୋଗୀ ହୋଇ ନ ଥିଲେ, ୫ ଏକରରୁ କମ୍ ଜଳସେଚିତ କିମ୍ବା ୧୫ ଏକରରୁ କମ୍ ଅଣଜଳସେଚିତ ଜମି ଥିଲେ ସେହି ପରିବାରଙ୍କୁ ମୋ ଘର ଯୋଜନାରେ ସହାୟତା ମିଳିପାରିବ।

ଯୋଜନାରେ ହିତାଧିକାରୀ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇପାରିବେ। ପ୍ରଥମ ବର୍ଷର ରିହାତି ଅବଧିକୁ ବାଦ୍ ଦେଇ ପରବର୍ତ୍ତୀ ୧୦ ବର୍ଷ ମଧ୍ୟରେ ଋଣ ପରିଶୋଧ କରିବାକୁ ହେବ। ଏହି ଯୋଜନାରେ ୧ ଲକ୍ଷ, ୧.୫ ଲକ୍ଷ, ୨ ଲକ୍ଷ ଓ ୩ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ବ୍ୟବସ୍ଥା ରହିଛି। ଏଥିମଧ୍ୟରୁ ଆବେଦନକାରୀଙ୍କୁ ଗୋଟିଏ ପ୍ରକାରର ଋଣକୁ ବାଛିବାକୁ ହେବ। ଏହି ସବୁ ପ୍ରକାର ଋଣ ☞ପୃଷ୍ଠା-୪

# ୨୦ ଦିନର ଶିଶୁକନ୍ୟାକୁ ବିଷ ଇଞ୍ଜେକ୍ସନ ଦେଲେ ବାପା

ନୀଳଗିରି, ୨୯।୫(ସ୍ୱ.ପ୍ର.)


ଚନ୍ଦନ ମାହାର୍ଣ୍ଣା

ଝିଅଟିଏ ଜନ୍ମ ହେଲେ ଘରକୁ ଲକ୍ଷ୍ମୀ ଆସିଛନ୍ତି ବୋଲି ସମସ୍ତେ କହି ଖୁସି ହୋଇଥାନ୍ତି। ସବୁଠୁ ଅଧିକ ଖୁସି ହୋଇଥାନ୍ତି ଜନ୍ମଦାତା ବାପା। ହେଲେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଝିଅ ଚାହୁଁ ନ ଥିବା ଜଣେ ବାପା ତାଙ୍କ ୨୦ ଦିନର ଶିଶୁକନ୍ୟା ଦେହରେ ବିଷ ଇଞ୍ଜେକଶନ ଦେଇ ମାରିବାକୁ ଉଦ୍ୟମ କରିବା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ଶିଶୁକନ୍ୟା ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜୀବନ ସହ ସଂଘର୍ଷ କରୁଥିବା ବେଳେ ନୃଶଂସ ବାପାଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

ଆସନ୍ତା ମଙ୍ଗଳବାର ଥିଲା ଶିଶୁକନ୍ୟାର ଏକୋଇଶିଆ ପୂଜା। ସ୍ତ୍ରୀ ନୀଳଗିରି ଥାନା ଅଧୀନ ସିଙ୍ଗିରି ଗ୍ରାମସ୍ଥିତ ବାପଘରେ ରହୁଥିବାରୁ ରବିବାର ଶ୍ୱଶୁର ଘରକୁ ଆସିଥିଲେ ସ୍ୱାମୀ ଚନ୍ଦନ ମାହାର୍ଣ୍ଣା। ଶ୍ୱଶୁର ଘରେ ପୂଜା ପାଇଁ ଚାଲିଥିଲା ଜୋରସୋରରେ ପ୍ରସ୍ତୁତି। ତେବେ ଝିଅ ଜନ୍ମ ପରେ ଖୁସି ନ ଥିବା ଚନ୍ଦନ ଜନ୍ମିତ ଶିଶୁକନ୍ୟାକୁ ରାସ୍ତାରୁ ହଟାଇ ଦେବାକୁ ମନେ ମନେ ଯୋଜନା କରିଥିଲେ। ସୋମବାର ପୂର୍ବାହ୍ନରେ ଶିଶୁକନ୍ୟାର ମା' ଶୌଚ ପାଇଁ ଯାଇଥିବା ବେଳେ ପୂର୍ବରୁ ମାନସିକ ଭାବେ ପ୍ରସ୍ତୁତ ଥିବା ଚନ୍ଦନ ଶିଶୁକନ୍ୟାକୁ ବିଷ ଇଞ୍ଜେକଶନ ଦେଇଥିଲେ। ଫଳରେ ଶିଶୁଟି ଜୋରରେ ଚିତ୍କାର ☞ପୃଷ୍ଠା-୪

# ଭାଜପା ନେତ୍ରୀଙ୍କୁ ପଥରରେ ଛେଚି ହତ୍ୟା

**ପାଲା ବାୟକ ହତ୍ୟା କରିଥିବା ଅଭିଯୋଗ**

ଢେଙ୍କିକୋଟ/ଘଟଗାଁ/କେନ୍ଦୁଝର, ୨୯।୫(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ବିନ୍ଦିବା ପଞ୍ଚାୟତ ବିନ୍ଦିବା ଗ୍ରାମରେ ରବିବାର ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦୁର୍ବୃତ୍ତ ଜଣେ ଭାଜପା ନେତ୍ରୀଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ସେ ହେଲେ ପଣ୍ଡାପଡ଼ା ମଣ୍ଡଳ ଭାଜପା ଉପସଭାପତି ତଥା ବିନ୍ଦିବା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ସତ୍ୟଭାମା ସିଂହ (୪୫)। ସତ୍ୟଭାମା ପାଲାଗାୟିକା ଭାବେ ମଧ୍ୟ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ପାଲା ଗ୍ରୁପ୍‌ର ବାୟକଙ୍କ ସହ ତାଙ୍କ ବିବାଦ ଥିବାରୁ ସେ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସତ୍ୟଭାମା ଭାଜପା ନେତ୍ରୀ ଥିବାରୁ ରାଜନୈତିକ ଶତ୍ରୁତାରୁ ମଧ୍ୟ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ପୋଲିସ ସୂଚନା ମୁତାବକ, ବିନ୍ଦିବା ଗ୍ରାମ ମଝିରେ ଥିବା ରାଧାକୃଷ୍ଣ ମନ୍ଦିରରେ ରବିବାର ସଂକୀର୍ତ୍ତନ ପରିବେଷଣ ହେଉଥିଲା। ସେଥିରେ ସତ୍ୟଭାମା ସବୁଦିନ ଭଳି ଯୋଗଦେଇଥିଲେ। ସଂକୀର୍ତ୍ତନ ସାରିବା ପରେ ରାତି ସାଢ଼େ ୯ ଟାରୁ ୧୦ଟା ମଧ୍ୟରେ ଘରକୁ ଫେରିଥିଲେ। ଘରେ ତାଙ୍କ ବୃଦ୍ଧା ମା' ଏକା ଥିବା ବେଳେ ରାତିରେ ପହଞ୍ଚିବାରେ ବିଳମ୍ବ ହେବାରୁ ଝିଅ ସଂକୀର୍ତ୍ତନ ମଣ୍ଡଳୀ ସହ ମନ୍ଦିରରେ ରହିଗଲା ଭାବି ଶୋଇପଡ଼ିଥିଲେ। ସୋମବାର ସକାଳେ ଘରଠାରୁ ୧୦୦ ମିଟର ଦୂରରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପଣ୍ଡାପଡ଼ା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିଆଁ ଲଗାଇଲେ, ଲିଭାଇ ପାରିଲେନି**

**ଆଜିର ମନ୍ତବ୍ୟ**

"ରାଜସ୍ଥାନ ବିଧାନସଭା ନିର୍ବାଚନରେ ଅଶୋକ ଗେହଲଟ ଓ ସଚିନ୍ ପାଇଲଟ ଉଭୟେ ମିଳିତ ଭାବେ ନିର୍ବାଚନ ଲଢ଼ିବେ।

– କେ.ସି. ଭେନୁଗୋପାଳ, କଂଗ୍ରେସ ନେତା

# ଏନ୍‌ଭିଏସ୍-୦୧ କକ୍ଷପଥରେ ଅବସ୍ଥାପିତ

ଶ୍ରୀହରିକୋଟା, ୨୯।୫(ପି.ଟି.)

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ସୋମବାର ସଫଳତାର ସହ ନାଭିଗେଶନ ସାଟେଲାଇଟ୍ ଏନ୍‌ଭିଏସ୍-୦୧କୁ ସଫଳତାର ସହ ଜିଓସିନ୍‌କ୍ରୋନିଅସ୍ ଟ୍ରାନ୍ସଫର ଅର୍ବିଟ୍‌ରେ ସ୍ଥାପନ କରିଛି। ଏନ୍‌ଭିଏସ୍-୦୧ ହେଉଛି ଦ୍ୱିତୀୟ ପିଢ଼ି ସାଟେଲାଇଟ୍ ସିରିଜ୍‌ର ପ୍ରଥମ ସାଟେଲାଇଟ୍। ଜିଓସିନ୍‌କ୍ରୋନିଅସ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ଜିଏସ୍‌ଏଲ୍‌ଭି) ଉପଗ୍ରହକୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରିଥିଲା। ସକାଳ ୧୦ଟା ୪୨ ମିନିଟ୍‌ରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ୍‌ପ୍ୟାଡ୍‌ରୁ ଜିଏସ୍‌ଏଲ୍‌ଭି-ଏଫ୍୧୨କୁ ଉତ୍କ୍ଷେପଣ କରାଯାଇଥିଲା। ଉତ୍କ୍ଷେପଣର ୧୯ ମିନିଟ ପରେ ରକେଟ୍‌ଟି ସଫଳତାର ସହ ୨୨୩୨ କିଲୋଗ୍ରାମ ଓଜନର ସାଟେଲାଇଟ୍‌କୁ ୨୫୧ କିଲୋମିଟର ଉଚ୍ଚତାରେ ଅବସ୍ଥାପିତ କରିଥିଲା। ଏହା ପରବର୍ତ୍ତୀ ଅର୍ବିଟ୍-ରାଇଜିଂ ପଦକ୍ଷେପ ଉକ୍ତ ନାଭିଗେଶନ ସାଟେଲାଇଟ୍‌କୁ ଆବଶ୍ୟକ ଜିଓସିନ୍‌କ୍ରୋନିଓସ୍ କକ୍ଷରେ ପହଞ୍ଚାଇବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଏନ୍‌ଭିଏସ୍-୦୧ ଦେଶର ଆଞ୍ଚଳିକ ନାଭିଗେଶନ ବ୍ୟବସ୍ଥାକୁ



**ନାଭିଗେଶନ ବ୍ୟବସ୍ଥା ସୁଦୃଢ଼ ହେବ**

ବଢ଼ାଇବା ସହ ଠିକ୍ ଓ ରିଅଲ-ଟାଇମ୍ ନାଭିଗେଶନ ପ୍ରଦାନ କରିବ।

୨୭.୫ ଘଣ୍ଟାର କାଉଣ୍ଟଡାଉନ୍ ଶେଷ ହେବା ପରେ ପୂର୍ବ ନିର୍ଦ୍ଧାରିତ ସମୟ ସୋମବାର ପୂର୍ବାହ୍ନ ୧୦ଟା ୪୨ରେ ୫୧.୭ ମିଟର ଲମ୍ବର ୩ ପର୍ଯ୍ୟାୟ ବିଶିଷ୍ଟ ଜିଓସିନ୍‌କ୍ରୋନିଓସ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍‌କୁ ଉତ୍କ୍ଷେପଣ କରାଯାଇଥିଲା। ଭାରତୀୟ ଆଞ୍ଚଳିକ ସାଟେଲାଇଟ୍ ନାଭିଗେଶନ ସିଷ୍ଟମ୍ (ନାଭିକ୍) ପାଇଁ ଏନ୍‌ଭିଏସ୍-୦୧ ଗୁରୁତ୍ୱପୂର୍ଣ୍ଣ, ଯାହା ସଠିକ୍ ସୂଚନା ପ୍ରଦାନ କରିବ। ନାଭିକ୍‌ରୁ ଆସିବାକୁ ଥିବା ସିଗ୍‌ନାଲ ୨୦ ମିଟରରୁ ଅଧିକ ସଠିକ୍ ସ୍ଥିତିର ସୂଚନା ☞ପୃଷ୍ଠା-୪




ଜମ୍ମୁ-କଶ୍ମୀରର ପୁଞ୍ଚ୍‌ରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ସୁରକ୍ଷା ବଳ ପକ୍ଷରୁ ସୋମବାର ତଲାସି ଅଭିଯାନ ଚାଲିଛି।

# ହିଂସା କ୍ଷତଗ୍ରସ୍ତ ମଣିପୁରରେ ଶାହା

## ବନ୍ଧୁକ ସହ ୨୫ ଗିରଫ

ନୂଆଦିଲ୍ଲୀ/ଇମ୍ଫାଲ, ୨୯।୫

ହିଂସା ପ୍ରଭାବିତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର ପହଞ୍ଚିଛନ୍ତି। ତାଙ୍କର ଏହି ୪ ଦିନିଆ ଗସ୍ତ ଅବସରରେ ସେ ବିଭିନ୍ନ ନେତା, ପଦାଧିକାରୀଙ୍କୁ ଭେଟି ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରିବେ। ଏଥିସହିତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଲାଗି ସେ ମେଇତି ଏବଂ କୁକି ସମ୍ପ୍ରଦାୟଙ୍କୁ ଏକାଠି କରିବେ ବୋଲି କୁହାଯାଉଛି। ଶାହାଙ୍କ ସହ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲା, ଅନ୍ୟ ବରିଷ୍ଠ ଅଧିକାରୀମାନେ ଯାଇଛନ୍ତି। ରାଜ୍ୟର ସଂଖ୍ୟାଗରିଷ୍ଠ ମେଇତି ସମ୍ପ୍ରଦାୟକୁ



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା



ଇମ୍ଫାଲରେ ରବିବାର ସେନା ଉଗ୍ରପନ୍ଥୀ ସଂଘର୍ଷ ବେଳେ ଲାଗିଥିବା ନିଆଁକୁ ଲୋକେ ଲିଭାଉଛନ୍ତି।

ଅନୁସୂଚିତ ଜନଜାତି ମାନ୍ୟତା ଦେବା ନିଷ୍ପତ୍ତିକୁ ବିରୋଧ କରି କୁକି ଆଦିବାସୀ ସମ୍ପ୍ରଦାୟ ବିକ୍ଷୋଭ କରିବାରୁ ଏହା ସଂଘର୍ଷର ରୂପ ନେଇଥିଲା। ଚଳିତ ମାସ ଆରମ୍ଭରୁ ଏହି ଜାତିଗତ ହିଂସାକାଣ୍ଡରେ ୭୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି। ବହୁ ଗୃହଦାହ ସାଙ୍ଗକୁ ବିପୁଳ ସମ୍ପତ୍ତି ନଷ୍ଟ ହୋଇଛି। ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ହିଂସା ପରେ ଶାନ୍ତି ଫେରାଇ ଆଣିବା ପାଇଁ ଉଭୟ ମେଇତି ଓ କୁକି ସମ୍ପ୍ରଦାୟରୁ ବାର୍ତ୍ତା ଆସିଛି। ଶାହାଙ୍କ ଗସ୍ତ ଶାନ୍ତି ଫେରାଇ ଆଣିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ମଣିପୁର ସଂହତି ସମନ୍ୱୟ କମିଟି କହିଛି। ସେହିପରି ୟୁନାଇଟେଡ୍ ପିପୁଲ୍ସ ଫ୍ରଣ୍ଟ ଏବଂ କୁକି ଜାତୀୟ ସଂଗଠନ ମଧ୍ୟ ଶାହାଙ୍କ ଗସ୍ତକୁ ସ୍ୱାଗତ କରିଛନ୍ତି।

ଶାହାଙ୍କ ଗସ୍ତ ପୂର୍ବରୁ ମଣିପୁରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେନା ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ଇଷ୍ଟ ଇମ୍ଫାଲ ଜିଲାରେ ସୁରକ୍ଷା ବଳ ଉପରେ ଆକ୍ରମଣ ଯୋଜନା କରିଥିବା ୨୫ ଜଣ ସଶସ୍ତ୍ର ଲୋକଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ନିର୍ଦ୍ଦିଷ୍ଟ ଗୋଇନ୍ଦା ତଥ୍ୟକୁ ଆଧାର କରି ସଶସ୍ତ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯାଇଛି। ସେମାନେ ସାନାସାବି, ଗବାଲଟାବି ଓ ଶାବୁନ୍‌ଖୋଲ ଖୁନାଓରେ ଗୃହଦାହ ସହ ସମ୍ପୃକ୍ତ ଥିଲେ। ସେମାନଙ୍କଠାରୁ ୫ଟି ୧୨ ବୋର୍ ଡବଲ ବ୍ୟାରେଲ୍ ରାଇଫଲ, ୩ଟି ସିଙ୍ଗଲ୍ ବ୍ୟାରେଲ୍ ରାଇଫଲ, ଗୋଟିଏ ଦେଶୀ ବନ୍ଧୁକ, ଇନ୍‌ସାସ୍ ରାଇଫଲ, ୬୦ ରାଉଣ୍ଡ ଗୁଳି, ଚାଇନା ନିର୍ମିତ ହ୍ୟାଣ୍ଡ ଗ୍ରେନେଡ୍ ଏବଂ ଗୋଟିଏ ଡିଟୋନେଟର ମିଳିଛି। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଓ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୋମବାର ସକାଳେ ସୁରକ୍ଷା ସ୍ଥିତିର ସମୀକ୍ଷା କରିଥିଲେ। ଜାତିଆଣ ହିଂସା ପରେ ସେନା କାର୍ଯ୍ୟାନୁଷ୍ଠାନରେ ୪୦ ସଶସ୍ତ୍ର ଉଗ୍ରପନ୍ଥୀ ନିହତ ହେଲେଣି ବୋଲି ରବିବାର ବୀରେନ୍ ସିଂ ସୂଚନା ଦେଇଥିଲେ। ଇମ୍ଫାଲରେ କର୍ଫ୍ୟୁ ବଳବତ୍ତର ରହିବା ସାଙ୍ଗକୁ ସୁରକ୍ଷା ବଳ ମୁତୟନ ଅଛନ୍ତି ଓ ବଜାର ବନ୍ଦ ରହିଛି। ରବିବାର ସଂଘର୍ଷଜନିତ ମୃତ୍ୟୁସଂଖ୍ୟା ୫ରେ ପହଞ୍ଚିଛି।

## ସଂକ୍ଷେପରେ

### କାର୍-ବସ୍ ମୁହାଁମୁହିଁ ଧକ୍କା: ୧୦ ମୃତ

ବେଙ୍ଗାଲୁରୁ, ୨୯।୫: କର୍ନାଟକର ମହୀଶୂରରେ ଏକ କାର୍ ଏବଂ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଶିଶୁଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁତର ଆହତ ଇନୋଭା କାରର ଜଣେ ଯାତ୍ରୀ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ମୃତଦେହଗୁଡ଼ିକ ଏହା ଭିତରେ ଚାପିହୋଇ ରହିଯାଇଥିଲା। ଇନୋଭାରେ ଯାଉଥିବା ଲୋକମାନେ ବେଲାରୀ ଅଞ୍ଚଳର। ସେମାନେ ମାଲେ ମାଦେଶ୍ୱର ମନ୍ଦିର ଦର୍ଶନ ସାରି ମହୀଶୂର ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ୮ ଶ୍ରମିକଙ୍କ ମୃତ୍ୟୁ

ଧାନବାଦ, ୨୯।୫(ଆଇଏଏନ୍‌ଏସ୍): ଝାଡ଼ଖଣ୍ଡ ଧାନବାଦ ଜିଲାର ନିଚିତପୁର ରେଲୱେ ଗେଟ୍ ନିକଟରେ ସୋମବାର ଖୁଣ୍ଟ ପୋତୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ୮ ଶ୍ରମିକ ପ୍ରାଣ ହରାଇଛନ୍ତି। ଶ୍ରମିକମାନେ ଖୁଣ୍ଟକୁ ପୋତିବା ପାଇଁ ଉଦ୍ୟମ କରୁଥିବାବେଳ ତାହା ୨୫,୦୦୦ ଭୋଲ୍ଟ ହାଇଟେନ୍‌ଶନ ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ହାୱଡ଼ା-ନୂଆଦିଲ୍ଲୀ ରେଲଲାଇନର ଧାନବାଦ ଏବଂ ଗୋମୋହ ମଧ୍ୟବର୍ତ୍ତୀ ସ୍ଥାନରେ ଏହି ବିଦ୍ୟୁତ୍ ଦୁର୍ଘଟଣା ଘଟିଛି। ଏଥିରେ ଅନ୍ୟ କେତେଜଣ ଶ୍ରମିକ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହି ରୁଟ୍ ଦେଇ ଯିବାକୁ ଥିବା ଟ୍ରେନ୍‌ଗୁଡ଼ିକୁ ବିଭିନ୍ନ ଷ୍ଟେଶନରେ ଅଟକା ଯାଇଥିଲା।


### ପୁଟିନ୍‌ଙ୍କ ସହ ବୈଠକ ପରେ ହସ୍ପିଟାଲରେ ବେଲାରୁଷ୍ ରାଷ୍ଟ୍ରପତି



ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ।

ମସ୍କୋ, ୨୯।୫: ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ରୁଦ୍ଧଦ୍ୱାର ବୈଠକ ପରେ ତାଙ୍କ ବେଲାରୁଷ ପ୍ରତିପକ୍ଷ ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବେଲାରୁଷର ବିରୋଧୀ ଦଳ ନେତା ଏହି ସୂଚନା ଦେଇଛନ୍ତି। ମସ୍କୋର ସେଣ୍ଟ୍ରାଲ କ୍ଲିନିକାଲ ହସ୍ପିଟାଲରେ ଲୁକାଶେଙ୍କୋଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ୨୦୨୦ର ରାଷ୍ଟ୍ରପତି ପ୍ରାର୍ଥୀ ଭାଲେରି ସେପ୍‌କାଲୋ କହିଛନ୍ତି। ତେବେ ରୁଷିଆ କିମ୍ବା ହସ୍ପିଟାଲ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନାହିଁ।

### ସିଭିସି ଭାବେ ଶପଥ ନେଲେ ପ୍ରବୀଣ କୁମାର



ନୂଆଦିଲ୍ଲୀ, ୨୯।୫(ପି.ଟି.): ଭିଜିଲାନ୍ସ କମିଶନର ଥିବା ପ୍ରବୀଣ କୁମାର ଶ୍ରୀବାସ୍ତବ ସୋମବାର ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର (ସିଭିସି) ଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଥିଲେ। ସିଭିସି ଭାବେ ସୁରେଶ ଏନ୍ ପଟେଲଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଶ୍ରୀବାସ୍ତବ ଗତବର୍ଷ ଡିସେମ୍ବରରୁ କାର୍ଯ୍ୟକାରୀ ସିଭିସି ଭାବେ କାର୍ଯ୍ୟ କରିଆସୁଥିଲେ। ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସିଭିସିଙ୍କ ନେତୃତ୍ୱରେ ପରିଚାଳିତ କମିଶନ୍‌ରେ ସର୍ବାଧିକ ଦୁଇଜଣ ଭିଜିଲାନ୍ସ କମିଶନର ରହିପାରିବେ। ପୂର୍ବତନ ଗୋଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ଅରବିନ୍ଦ କୁମାର ବର୍ତ୍ତମାନ ଏକମାତ୍ର ଭିଜିଲାନ୍ସ କମିଶନର ଅଛନ୍ତି। ୧୯୮୮ ବ୍ୟାଚ୍‌ର ଆସାମ-ମେଘାଳୟ କ୍ୟାଡରର ଆଇଏଏସ୍ ଅଫିସର ଶ୍ରୀବାସ୍ତବ ଗତବର୍ଷ ଜାନୁୟାରୀ ୩୧ରେ କ୍ୟାବିନେଟ ସଚିବାଳୟର ସମନ୍ୱୟ ସଚିବ ଭାବେ ଅବସର ଗ୍ରହଣ କରିଥିଲେ।

## ବାୟୁସେନା ବିମାନ କିଣାରେ ଦୁର୍ନୀତି

### ରୋଲ୍ସ ରୟସ୍, ଅସ୍ତ୍ର ଡିଲରଙ୍କ ବିରୋଧରେ ସିବିଆଇ ମାମଲା

ନୂଆଦିଲ୍ଲୀ, ୨୯।୫

ଭାରତୀୟ ବାୟୁସେନା ଓ ନୌସେନା ପାଇଁ ହକ୍ ୧୧୫ ଅତ୍ୟାଧୁନିକ ଜେଟ୍ ଟ୍ରେନର ବିମାନ କିଣାରେ ଲାଞ୍ଚ କାରବାର ଅଭିଯୋଗରେ ବ୍ରିଟିଶ ଏରୋସ୍ପେସ୍ ଓ ପ୍ରତିରକ୍ଷା କମ୍ପାନୀ ରୋଲ୍ସ ରୟସ୍ ପିଏଲ୍‌ସି , ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ଅସ୍ତ୍ର ଡିଲରଙ୍କ ବିରୋଧରେ ସିବିଆଇ ଦୁର୍ନୀତି ମାମଲା ରୁଜୁ କରିଛି। ସିବିଆଇ ଦୀର୍ଘ ୬ ବର୍ଷ ତଦନ୍ତ କରିବା ପରେ ରୋଲ୍ସ ରୟସ୍‌ର ନିର୍ଦ୍ଦେଶକ ଟିମ୍ ଜୋନ୍ସ, ଅସ୍ତ୍ର ବ୍ୟବସାୟୀ ସୁଧୀର ଚୌଧରୀ ଓ ଭାନୁ ଚୌଧରୀ, ରୋଲ୍ସ ରୟସ ପିଏଲ୍‌ସି ଓ ବ୍ରିଟିଶନ ଏରୋସ୍ପେସ୍ ସିଷ୍ଟମ୍ସ ବିରୋଧରେ ଆଇପିସିର ଧାରା ୧୨୦-ବି ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ମାମଲା ଦାଏର ହୋଇଛି। ଡିଲ୍ ପାଇଁ କମ୍ପାନୀ ପକ୍ଷରୁ ମଧ୍ୟସ୍ଥଙ୍କୁ କମିଶନ ଦିଆଯାଇଥିବା ସମ୍ପର୍କରେ ୨୦୧୭ରେ ବ୍ରିଟେନ୍‌ର ଏକ ଅଦାଲତ ରାୟ ଦେଇଥିଲେ। ୭୩୪.୨୧ ନିୟୁତ ପାଉଣ୍ଡରେ ୨୪ଟି ହକ୍ ୧୧୫ ଏଜେଟି ବିମାନ କିଣିବା ପାଇଁ ୨୦୦୩ରୁ ୨୦୧୨ ମଧ୍ୟରେ ଅଭିଯୁକ୍ତ ମଧ୍ୟସ୍ଥମାନେ କେତେଜଣ ସରକାରୀ ଅଧିକାରୀଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଥିଲା।

### ରୁଷିଆ ୱାଣ୍ଟେଡ୍ ତାଲିକାରେ ଆମେରିକା ସିନେଟର୍



ଲିଣ୍ଡ୍‌ସେ ଗ୍ରାହାମ୍

ମସ୍କୋ, ୨୯।୫

ଆମେରିକା ସିନେଟର ଲିଣ୍ଡ୍‌ସେ ଗ୍ରାହାମ୍‌ଙ୍କୁ ରୁଷିଆ ଗୃହ ମନ୍ତ୍ରଣାଳୟ ୱାଣ୍ଟେଡ୍ ତାଲିକାରେ ରଖିଛି। ଗତ ଶୁକ୍ରବାର ଗ୍ରାହାମ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କିଙ୍କୁ ଭେଟିଥିଲେ। ଏହି ଅବସରରେ ସେ କହିଥିଲେ, ରୁଷୀୟମାନେ ମରିବା ଅବସ୍ଥାରେ। ୟୁକ୍ରେନ୍‌କୁ ଆମେରିକାର ସହାୟତା ଆମେ ବ୍ୟୟ କରିଥିବା ଶ୍ରେଷ୍ଠ ଅର୍ଥ ବୋଲି ଗ୍ରାହାମ କହୁଥିବାରୁ ଏକ ସଂଶୋଧିତ ଭିଡିଓରୁ ଜଣାପଡ଼ିଛି। ତାଙ୍କ ମନ୍ତବ୍ୟକୁ ରୁଷିଆ ସମାଲୋଚନା କରିବା ସହ ତାଙ୍କୁ ୱାଣ୍ଟେଡ୍ ତାଲିକାରେ ରଖିଛି। ପରେ ୟୁକ୍ରେନ୍ ବୈଠକର ପୂରା ଭିଡିଓ ଜାରି କରିଥିଲା, ଯେଉଁଥିରେ ଉପରୋକ୍ତ ଦୁଇଟି ମନ୍ତବ୍ୟ ନ ଥିବା ଦେଖାଦେଇଛି। ଅନ୍ୟପକ୍ଷରେ ଗ୍ରାହାମଙ୍କ ମନ୍ତବ୍ୟର ଆପରାଧିକ ତଦନ୍ତ କରାଯିବ ବୋଲି ରୁଷିଆର ତଦନ୍ତକାରୀ କମିଟି କହିଛି।

## ଜଳ ସୁରକ୍ଷା ପ୍ରତି ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବିପଦ

ନୂଆଦିଲ୍ଲୀ, ୨୯।୫(ପି.ଟି.)

### ବିଶେଷଜ୍ଞଙ୍କ ମତ

ଭାରତର ଜଳସୁରକ୍ଷା ପ୍ରତି ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଗମ୍ଭୀର ବିପଦ ଆଣିଛି। ଏହି ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନିଆ ନ ଗଲେ ଜଳ ସଙ୍କଟ ବଢ଼ିବା ସହ ଏହାର ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ପ୍ରଭାବ ଅନୁଭୂତ ହେବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଜାତିସଂଘ ରିପୋର୍ଟ ଅନୁଯାୟୀ ୧୪୨ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ସହ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଛି। ଜଳସଙ୍କଟର ସମାଧାନ ପାଇଁ ଉନ୍ନତ ଜଳପରିଚାଳନା ଜରୁରୀ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଚ୍ୟାଲେଞ୍ଜର ସମାଧାନ ପାଇଁ ନୀତିରେ ସଂସ୍କାର ଆଣିବା ସହ ପ୍ରାକୃତିକ ପରିବେଶର ସୁରକ୍ଷା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଷ୍ଟିପାତ ଢାଞ୍ଚା ବଦଳିବା ସହ ସମୁଦ୍ର ଜଳସ୍ତର ବୃଦ୍ଧି ପାନୀୟ ଜଳ ସମସ୍ୟା ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃ ସରକାରୀ ପ୍ୟାନେଲ୍‌ର ଅଦିତି ମୁଖାର୍ଜୀ କହିଛନ୍ତି, ବିକୃତ ନୀତି ଓ ପ୍ରୋତ୍ସାହନ ଯୋଗୁ ନିକୃଷ୍ଟ ଜଳପରିଚାଳନା ଭାରତରେ ଦୀର୍ଘଦିନ ଧରି ଜଳ ସମସ୍ୟାର କାରଣ ହୋଇଛି। ସବୁଜ ବିପ୍ଳବ ସମୟରେ ପ୍ରଚଳନ କରାଯାଇଥିବା ଅତ୍ୟଧିକ ଜଳ ଆବଶ୍ୟକ କରୁଥିବା ଫସଲ ଏବଂ ତ୍ରୁଟିପୂର୍ଣ୍ଣ ସହରାଞ୍ଚଳ ଡିଜାଇନ୍ ଭାରତର ଜଳ ସମସ୍ୟାର ଅନ୍ୟତମ କାରଣ ବୋଲି ମୁଖାର୍ଜୀ କହିଛନ୍ତି। ଜଳସଙ୍କଟର ସମାଧାନ ଲାଗି ଉପଯୁକ୍ତ ନୀତି, ଅନୁଷ୍ଠାନ, ପ୍ରୋତ୍ସାହନ ଏବଂ ଶାସନ ଜରୁରୀ ବୋଲି ସେ ମତ ଦେଇଛନ୍ତି।


## ଶ୍ରୀହରିକୋଟାରେ ଚନ୍ଦ୍ରୟାନ-୩

ନୂଆଦିଲ୍ଲୀ, ୨୯।୫ (ପି.ଟି.)

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚନ୍ଦ୍ରକୁ ଚନ୍ଦ୍ରୟାନ-୩ ପଠାଇବା ଲାଗି ସବୁ ପ୍ରକାର ବ୍ୟବସ୍ଥା କରିସାରିଛି। ସୋମବାର ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ରଠାରେ ଉପଗ୍ରହ ଆସି ପହଞ୍ଚିଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ଚନ୍ଦ୍ର ମିଶନ ଅତିଶୀଘ୍ର ଭାରତର ସର୍ବଶକ୍ତିଶାଳୀ ରକେଟ ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ ଭେହିକିଲ୍ ମାର୍କ-୩ (ଜିଏସ୍‌ଏଲ୍‌ଭି ଏମ୍‌କେ-୩) ସହ ଏକୀଭୂତ ହେବ। ଆସନ୍ତା ଜୁଲାଇରେ ଚନ୍ଦ୍ରୟାନ-୩ ଉତ୍କ୍ଷେପଣ ହେବାର କାର୍ଯ୍ୟକ୍ରମ ରହିଛି। ଅର୍ବିଟାଲ ପାରାମିଟରକୁ ଦେଖି ସମୟ ନିର୍ଘଣ୍ଟ କରାଯିବ।

ସୋମବାର ଜିଏସ୍‌ଏଲ୍‌ଭିଏଫ୍୧୨କୁ ସଫଳତାର ସହ ଉତ୍କ୍ଷେପଣ କରାଯିବା ପରେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି, ଚନ୍ଦ୍ରୟାନ ଚନ୍ଦ୍ରରେ ପହଞ୍ଚିବା ସୁନିଶ୍ଚିତ କରିବା ସକାଶେ ଯେଉଁସବୁ ସଂଶୋଧନ ଦରକାର ତାହା କରାଯାଇଛି। ଯଦି ଶେଷ ମୁହୂର୍ତ୍ତରେ କୌଣସି ସନ୍ଦେହ ଉପୁଜିବ ସେତେବେଳେ ଉତ୍କ୍ଷେପଣକୁ ସ୍ଥଗିତ ରଖାଯିବ।

### ଜୁଲାଇରେ ଲଞ୍ଚ ହେବ



## ଦୁର୍ଘଟଣାରେ ୭ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ଗୁଆହାଟୀ, ୨୯।୫: ଆସାମର ଗୁଆହାଟୀରେ ସୋମବାର ସକାଳେ ଦ୍ରୁତ ବେଗରେ ଆସୁଥିବା ଏକ ଏସ୍‌ୟୁଭି ସହ ପିକ୍-ଅପ୍ ଟ୍ରକ୍‌ର ଧକ୍କା ହେବାରୁ ୭ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଗୁଆହାଟୀର ଜାଲୁକବାରି ଫ୍ଲାଏଓଭର ନିକଟରେ ଏହି ଦୁର୍ଘଟଣା ଘଟିଛି। ସ୍କର୍ପିଓ ଏସ୍‌ୟୁଭିଟି ରାସ୍ତା ଡିଭାଇଡର ଅତିକ୍ରମ କରି ବିପରୀତ ଦିଗରୁ ଆସୁଥିବା ପିକ୍-ଅପ୍ ଟ୍ରକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଉଭୟ ଗାଡ଼ି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଏସ୍‌ୟୁଭିରେ ଆସାମ ଇଞ୍ଜିନିୟରିଂ କଲେଜର ୧୦ ଜଣ ହଷ୍ଟେଲ ଛାତ୍ର ଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।



ଦୁର୍ଘଟଣାରେ ଚୂରମାର ହୋଇଥିବା କାର୍।

## ଦିଲ୍ଲୀ ରାସ୍ତାରେ ନାବାଳିକାଙ୍କୁ ୨୨ ଥର ଛୁରି ଭୁସିଲେ

ନୂଆଦିଲ୍ଲୀ, ୨୯।୫

- ଉଦ୍ଧାର କରିବାକୁ କେହି ଆସିଲେନି
- ହତ୍ୟାକାରୀ ପୁରୁଷ ବନ୍ଧୁ ଗିରଫ
- ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ: ନାବାଳିକାଙ୍କ ମାଆ

ଉତ୍ତର ଦିଲ୍ଲୀର ରୋହିଣୀ ଅଞ୍ଚଳରେ ରବିବାର ଲୋକମାନଙ୍କ ଆଗରେ ଜଣେ ୧୬ ବର୍ଷୀୟା ବାଳିକାଙ୍କୁ ତାଙ୍କ ପୁରୁଷବନ୍ଧୁ ୨୨ ଥର ଛୁରି ଭୁସିବା ପରେ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଛନ୍ତି। ଏହି ବୀଭତ୍ସ ହତ୍ୟାକାଣ୍ଡ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଜନଗହଳି ରାସ୍ତାରେ ସାହିଲ ନାମକ ଅଭିଯୁକ୍ତ ଯୁବକ କ୍ରମାଗତ ଭାବେ ଆକ୍ରମଣ କରି ଚାଲିଥିଲେ। ଏଭଳି ଲୋମହର୍ଷଣକାରୀ ଦୃଶ୍ୟକୁ ଲୋକମାନେ ଦେଖି ନ ଦେଖିଲା ଭଳି ଚାଲିଯାଉଥିଲେ। କେହି ଜଣେ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସି ନ ଥିଲେ। ଏସି ଟେକ୍‌ନିସିଆନ୍ ୨୦ ବର୍ଷୀୟ ସାହିଲଙ୍କୁ ଉତ୍ତରପ୍ରଦେଶର ବୁଲନ୍ଦସହରରୁ ସୋମବାର ଗିରଫ କରାଯାଇଛି।



ଆକ୍ରମଣ ବେଳର ସିସିଟିଭି ଫଟୋ।






ଅଭିଯୁକ୍ତ ସାହିଲ

ରବିବାର ସନ୍ଧ୍ୟାରେ ଶାହବାଦ ଡେରି ଅଞ୍ଚଳରେ ସାହିଲ ଏକ ଛୁରିରେ ନାବାଳିକାଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ। ଗୋଟିଏ ଥର ଛୁରି ଲାଖିଯିବାରୁ ସେ ତାକୁ ହଲାଇ ବାହାର କରୁଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ପରେ ସେ ଏକ ପଥର ସ୍ଲାବ୍ ଉଠାଇ ନାବାଳିକାଙ୍କ ମୁଣ୍ଡକୁ ବାରମ୍ବାର ପିଟିଥିଲେ। ନାବାଳିକା ଜଣକ ତାଙ୍କ ସାଙ୍ଗର ପୁଅ ଜନ୍ମଦିନରେ ଯୋଗଦେବାକୁ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ ବୋଲି ପୋଲିସ କହିଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ରବିବାର କୌଣସି କାରଣରୁ ଝଗଡ଼ା ହେବା ପରେ ଅଭିଯୁକ୍ତ ଜଣକ ବୀଭତ୍ସ ଭାବେ ହତ୍ୟା କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇଁ ପୋଲିସ ସେଠାରେ ପହଞ୍ଚି ନାବାଳିକାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପାଇଥିଲା।

ଆକ୍ରମଣକାରୀ ଯୁବକଙ୍କୁ ଜାଣି ନ ଥିବା ନାବାଳିକାଙ୍କ ମାଆ କହିବା ସହ ତାଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏଭଳି ହତ୍ୟାକାଣ୍ଡକୁ ନିନ୍ଦା କରିଛନ୍ତି। ଦିଲ୍ଲୀରେ ଆଇନ ଶୃଙ୍ଖଳା ବିପର୍ଯ୍ୟୟ ପାଇଁ ସେ ପୋଲିସ ଓ ଉପରାଜ୍ୟପାଳଙ୍କୁ ଦାୟୀ କରିଛନ୍ତି। ଏହି ଘଟଣାକୁ ନେଇ ଦିଲ୍ଲୀ ମହିଳା କମିଶନ ପୋଲିସକୁ ନୋଟିସ ଜାରି କରିଥିବା ଏହାର ମୁଖ୍ୟ ସ୍ୱାତି ମାଲିୱାଲ୍ କହିଛନ୍ତି।




# ତାଳଦଣ୍ଡା କେନାଲକୁ ଖସିଲା କାର୍

## ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

■ ରାସ୍ତାବନ୍ଦ ପାଇଁ ସୂଚନାଫଳକ ଲଗାଯାଇନାହିଁ

କଟକ ଅଫିସ,୨୯।୫

ତାଳଦଣ୍ଡା କେନାଲର ଉନ୍ନତୀକରଣ କାର୍ଯ୍ୟ ବେପରୁଆ ଭାବେ କରାଯାଉଥିବାରୁ ସୋମବାର ଜଣଙ୍କର ଜୀବନ ଯାଇଛି। ଉକ୍ତ କେନାଲ ରାସ୍ତାରେ କୌଣସି ସୂଚନାଫଳକ ନ ଥିବା କାରଣରୁ ମଧୁପାଟଣା ଥାନା ଅନ୍ତର୍ଗତ ଅନ୍ଦରପୁର ନିକଟ ତାଳଦଣ୍ଡା କେନାଲ ଭିତରକୁ ଏକ କାର୍ ଖସିପଡ଼ିଛି। ଫଳରେ କାର ଭିତରେ ଥିବା କଟକ ଜିଲା କନ୍ଦରପୁର ଥାନା ଅନ୍ତର୍ଗତ ମହୁରା ଅଞ୍ଚଳର ଜ୍ଞାନରଞ୍ଜନ ଜେନା(୬୦)ଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ ଅଞ୍ଜନା ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ଏଥିସହ ଜେସିବି ସହାୟତାରେ କାରକୁ କେନାଲ ଭିତରୁ ଉଦ୍ଧାର କରାଯାଇଛି। ଉକ୍ତ କାର୍‌ରୁ ୨ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଥିବା ଏସିପି ଅମରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସାର୍ତ୍ତୋଲ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିବା ଜ୍ଞାନରଞ୍ଜନ ଏବଂ ଅଞ୍ଜନା ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ କଲେଜ ଛକସ୍ଥିତ ଏକ ବ୍ୟାଙ୍କରୁ ଟଙ୍କା ଉଠାଇ କାରରେ ରଖିଥିଲେ। ପରେ ସେମାନେ ମାତୃଭବନରୁ ଅନ୍ଦରପୁର ଆଡ଼କୁ ଯିବାବେଳେ ରାସ୍ତା କାମ ସମ୍ପର୍କିତ କୌଣସି ସୂଚନା ଫଳକ ଲଗାଯାଇ ନ ଥିଲା। ଫଳରେ ଜ୍ଞାନରଞ୍ଜନ କାର୍ ନେଇ ଆଗକୁ ଯାଉଥିବାବେଳେ ରାସ୍ତା ବନ୍ଦ ଥିବା ଜାଣିବାକୁ ପାଇଥିଲେ। ସେ ଆଉ ଆଗକୁ ନ ଯାଇ କାର୍ ପଛକୁ ଫେରାଇଥିଲେ। ହେଲେ ବିଡ଼ମ୍ବନାର ବିଷୟ କାର୍‌ଟି ଅଚାନକ ତାଳଦଣ୍ଡା କେନାଲ ଭିତରକୁ ଖସିପଡ଼ିଥିଲା। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ଉଦ୍ଧାର ପାଇଁ ଧାଇଁ ଆସିଥିଲେ। ଖବରପାଇ ମଧୁପାଟଣା ପୋଲିସ ପହଞ୍ଚି ଉଭୟଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲା। ସେଠାରେ ଜ୍ଞାନରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଅଞ୍ଜନାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେପରୁଆ କାର୍ଯ୍ୟ ଯୋଗୁ ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ମଧୁପାଟଣା ଥାନାଧିକାରୀ ତୁଷାର ରଞ୍ଜନ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ମେୟର ସୁବାସ ସିଂ କହିଛନ୍ତି, ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତର ସହ ଦୃଷ୍ଟିଦେବୁ। ଅପରପକ୍ଷରେ ଏସିପି ପଣ୍ଡା କହିଛନ୍ତି, ସମ୍ପୃକ୍ତ ଅଞ୍ଚଳକୁ ବ୍ୟାରିକେଡ୍ କରାଯିବା ସହ କାର୍ଯ୍ୟ କରୁଥିବା ସଂସ୍ଥାକୁ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ତାଗିଦା କରାଯିବ।


ତାଳଦଣ୍ଡା କେନାଲକୁ ଖସିପଡ଼ିଥିବା କାର୍।

## ସଂକ୍ଷେପରେ

### ଚକ ଜମି ବିକି ପାରିବେ ମାଲିକ

**ଚକବନ୍ଦୀ ଅଧିନିୟମ-୧୯୭୨ର ଧାରା ୩୪ ଉଚ୍ଛେଦ ହେଲା**

ଭୁବନେଶ୍ୱର,୨୯।୫(ବ୍ୟୁରୋ): ଓଡ଼ିଶା ଚକବନ୍ଦୀ ଓ ଭୂମିର ବିଭକ୍ତୀକରଣ ନିବାରଣ ଅଧିନିୟମ-୧୯୭୨ର ଧାରା ୩୪ ଅନୁଯାୟୀ କୌଣସି ଚକଭୁକ୍ତ ଜମିର ବିଭକ୍ତୀକରଣ ଅଥବା ବିଭାଜନ ନିଷିଦ୍ଧ ଅଟେ। ଧାରା ୩୫ ଅନୁଯାୟୀ ଯଦି ଧାରା ୩୪କୁ ଉଲ୍ଲଂଘନ କରି କୌଣସି ଜମି ବିକ୍ରି କିମ୍ବା ବିଭାଜିତ ହୋଇଥିବ ତାହା ଅବୈଧ ବିବେଚତ ହେବ। ଉଲ୍ଲଂଘନକାରୀଙ୍କୁ ଜମିର ଉଚ୍ଛେଦ କରାଯିବ। ଏହି ଅଧିନିୟମର 'ଚାପ୍ଟର ଭି'ର ଧାରା ୩୪ ଓ ୩୫କୁ ଉଚ୍ଛେଦ କରିବା ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ସଂଶୋଧନ ଦ୍ୱାରା ଜମି ମାଲିକମାନେ ସେମାନଙ୍କର ଚକ ଜମି ବିକ୍ରି କିମ୍ବା ବିଭାଜନ କରିପାରିବେ। ପଟ୍ଟାଗୁଡ଼ିକର ମଧ ସଂଶୋଧନ ହୋଇପାରିବ। ଏହାଦ୍ୱାରା ଜମି ରେଜିଷ୍ଟ୍ରି ଶୁଳ୍କ ଓ ଅନ୍ୟାନ୍ୟ ଶୁଳ୍କର ଆଦାୟ ମଧ ବୃଦ୍ଧି ପାଇବ।

### ଭିଜିଲାନ୍ସ ଜାଲରେ କରଞ୍ଜିଆ ତହସିଲଦାର



ଠାକୁରମୁଣ୍ଡା,୨୯।୫(ଡି.ଏନ.ଏ.): ୪୯ନଂ. ଜାତୀୟ ରାଜପଥ ଜମି ଅଧିଗ୍ରହଣ ପାଇଁ ଆର୍ଥିକ ରାଶି ପ୍ରଦାନରେ ଚଞ୍ଚକତା ଅଭିଯୋଗରେ ମୟୂରଭଞ୍ଜ ଜିଲା କରଞ୍ଜିଆ ତହସିଲଦାର ଚାର୍ଲ୍ସ ନାୟକ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି। ସୋମବାର ସକାଳେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ତାଙ୍କର କରଞ୍ଜିଆସ୍ଥିତ ସରକାରୀ ବାସଭବନ, କାର୍ଯ୍ୟାଳୟ ଓ ଭଦ୍ରକସ୍ଥିତ ପୈତୃକ ଘରେ ଚଢ଼ାଉ ହୋଇଛି। ସେହିପରି ଏହି ଘଟଣାରେ କରଞ୍ଜିଆ ବ୍ଲକ ଅଧୀନ ଚଢ଼େଇଭୋଲସ୍ଥିତ ଜଣେ ଠିକାଦାରଙ୍କ ଘରେ ମଧ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ ଜାରି ରଖିଛି। କଟକ ଓ ଭୁବନେଶ୍ୱରରୁ ଆସିଥିବା ଭିଜିଲାନ୍ସ ଟିମ୍‌ରେ ୭ ଡିଏସ୍‌ପି, ୩ ଇନ୍ସପେକ୍ଟରଙ୍କ ସମେତ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିବା ସୂଚନା ମିଳିଛି।

### ଝାରସୁଗୁଡ଼ା ଜିଲା: ମିଳିଲା କାଳିଆ ସହାୟତା

ଭୁବନେଶ୍ୱର, ୨୯।୫(ବ୍ୟୁରୋ): ଝାରସୁଗୁଡ଼ା ଜିଲା ଚାଷୀଙ୍କୁ ୨୦୨୩ ଖରିଫ ଫସଲ ଋତୁ ପାଇଁ ସୋମବାର କାଳିଆ ସହାୟତା ରାଶି ମିଳିଛି। ଜିଲାର ୩୬,୨୪୯ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୨୪୬ ଜଣ ଭୂମିହୀନ କୃଷି ପରିବାରଙ୍କୁ ୨୦୨୩ ଖରିଫ ଫସଲ ଋତୁ ପାଇଁ ୭ କୋଟି ୩୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଳିଆ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ଏପ୍ରିଲ ପହିଲା ଓଡ଼ିଶା ଦିବସ ଅବସରରେ ଝାରସୁଗୁଡ଼ା ଜିଲା ବ୍ୟତୀତ ରାଜ୍ୟର ସମସ୍ତ ୨୯ ଜିଲାର ୪୨ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ୪୯ ହଜାରରୁ ଅଧିକ ଭୂମିହୀନ କୃଷି ପରିବାରକୁ ୮୭୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାଳିଆ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବାରୁ ସେତେବେଳେ ଏହି କାଳିଆ ସହାୟତା ରାଶି ହିତାଧିକାରୀଙ୍କୁ ଦିଆଯାଇ ନ ଥିଲା।

# ସ୍ତ୍ରୀଙ୍କୁ ମାରି ପୋତି ଦେଇଥିଲେ ସ୍ୱାମୀ

## ମାଟି ତଳୁ ମୃତଦେହ ବାହାର କଲା ପୋଲିସ

ବଣାଇଁ,୨୯।୫(ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅନ୍ତର୍ଗତ ବାବୁ ନୂଆଗାଁ ଗ୍ରାମରେ ରବିବାର ରାତିରେ ଘଟିଛି ଏକ ଅଭାବନୀୟ ଘଟଣା। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଠେଙ୍ଗାରେ ପିଟି ମାରିଦେବା ପରେ ଘର ପଛପଟେ ମୃତଦେହକୁ ସ୍ୱାମୀ ପୋତିଦେଇଥିବା ନେଇ ଅଭିଯୋଗ ହୋଇଛି। ହତ୍ୟାର ଶିକାର ମହିଳା ହେଲେ ସରସ୍ୱତୀ କିସାନ(୩୦)। ବଣାଇ ପୋଲିସ ପୋତା ଯାଇଥିବା ମୃତଦେହ ଜବତ କରି ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା (୧୦୦/୨୩) ରୁଜୁ ହୋଇଛି। ଅଭିଯୁକ୍ତ ସ୍ୱାମୀ ତ୍ରିଲୋଚନ କିସାନ (୩୩)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି ପୋଲିସ। ହତ୍ୟାରେ ବ୍ୟବହୃତ କୋଦାଳ ବେଣ୍ଟ ଓ ମୃତାଙ୍କ ଲୁଗା ଜବତ ହୋଇଛି।

ପୋଲିସ ସୂଚନା ଅନୁସାରେ ଆଠବର୍ଷ ତଳେ ତ୍ରିଲୋଚନଙ୍କ ସହ ସରସ୍ୱତୀଙ୍କ ବିବାହ ହୋଇଥିଲା। ଏହି ଦମ୍ପତି ଦିନ ମଜୁରିଆଭାବେ କାମ କରୁଥିଲେ। ଘରେ ଦେଶୀ ମଦ ରଖି ବିକ୍ରି କରୁଥିଲେ। ଏଥିପାଇଁ ତାଙ୍କ ଘରେ ନିଶା ସେବନକାରୀଙ୍କ ଆତଯାତ ଥିଲା। ତାଙ୍କର ୩ଟି ପୁଅ ଅଛନ୍ତି। ହେଲେ ଗତ କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ରହୁ ନ ଥିଲା। ତ୍ରିଲୋଚନ ସ୍ତ୍ରୀଙ୍କ ଚରିତ୍ରକୁ ଆକ୍ଷେପ କରି ଗାଳିଗୁଲଜ କରୁଥିଲେ। ରବିବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପୁଣି ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ତ୍ରିଲୋଚନ ଏକ କୋଦାଳ ବେଣ୍ଟରେ ସରସ୍ୱତୀଙ୍କୁ ନିସ୍ତୁକୁ ପିଟି ଥିଲେ। ମରି ଯାଇଥିବା ଜାଣିବା ପରେ ବିଳମ୍ବିତ ରାତିରେ ସ୍ତ୍ରୀଙ୍କ ମୃତଦେହକୁ ଘର ପଛପଟ ବାଡ଼ିରେ ଥିବା ଏକ କଦଳୀ ଗଛ ମୂଳରେ ପୋତି ଦେଇଥିଲେ। ଏନେଇ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ସବୁ ସତ କଥା ମାନି ଯାଇଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ, ସାଇଣ୍ଟିଫିକ୍ ଦଳ ମୃତଦେହକୁ ମାଟି ତଳୁ ବାହାର କରିଥିଲା।

# ଯୁକ୍ତ ୨ ନାମଲେଖା ପାଇଁ ଆବେଦନ ଆରମ୍ଭ

■ ଚଳିତବର୍ଷ ୫ଲକ୍ଷ ୧୬ହଜାର ୬୧୮ ସିଟ୍

■ ପ୍ରଥମ ଦିନରେ ୪୬ ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକରଣ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

୨୦୨୩ ଶିକ୍ଷାବର୍ଷରେ ରାଜ୍ୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଜୁନିୟର କଲେଜଗୁଡ଼ିକରେ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ସାମ୍ସ ପୋର୍ଟାଲ ଜରିଆରେ ଛାତ୍ରୀଛାତ୍ର ସୋମବାର ପୂର୍ବାହ୍ନ ୧୧ଟାରୁ ଆବେଦନ ଆରମ୍ଭ କରିଛନ୍ତି।। ଆବେଦନର ଶେଷ ତାରିଖ ଜୁନ ୨୦ ରାତି ୧୧ଟା ୪୫ ଧାର୍ଯ୍ୟ କରାଯାଇଛି। ସାମ୍ସ ପୋର୍ଟାଲରୁ ମିଳିଥିବା ସୂଚନା ଅନୁସାରେ, ପ୍ରଥମ ଦିନରେ ରାତି ୮ଟା ୪୫ ସୁଦ୍ଧା ୪୬ ହଜାର ୧୩୨ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୨୯ ହଜାର ୧୮୫ ଜଣ ଆବେଦନ କରିଛନ୍ତି। ସେହିପରି ୨୮ ହଜାର ୮୪୭ ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି। ଚଳିତଥର ଯୁକ୍ତଦୁଇ ସିଟ୍ ବୃଦ୍ଧି କରାଯାଇଛି। ୧୦୬ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲାଯିବା ପାଇଁ ପଦକ୍ଷେପ ନିଆଯାଇଛି। ରାଜ୍ୟର ମୋଟ ୨୧୦୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫ ଲକ୍ଷ ୧୬ ହଜାର ୬୧୮ ସିଟ୍ ରହିଛି। ଏଥିମଧ୍ୟରେ କଳାରେ ୨ ଲକ୍ଷ ୮୯ ହଜାର ୬୯୮, ବିଜ୍ଞାନରେ ୧ ଲକ୍ଷ ୫୯ ହଜାର ୪୧୨, ବାଣିଜ୍ୟରେ ୪୪,୩୮୮, ସଂସ୍କୃତରେ ୧୩,୧୦୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦,୦୧୨ ଆସନରେ ନାମଲେଖା ପ୍ରକ୍ରିୟା ଅନୁଷ୍ଠିତ ହେବ। କଟ୍‌ଅଫ୍ ମାର୍କ ଅନୁସାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଜୁନ ୨୮ ତାରିଖ ସକାଳ ୧୧ଟା ୪୫ରେ ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟ ମେଧା ତାଲିକାରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ଜୁନ ୨୯ରୁ ଜୁଲାଇ ୫ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ନାମ ଲେଖାଇବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୧୩ ତାରିଖ ଅପରାହ୍ନ ୩ଟାରେ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଜୁଲାଇ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ୩ଦିନ ଚାଲିବ। ଦୁଇଟି ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟା ଶେଷ ହେବା ପରେ ଯଦି ସିଟ୍ ଖାଲିପଡ଼େ ତେବେ ସ୍ପଟ୍ ନାମଲେଖା ଲାଗି ତାଲିକା ପ୍ରକାଶ ପାଇବ। ଜୁଲାଇ ୨୬ ତାରିଖ ପୂର୍ବାହ୍ନ ୧୧ଟାରେ ଏହି ତାଲିକା ପ୍ରକାଶ ପାଇବ। ଜୁଲାଇ ୨୯ରୁ ଯୁକ୍ତ ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଧାର୍ଯ୍ୟ କରାଯାଇଛି।

# ୩୧ ସୁଦ୍ଧା ଯୁକ୍ତ୨ ପରୀକ୍ଷାଫଳ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳକୁ ପରୀକ୍ଷାର୍ଥୀମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାବେଳେ ପରିଷଦ ପକ୍ଷରୁ ତାରିଖ ସ୍ଥିର ହୋଇପାରୁନାହିଁ। ପ୍ରଥମେ ୨୮ତାରିଖରେ ପରୀକ୍ଷାଫଳ ଘୋଷଣା ତାରିଖ ଜଣାପଡ଼ିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ତାହା ହୋଇ ନ ଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରକ୍ରିୟା ସମାପ୍ତ ହେବା ସହ ୩୧ ତାରିଖ ପୂର୍ବରୁ ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି କୁହାଯାଇଥିଲା। ମାତ୍ର ସୋମବାର ସୁଦ୍ଧା ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆସନ୍ତା ୩୧ ତାରିଖ ମଧ୍ୟାହ୍ନ ୧୨ଟା ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି।


ସୂଚନାଯୋଗ୍ୟ, ୨୦୨୨-୨୩ ଶିକ୍ଷାବର୍ଷରେ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ୧ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ପରୀକ୍ଷା ଦେବା ଲାଗି ୩ଲକ୍ଷ ୫୭ ହଜାର ୯୪୨ଜଣ ରେଗୁଲାର ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୩୩ ହଜାର ୮୫୫ଜଣ ରହିଥିଲେ। ସେହିପରି ଯୁକ୍ତ୨ ବିଜ୍ଞାନରେ ୯୩ ହଜାର ୮୯୪, ବାଣିଜ୍ୟରେ ୨୪ ହଜାର ୩୩୧ ଓ ଧନ୍ଦାମୂଳକ ଶିକ୍ଷାରେ ୫,୮୬୨ଜଣ ଛାତ୍ରୀଛାତ୍ର ରହିଥିଲେ। ଅନ୍ୟପଟେ ଯୁକ୍ତ ୨ ପରୀକ୍ଷା ଦେବା ପାଇଁ ଏକ୍ସରେଗୁଲାର ବର୍ଗର ୧ଲକ୍ଷ ୭୭ହଜାର ୨୦୪ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ଓଡ଼ିଶାର ୧,୧୪୫ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା। ଚଳିତ ବର୍ଷ ୨ଟି ପର୍ଯ୍ୟାୟରେ ଯୁକ୍ତ୨ ଖାତାଦେଖା ଆରମ୍ଭ ହୋଇଥିଲା। ଏପ୍ରିଲ ୧୦ରୁ ଆରମ୍ଭ ହୋଇ ମେ' ୫ ତାରିଖ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଓ ଅଫଲାଇନରେ ଖାତା ମୂଲ୍ୟାୟନ କରାଯାଇଥିଲା।

ସର୍ବଭାରତୀୟ ସ୍ତରରେ ବିଭିନ୍ନ ପ୍ରବେଶିକା ପରୀକ୍ଷାକୁ ନଜରରେ ରଖି ମେ' ମାସ ମଧ୍ୟ ଭାଗରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ କରିବାକୁ ସିଏଚ୍‌ଏସ୍‌ଇ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଏପର୍ଯ୍ୟନ୍ତ ପରୀକ୍ଷାଫଳ ପ୍ରକାଶ ନେଇ କୌଣସି ସ୍ପଷ୍ଟ ସୂଚନା ନ ମିଳିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଜୁନ ୮ରେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳାଫଳ ପ୍ରକାଶ ନେଇ କୁହାଯାଉଥିଲେ ମଧ୍ୟ ବିଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ।

# ପଦ୍ମଶ୍ରୀ ଦୈତାରୀ ନାୟକଙ୍କୁ ମିଳିବ 'ଓଡ଼ିଶା ଜଳ ମାନବ ପୁରସ୍କାର'

ଭୁବନେଶ୍ୱର, ୨୯।୫ (ବ୍ୟୁରୋ)

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶର ବିଭିନ୍ନ କ୍ଷେତ୍ରରେ ବଳିଷ୍ଠ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ପୁରସ୍କାରରେ ସମ୍ମାନିତ କରାଯିବ। ଏହି ଅବସରରେ ଓଡ଼ିଶାର କେନାଲ ପୁରୁଷ ଭାବେ ପରିଚିତ ତଥା ୨୦୧୯ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କେନ୍ଦୁଝର ଜିଲାର ଦୈତାରୀ ନାୟକଙ୍କୁ 'ଓଡ଼ିଶା ଜଳ ମାନବ ପୁରସ୍କାର' ପ୍ରଦାନ କରାଯିବ ବୋଲି ଓଡ଼ିଶା ପରିବେଶ ସମିତି କାର୍ଯ୍ୟନିର୍ବାହୀ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଔଷଧୀୟ ବୃକ୍ଷ ଓ ଉଦ୍ଭିଦ ବର୍ଗ ବିଜ୍ଞାନ କ୍ଷେତ୍ରରେ ବିଶେଷ ଗବେଷଣା ପାଇଁ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ. କୁଞ୍ଜ ବିହାରୀ ଶତପଥିଙ୍କୁ ୨୦୨୩ ବର୍ଷର 'ପରିବେଶବିତ୍ ପୁରସ୍କାର', ପ୍ରାଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ଜେନାଙ୍କୁ ରାଜ୍ୟରେ ଜୈବ ବିବିଧତା ସୁରକ୍ଷା ଓ ମଣିଷ-ହସ୍ତୀ ବିବାଦ କ୍ଷେତ୍ରରେ ସଚେତନତା ବୃଦ୍ଧି ନିମନ୍ତେ 'ଗ୍ରୀନ କ୍ରୁସେଡର୍ ପୁରସ୍କାର'ରେ ସମ୍ମାନିତ କରାଯିବ। ଏହି ଅବସରରେ ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ଜାତିସଂଘ ନିର୍ଦ୍ଧାରିତ ପ୍ରସଙ୍ଗ 'ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କର' ଉପରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଶେଷ ଆଲୋଚନା ଅନୁଷ୍ଠିତ ହେବ। ସମିତିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପରିବେଶ ସଚେତନ ବ୍ୟକ୍ତିମାନେ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏବଂ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଅନୁରୋଧ କରିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ବୁଡ଼ି ପାଣି ଆଣ୍ଠିଏ,**
**କଣା କହୁଛି ମେଘ ଦୁଲୁକୁଛି।**

ବେଳେବେଳେ ବିପଦ ପଡିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡ଼କ ହୋଇ ରହୁଥିବା ବା ବୁଲୁଥିବାର ଦେଖିବାକୁ ମିଳିଥାଏ। ଆସନ୍ନ ବିପଦ ପ୍ରତି ସଚେତନ ନ ଥିବା ଫୁଲାଫାଙ୍କିଆ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘଇତା ଯାହାର କନକ ପାତର**
**ତାକୁ ପାଟଶାଢ଼ି କେତେ ମାତର !**

ସ୍ୱାମୀ ଯାହାର ରାଜାଙ୍କ ଭଣ୍ଡାର ଘର ରକ୍ଷକ, ତାକୁ ପାଟଶାଢ଼ି ଅପୂର୍ବ ନୁହେଁ। ସ୍ୱାମୀ ଯୋଗ୍ୟ ଥିଲେ ସ୍ତ୍ରୀର କିଛି ଅଭାବ ରହିନଥାଏ। ଟାହିଁଲେ ବା ଇଚ୍ଛା କଲା ମାତ୍ରେ ସବୁକିଛି ହାତମୁଠାକୁ ଆସିଯାଇଥାଏ। ସ୍ୱାମୀ ପାରିବାର ହୋଇଥିଲେ ସ୍ତ୍ରୀ ସ୍ୱର୍ଗସୁଖ ଲାଭ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆପାର୍ଟମେଣ୍ଟ ପଞ୍ଜୀକରଣ ବାଟ ଖୋଲିଲା

## ଓଡ଼ିଶା ଆପାର୍ଟମେଣ୍ଟ ଅଧିନିୟମ ଅଧ୍ୟାଦେଶକୁ କ୍ୟାବିନେଟ୍ ମୋହର



ଭୁବନେଶ୍ୱର,୨୯।୫(ବ୍ୟୁରୋ)

ଗତ ୧ ବର୍ଷ ଧରି ବନ୍ଦ ହୋଇ ରହିଥିବା ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ବାଟ ଖୋଲିଲା। ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ଅଧିନିୟମ-୨୦୨୩କୁ ଅଧ୍ୟାଦେଶ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ଅଧ୍ୟାଦେଶକୁ ଅନୁମୋଦନ କରାଯାଇଛି।

ଆପାର୍ଟମେଣ୍ଟ ପଞ୍ଜୀକରଣ ବେଳେ ରିୟଲ ଇଷ୍ଟେଟ୍ ଅଥରିଟି ଆକ୍ଟ(ରେରା)-୨୦୧୬କୁ ଉଲ୍ଲଂଘନ କରାଯାଉଥିବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଫଳରେ ଗତ ବର୍ଷେ ହେବ ଆପାର୍ଟମେଣ୍ଟ ପଞ୍ଜୀକରଣ ହୋଇପାରୁନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ‘ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨’କୁ ଉଚ୍ଛେଦ କରି ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ଅଧିନିୟମ-୨୦୨୩କୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ବିଧାନସଭା ବଜେଟ ଅଧିବେଶନରେ ଅନୁମୋଦନ ପାଇଁ ଆସିଥିବା ଉକ୍ତ ଅଧିନିୟମ ପ୍ରସ୍ତାବକୁ ରାଜ୍ୟ ସରକାର ପ୍ରତ୍ୟାହାର କରିନେଇଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨(୧୯୮୪ର ଓଡ଼ିଶା ଧାରା ୧)କୁ ଉଚ୍ଛେଦ କରି ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧ୍ୟାଦେଶ-୨୦୨୩କୁ କାର୍ଯ୍ୟକାରୀ କରିବା ନିମନ୍ତେ ଆଗତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବର୍ତ୍ତମାନ ବିଧାନସଭାର କୌଣସି ଅଧିବେଶନ ନ ଥିବାରୁ ଏହି ନୂଆ ଅଧିନିୟମକୁ ଅଧ୍ୟାଦେଶ ଜରିଆରେ ପ୍ରଣୟନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

ରିୟଲ ଇଷ୍ଟେଟ୍ (ନିୟମାବଳୀ ଓ ବିକାଶ) ଅଧିନିୟମ-୨୦୧୬ ଏବଂ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ନିୟମ, ୨୦୨୧ ମଧ୍ୟରେ ପରସ୍ପର ବିରୋଧାଭାସ ନିୟମ ରହିବାରୁ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ନିୟମ-୨୦୨୧ର ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଛି। ଏହି ମାମଲାଗୁଡ଼ିକ ଯୋଗୁ ଆପାର୍ଟମେଣ୍ଟ ପଞ୍ଜୀକରଣ ବନ୍ଦ ରହିଛି। ବିକ୍ରୟ କବଲା ପଞ୍ଜୀକୃତ ହେଉ ନ ଥିବାରୁ ରାଜ୍ୟ ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି। ଆପାର୍ଟମେଣ୍ଟକୁ ପ୍ରୋତ୍ସାହନ, ସେଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ଉତ୍ତରାଧିକାରୀ ଓ ହସ୍ତାନ୍ତର ଅଧିକାରକୁ ସୁନିଶ୍ଚିତ କରିବାକୁ ଅଧିନିୟମରେ ବ୍ୟବସ୍ଥା ରହିଛି। ଏଥିରେ ଆପାର୍ଟମେଣ୍ଟ ମାଲିକମାନଙ୍କର କମନ ଏରିଆ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ଉପରେ ଅଧିକାର ବ୍ୟବସ୍ଥା ରହିଛି।

# ୨୦୨୪ ମାର୍ଚ୍ଚ ସୁଦ୍ଧା ସରିବ ୯୦୦ ସେତୁର କାମ: ମନ୍ତ୍ରୀ



## ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ଗ୍ରାମ୍ୟ ଉନ୍ନୟନ ବିଭାଗର ବଜେଟ ଆର୍ଥିକ ବର୍ଷ ୨୦୦୦-୨୦୦୧ ତୁଳନାରେ ଏଥର ୨୫ ଗୁଣା ବୃଦ୍ଧି ପାଇଛି। ୨୦୦୦-୦୧ରେ ବିଭାଗର ବଜେଟ ୩୦୫ କୋଟି ଥିବାବେଳେ ଏହା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୭,୫୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ବିଭାଗ ବିଭିନ୍ନ ଯୋଜନା ଅଧୀନରେ ରାଜ୍ୟରେ ୨୨୪୧ ଗୋଟି ସେତୁ ନିର୍ମାଣ କରିଥିବା ବେଳେ ଅନ୍ୟ ୧୩୦୪ଟି ସେତୁର ନିର୍ମାଣ ବିଭିନ୍ନ ପର୍ଯ୍ୟାୟରେ ରହିଛି। ସେହିପରି ବିଜୁ ସେତୁ ଯୋଜନା ଅଧୀନରେ ୭୫୦ଟି ପ୍ରସ୍ତାବିତ ସେତୁର ଲକ୍ଷ୍ୟ ପୂରଣ ଦିଗରେ ବିଭାଗ ବର୍ତ୍ତମାନ ପର୍ଯ୍ୟନ୍ତ ୬୭୯ଟି ସେତୁ ନିର୍ମାଣ ସମ୍ପୂର୍ଣ୍ଣ କରିଛି। ମାର୍ଚ୍ଚ ୨୦୨୪ ସୁଦ୍ଧା ମୋଟ ୯୦୦ଟି ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ ସୋମବାର ଗତ ୪ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସଫଳତା ଓ ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ଏବଂ ପଦକ୍ଷେପ ବିଷୟରେ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ପ୍ରୀତିରଞ୍ଜନ କହିଛନ୍ତି, ସଡ଼କ କ୍ଷେତ୍ରରେ ବିଭାଗ ଦ୍ୱାରା ୧,୦୩,୭୩୧ କିମି ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ କରାଯାଇ ୧୮,୧୬୧ଟି ଗ୍ରାମବସତିକୁ ସବୁଦିନିଆ ରାସ୍ତା ସଂଯୋଗ ପ୍ରଦାନ କରାଯାଇଛି। ଗ୍ରିନ୍ ଟେକ୍ନୋଲୋଜି ବ୍ୟବହାର କରି ୧୦,୦୦୦ କିମିରୁ ଅଧିକ ରାସ୍ତା ନିର୍ମାଣ ସରିଛି। ଗ୍ରାମାଞ୍ଚଳରେ କୋଠାବାଡ଼ି ଭିତ୍ତିଭୂମିର ବିକାଶ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଆଇଟିଆଇ କଲେଜ ଏବଂ ସ୍କୁଲ୍ କୋଠା, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ରାଜସ୍ୱ ବିଭାଗ ଆଦିରେ ୮୭୦୦ଟି କୋଠାବାଡ଼ି ନିର୍ମାଣ କରି ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରିପାରିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଏବଂ ଅନ୍ୟାନ୍ୟ ରାଜ୍ୟ ଯୋଜନା ଅଧୀନରେ ୩୦୦୦ କିମିର ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା ବେଳେ ଅଦ୍ୟାବଧି ୬୨୪୭ କିମି ଦୈର୍ଘ୍ୟ ରାସ୍ତା ନିର୍ମାଣ କରାଯାଇଛି। ମାର୍ଚ୍ଚ ୨୦୨୪ ସୁଦ୍ଧା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଆଉ ୬୦୦୦ କିମିର ରାସ୍ତା ନିର୍ମାଣ କରି ସମୁଦାୟ ୧୨,୨୪୭ କିମି ସମ୍ପୂର୍ଣ୍ଣ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି।

# ସ୍ଥାପନ ହେବ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ

କ୍ୟାବିନେଟ୍ ନିଷ୍ପତ୍ତି

- ୨ ହଜାର କୋଟିର ଭିସୁଟ୍ ବିକାଶ ଯୋଜନାକୁ ଅନୁମୋଦନ
- ବେସରକାରୀ କଲେଜ ଲାଇବ୍ରେରି ଆଟେଣ୍ଡାଣ୍ଟ ହେଲେ ଅନୁଦାନ ପରିସରଭୁକ୍ତ
- ମରୁଡ଼ି ପ୍ରବଣ ଅଞ୍ଚଳରେ ଗଭୀର ନଳକୂପ ପାଇଁ ୩ ବର୍ଷରେ ଖର୍ଚ୍ଚ ହେବ ୩୬୪.୪୦ କୋଟି
- ଡେଲିଭରି ବୟ୍, ଜ୍ୱିଗାଟୋ ଫିଲ୍ମ ଟିକସମୁକ୍ତ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ଡାକ୍ତରୀ ଶିକ୍ଷାର ମାନ ବୃଦ୍ଧି ସହିତ ସମସ୍ତ ସରକାରୀ ଡାକ୍ତରଖାନାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନାମରେ ଏକ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏହି ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଛି। ରାଜ୍ୟର ପ୍ରାୟ ୨୦୦ରୁ ଅଧିକ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାନୁଷ୍ଠାନ ନିଜ ନିଜ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ଅଧୀନରେ ଡିଗ୍ରୀ କିମ୍ବା ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଛନ୍ତି; ଯାହାର ସ୍ୱାସ୍ଥ୍ୟ ବିଜ୍ଞାନ ଅଧ୍ୟୟନର ନିଜସ୍ୱ କୌଣସି ବିଶେଷଜ୍ଞ ଶାଖା ନାହିଁ। ପାଠ୍ୟକ୍ରମ, ଶିକ୍ଷାଦାନ ପ୍ରଣାଳୀ ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଆଦି ରାଜ୍ୟ ସ୍ୱାସ୍ଥ୍ୟ ବିଜ୍ଞାନ ଅଧ୍ୟୟନରେ ଏକ ପ୍ରତିବନ୍ଧକ ଭାବେ ରହି ଆସିଛି। ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ରାଜ୍ୟର ପ୍ରଗତିଶୀଳ ଶିକ୍ଷାର ଉଦ୍ଦେଶ୍ୟ ହାସଲରେ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି।

ସେହିପରି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ରୂପାନ୍ତର ପାଇଁ ୨ ହଜାର କୋଟି ବ୍ୟୟରେ ଇନ୍‌ଷ୍ଟିଚ୍ୟୁଟ ଡେଭେଲପ୍‌ମେଣ୍ଟ ପ୍ଲାନକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ଲାନ କାର୍ଯ୍ୟକାରୀ ହେଲେ ଭିସୁଟ୍‌ର ବିଶ୍ୱବିଦ୍ୟାଳୟ ଅନେକ ବହୁମୁଖୀ ପାଠ୍ୟକ୍ରମ ଓ ଗବେଷଣା ପାଠ୍ୟକ୍ରମକୁ ସାମିଲ କରିପାରିବ। ଏହା ଗୋଟିଏ ପଟେ ଏକାଡେମିକ୍ ଓ ଅନୁସନ୍ଧାନ ଏବଂ ଅନ୍ୟପକ୍ଷରେ ଶିଳ୍ପ ମଧ୍ୟରେ ସହଯୋଗ ଓ ପାରସ୍ପରିକ ସମ୍ପର୍କ ବୃଦ୍ଧି ପାଇଁ ଏକ କେନ୍ଦ୍ର ଭାବରେ କାର୍ଯ୍ୟକରିବ।

ରାଜ୍ୟ ସରକାର ବେସରକାରୀ କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଲାଇବ୍ରେରି ଆଟେଣ୍ଡାଣ୍ଟଙ୍କୁ ଅନୁଦାନ ନିୟମ-୨୦୦୮ ପରିସରଭୁକ୍ତ କରିଛନ୍ତି। ଓଡ଼ିଶା (ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଅନୁଦାନ ନିୟମକୁ ସଂଶୋଧନ କରାଯାଇଛି। ପ୍ରବେଶ ସ୍ତରରେ ଛାତ୍ରୀଛାତ୍ର ସଂଖ୍ୟା ୩୫୦ରୁ ଊର୍ଦ୍ଧ୍ୱ ଥିବା ବେସରକାରୀ କଲେଜ ଓ ଉଚ୍ଚମାଧ୍ୟମିକ ସ୍କୁଲଗୁଡ଼ିକରେ ଲାଇବ୍ରେରି ଆଟେଣ୍ଡାଣ୍ଟ ପଦବୀକୁ ଅନୁଦାନ ପ୍ରଦାନ କରାଯିବ। ଲାବରେଟୋରି ଆଟେଣ୍ଡାଣ୍ଟ ସଂଘ ଦାବିକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ରାଜ୍ୟ ସରକାର ମରୁଡ଼ି ପ୍ରବଣ ଅଞ୍ଚଳରେ ଭୂତଳଜଳର ପୋଷଣୀୟ ବିନିଯୋଗ ଯୋଜନା ପାଇଁ ୨୦୨୨-୨୩ରୁ ୨୦୨୪-୨୫ ଯାଏ ୩ ବର୍ଷ ପାଇଁ ୩୬୪.୪୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ଚାଷୀଙ୍କୁ ପ୍ରକଳ୍ପ ଖର୍ଚ୍ଚ ବାବଦକୁ ରିହାତି ପ୍ରଦାନରେ ସହାୟକ ହୋଇପାରିବ। ଏହି ଯୋଜନାରେ ଓଡ଼ିଶା କୃଷି ଶିଳ୍ପ ନିଗମ ମାଧ୍ୟମରେ କ୍ଲଷ୍ଟରଭିତ୍ତିରେ ଡିପ୍ ବୋରୱେଲ ସ୍ଥାପନ କରାଯାଇ ଜଳଉତ୍ସ ସୃଷ୍ଟି କରାଯିବ; ଯାହାକି ମରୁଡ଼ି ପରିସ୍ଥିତିରେ ଚାଷକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇପାରିବ ଓ ରବି ଚାଷକୁ ନିଶ୍ଚିତ କରାଯାଇପାରିବ। ଏହାଛଡ଼ା ପୂର୍ବରୁ ଥିବା ସେଚକୂପ ଓ କ୍ଷେତ ପୋଖରୀରୁ ସୌରଶକ୍ତି ମାଧ୍ୟମରେ ଜଳସେଚନ ପାଇଁ ୦.୫ ଶକ୍ତି କ୍ଷମତା ବିଶିଷ୍ଟ ପାଣିପମ୍ପ ଜରିଆରେ ଜଳ ଉତ୍ତୋଳନ କରାଯାଇପାରିବ। ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ଓଡ଼ିଆ ଚଳଚ୍ଚିତ୍ର ‘ଡେଲିଭରି ବୟ୍’କୁ ରାଜ୍ୟ ସରକାର କରମୁକ୍ତ ଘୋଷଣା କରିଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଚଳଚ୍ଚିତ୍ର ଖାଦ୍ୟ ପରିବେଷଣ କରୁଥିବା ବାହକ ଓ ତା’ର ସଡ଼କ ସୁରକ୍ଷା ସଚେତନତା ଉପରେ ପର୍ଯ୍ୟବସିତ। ଏଥିସହିତ ଜ୍ୱିଗାଟୋ ହିନ୍ଦୀ ଚଳଚ୍ଚିତ୍ରକୁ ମଧ୍ୟ ଟିକସମୁକ୍ତ କରିବା ପ୍ରସ୍ତାବ କ୍ୟାବିନେଟ ଅନୁମୋଦନ ଲାଭ କରିଛି। ଏହି ଚଳଚ୍ଚିତ୍ରଟି ଏକ ଖାଦ୍ୟ ପରିବେଷଣ କରୁଥିବା ବାହକ ଓ ତାଙ୍କ ପରିବାରର ଜୀବନ ସଂଘର୍ଷ ଉପରେ ପର୍ଯ୍ୟବସିତ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ପାପଗ୍ରହ ଦୃଷ୍ଟିବର୍ଜିତ ହେତୁ ପ୍ରତ୍ୟେକ କାର୍ଯ୍ୟରେ ଶୁଭଫଳ ପାଇବେ। କିନ୍ତୁ କଥା କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବାକୁ ପଡ଼ିବ। ଆଲୋଚନା କ୍ଷେତ୍ରରେ ଛୋଟ ଛୋଟ କଥାରେ ଚିହ୍ନା ପଡ଼ିଲେ ଅପଦସ୍ଥ ହେବେ। କଳା,ସାହିତ୍ୟ,ସଂସ୍କୃତି ଓ ଅନୁଷ୍ଠାନିକ କ୍ଷେତ୍ରରେ ସମ୍ମାନ ବୃଦ୍ଧି ପାଇବ।

**ବୃଷ** ଭ୍ରାତୃକାରକ ମଙ୍ଗଳ ତୃତୀୟସ୍ଥ ଦୁର୍ବଳ ଯୋଗୁ ଭାଇ ଭଗାରି ସାଜିପାରନ୍ତି କିମ୍ବା ସହକର୍ମୀ ସୁଯୋଗ ଉଣ୍ଡି ଅସୁବିଧାରେ ପକାଇପାରନ୍ତି। ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। କୌଣସି ଆନୁଷ୍ଠାନିକ କ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବେ। ବନ୍ଧୁବର୍ଗଙ୍କ ସହାନୁଭୂତି ଲାଭକରି କାମ ହାସଲ କରିବେ।

**ମିଥୁନ** ଚନ୍ଦ୍ର କେନ୍ଦ୍ରରେ ଶୁକ୍ର ମନୋରଞ୍ଜନ ସକାଶେ ସୁଯୋଗ ସୃଷ୍ଟି କରାଇବେ। ବନ୍ଧୁମିଳନ ସାଙ୍ଗକୁ ଦୂରଯାତ୍ରା, ସତ୍‌ସଙ୍ଗର ସୁଯୋଗ ପାଇପାରିବେ। ଆରଦ୍ରା ନକ୍ଷତ୍ର ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ବନ୍ଧୁ ବିରକ୍ତ ପ୍ରକାଶ କରିପାରନ୍ତି। ମାନସିକ ସ୍ଥିତି ଠିକ୍ ରହିଲେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟାରେ ଜଡ଼ିତ ରହିପାରନ୍ତି।

**କର୍କଟ** ସହନଶୀଳତା ଓ ସହଯୋଗ ମନୋଭାବରୁ ଆପଣ ସମସ୍ତଙ୍କର ଆଦରଣୀୟ ହେବେ। କିନ୍ତୁ ଆପଣଙ୍କ ସହ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଏହାହିଁ ଗାତ୍ରଦାହର କାରଣ ହୋଇପାରେ। ରବିବାରଠାରୁ ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ନିଶ୍ଚିତ ସଫଳତା ପାଇବେ। ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟରେ ମଧ୍ୟ ସମ୍ମାନ ମିଳିବ।

**ସିଂହ** ଚନ୍ଦ୍ରଙ୍କ ଧନଭାବ ସଂସ୍ଥାନ କାରଣରୁ ଆର୍ଥିକ ଉନ୍ନତି ସହ ବନ୍ଧୁଙ୍କ ଆଦରଣୀୟ ହେବେ। କୌଣସି ଶୁଭାକାଂକ୍ଷୀଙ୍କ ସାନ୍ନିଧ୍ୟରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ କରିବେ। ରାଜନୀତି ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କୌଣସି ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ।

**କନ୍ୟା** ଲାଭାଧିପ ରାଶିରେ ରହି ଆପଣଙ୍କୁ ବକେୟା ଅର୍ଥ ପ୍ରାପ୍ତିରେ ସହାୟକ ହେବ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ଏହାସାଙ୍ଗକୁ ସୁସମ୍ପର୍କ କ୍ଷୁଣ୍ଣହେବା କାରଣରୁ ଆତ୍ମୀୟଙ୍କ ପାଇଁ ଚିନ୍ତା ବଢ଼ିପାରେ। କଚେରି ମାମଲା ତଥା ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା** ଏକାଧିକ ଗ୍ରହ ସପ୍ତମ କେନ୍ଦ୍ରସ୍ଥ ଯୋଗୁ ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଶିଳ୍ପ, ବାଣିଜ୍ୟାଦି କ୍ଷେତ୍ର ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିପାରେ। ସଭାସମିତିରେ ଯୋଗ ଦେଲେ ପ୍ରଶଂସା ଓ ପ୍ରତିଷ୍ଠା ପାଇପାରିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ହେତୁ ମନ ଖୁସି ରହିବ। ଚିତ୍ରା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା** କିଏ କ’ଣ କହୁଛି କିମ୍ବା କରୁଛି ସେଥିପ୍ରତି ଧ୍ୟାନ ନ ଦେଇ ନିଜ କଥା ଚିନ୍ତାକରିବା ଭଲ। ଆଶା କରୁଥିବା ଦିଗରୁ ଅର୍ଥପ୍ରାପ୍ତି ପାଇଁ ଅନୁକୂଳତା ଅନୁଭବ କରିବେ। ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ।

**ଧନୁ** କର୍ମସ୍ଥ ଚନ୍ଦ୍ର ହେତୁ ଯେଉଁ କାମ ପାଇଁ ମନସ୍ଥ କରିଛନ୍ତି ତାହା ଆଜି ହିଁ ପୂର୍ଣ୍ଣତା ଲାଭ କରିବ। ପାରିବାରିକ କ୍ଷେତ୍ରରେ ପଛକଥା ପଛକୁ ପକାଇ କାମ କରିଚାଲନ୍ତୁ ଭଲ ହେବ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରି ଉପକୃତ ହେବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ମାନସିକ ସ୍ଥିତିର ପରିପନ୍ଥୀ ହୋଇ ନ ପାରେ।

**ମକର** ଦିନର ଦ୍ୱିତୀୟାର୍ଦ୍ଧରେ କେତେକ ସମସ୍ୟା ଆସିପାରେ। ଦେଖିବାକୁ ଗଲେ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ପୁତ୍ରକନ୍ୟାହେତୁକ ସମସ୍ୟା ଦେଖାଦେବା ଆଶଙ୍କା ରହିଛି। ପଡ଼ୋଶୀ କେହି ପ୍ରତିବାଦ କରିପାରନ୍ତି, ଯାହାକି ଆପଣଙ୍କ କାମ ପାଇଁ ବାଧକ ସାଜିପାରେ।

**କୁମ୍ଭ** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ, କିନ୍ତୁ ଶତଭିଷା ନକ୍ଷତ୍ରର ପାରିବାରିକ ସମସ୍ୟା ଦେଖାଦେବ। କର୍ମକ୍ଷେତ୍ରରେ ଓ ନିଜ ପରିବେଶରେ ପ୍ରିୟ କଥା କହି ସମସ୍ୟା ସୁଧାରିନେବେ। ଭ୍ରମଣହେତୁକ କ୍ଳାନ୍ତି ଦେଖାଦେଇପାରେ। ବନ୍ଧୁଙ୍କ କଥାରେ ଭରସାକରି ସମ୍ପୂର୍ଣ୍ଣ ନୀରବ ରହିଗଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ।

**ମୀନ** ଅର୍ଥାଭାବ ନ ଥାଇ ସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁଣ୍ଣ ଥିଲେ ମଧ୍ୟ ପାରିବାରିକ କନ୍ଦଳ ସମସ୍ତ ସୁଖକୁ ନଷ୍ଟ କରିଦେବ। ଅପରାହ୍ନରେ ଆପଣାଛାଏଁ ସମସ୍ୟା କମିବା ଫଳରେ ରହିଥିବା ଟେନ୍‌ସନ କମିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ଦଶହରା ଦଶମୀ ମଙ୍ଗଳବାର, ମେ ୩୦ ତାରିଖ। ଗଙ୍ଗାଦଶହରା, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ। ସକାଳ ଘ.୦୫।୧୧ଗତେ, ଘ.୦୬।୪୯ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୦୦ ଗତେ, ଘ.୦୪।୩୯ ମଧ୍ୟେ ରାହୁକାଳ । ଶାସ୍ତ୍ର କହନ୍ତି ,ଜ୍ୟେଷ୍ଠ ଶୁକ୍ଳ ଦଶମୀ ମଙ୍ଗଳବାର ହସ୍ତା ନକ୍ଷତ୍ରରେ ଭଗୀରଥଙ୍କ ଦ୍ୱାରା ଗଙ୍ଗା ମର୍ତ୍ତ୍ୟକୁ ଅବତରଣ କରିଥିଲେ। ଆଜି ଏହି ଗଙ୍ଗା ଦଶହରାରେ ଗଙ୍ଗା କିମ୍ବା ମହୋଦଧିରେ ସ୍ନାନପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକଲେ ଦଶପାପରୁ ମୁକ୍ତି ମିଳିଥାଏ ।

ପ୍ରଥମ ପୃଷ୍ଠାରୁ...

## ଅର୍ଥ ଆସୁନି...

ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଥିଲେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏନେଇ ଏନ୍‌ଏଚ୍ ପ୍ରୋଜେକ୍ଟ ଡାଇରେକ୍ଟର ଜୟପ୍ରକାଶ ବର୍ମା କହନ୍ତି, କୋଷ୍ଟାଲ ହାଇୱେ ପ୍ରକଳ୍ପ ପାଇଁ ସମସ୍ତ ତଥ୍ୟ ସହିତ ଆବଶ୍ୟକ ଥିବା ଜମି ଅଧିଗ୍ରହଣ ନିମନ୍ତେ ଅର୍ଥ ମଞ୍ଜୁର ପାଇଁ ସମ୍ଭାବ୍ୟ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଯାଇଛି। ଅର୍ଥ ମଞ୍ଜୁର ହେବା ପରେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ସାଇ ସୁଦର୍ଶନଙ୍କ...

ଦୁହେଁ ଦ୍ୱିତୀୟ ଉଇକେଟରେ ୪୨ ବଲ୍‌ରୁ ୬୪ ରନର ଭାଗୀଦାରି ଗଢ଼ିବାପରେ ଶାହା ବ୍ୟକ୍ତିଗତ ୫୪ (୩୯ ବଲ୍, ୫ ଚୌକା, ୧ ଛକା) ରନକରି ପ୍ୟାଭିଲିୟନ ଫେରିଥିଲେ। ସୁଦର୍ଶନ ଖେଳିଥିଲେ କ୍ୟାରିୟରର ଶ୍ରେଷ୍ଠ ଇନିଂସ। ସେ ଯଦିଓ ମାତ୍ର ୪ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ ତେବେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ତୃତୀୟ ଉଇକେଟରେ ମାତ୍ର ୩୩ ବଲ୍‌ରୁ ୮୧ ରନ ଯୋଗକରି ଗୁଜରାଟ ଇନିଂସକୁ ୨୦୦ ଅତିକ୍ରମ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ମଥିସା ପଥିରାନାଙ୍କ ଶେଷ ଓଭରର ପ୍ରଥମ ଦୁଇଟି ବଲ୍‌କୁ ଛକାରେ ପରିଣତ କରିବାପରେ ସେ ୟର୍କର ଲେନ୍ଥ ତୃତୀୟ ବଲ୍‌କୁ ଖେଳିବା ଅବସରରେ ଏଲବିଡବ୍ଲ୍ୟୁ ଆଉଟ ହୋଇ ଯାଇଥିଲେ। ଡିଆରଏସ୍‌ର ସହାୟତା ନିଆ ଯାଇଥିଲେ ହେଁ ନିଷ୍ପତ୍ତି ବୋଲରଙ୍କ ସପକ୍ଷରେ ଯାଇଥିଲା। ୪୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସୁଦର୍ଶନ ୮ ଚୌକା ଓ ୬ ଛକା ସହାୟତାରେ ୯୬ ରନ ସ୍କୋର କରିଥିଲେ। ହାର୍ଦ୍ଦିକ ୧୨ ବଲ୍‌ରୁ ୨ ଛକା ସହାୟତାରେ ୨୧ ରନକରି ଅପରାଜିତ ରହିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ମଥିସା ପଥିରାନା ୨ଟି ଏବଂ ଦୀପକ ଚହର ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ସବୁ କଚ୍ଚାଘର...

ପାଇଁ ସବ୍‌ସିଡିର ବ୍ୟବସ୍ଥା କରାଯାଇଛି। ୧ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୩୦ ହଜାର ଟଙ୍କା ଏବଂ ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମଙ୍କୁ ୪୦ ହଜାର ଟଙ୍କା ସବ୍‌ସିଡି ମିଳିବ। ୧.୫ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୪୫ ହଜାର ଟଙ୍କା ଏବଂ ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମଙ୍କୁ ୫୫ ହଜାର ଟଙ୍କା, ୨ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୬୦ ହଜାର ଏବଂ ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମଙ୍କୁ ୭୦ ହଜାର, ୩ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୬୦ ହଜାର ଏବଂ ଜାତି, ଜନଜାତି ଓ ଭିନ୍ନକ୍ଷମଙ୍କୁ ୭୦ ହଜାର ଟଙ୍କା ସବ୍‌ସିଡି ମିଳିବ।

ହିତାଧିକାରୀ ଇଚ୍ଛା କଲେ ୧୦ ବର୍ଷ ପୂର୍ବରୁ ମଧ୍ୟ ଋଣ ପରିଶୋଧ କରିପାରିବେ ଓ ମାସିକ କିସ୍ତି ରାଶିର ପରିମାଣ ବୃଦ୍ଧି କରିପାରିବେ। ବ୍ୟାଙ୍କ ହିତାଧିକାରୀଙ୍କଠାରୁ ପ୍ରାକ୍ ଋଣ ପରିଶୋଧ ବାବଦ କୌଣସି ଜରିମାନା ଅର୍ଥ ଆଦାୟ କରିପାରିବ ନାହିଁ। ଆବେଦନକାରୀ ଋଣ ପରିମାଣର ଅନ୍ତତଃ ୧୦% ଅର୍ଥରାଶି ମାର୍ଜିନ ଅର୍ଥ ହିସାବରେ ବିନିଯୋଗ କରିବେ। ଏହି ସର୍ବନିମ୍ନ ଅର୍ଥକୁ ଆବେଦନକାରୀ ଶ୍ରମଦାନ, ଗୃହ ନିର୍ମାଣ ସାମଗ୍ରୀ କ୍ରୟ କିମ୍ବା ଅର୍ଥ ଆକାରରେ ବିନିଯୋଗ କରିପାରିବେ। ଗୃହ ନିର୍ମାଣ କରାଯାଉଥିବା ଜମି ସ୍ୱତ୍ୱ ସ୍ଥିତିବାନ ବର୍ଗର ଓ ଘରବାରି କିସମର ହୋଇଥିବା ଆବଶ୍ୟକ। ଏହି ଜମିକୁ ଆବେଦନକାରୀ ସବ୍ ରେଜିଷ୍ଟ୍ରାର ଅଫିସରେ ଋଣ ପରିଶୋଧ ପର୍ଯ୍ୟନ୍ତ ବନ୍ଧକ ସୂତ୍ରରେ ପଞ୍ଜୀକରଣ କରିବାକୁ ହେବ। ହିତାଧିକାରୀଙ୍କ ଆର୍ଥିକ ବୋଝକୁ ହ୍ରାସ କରିବାକୁ ରାଜ୍ୟ ସରକାର ବନ୍ଧକ ସମୟରେ ଆବଶ୍ୟକ ପଞ୍ଜୀକରଣ ଶୁଳ୍କ ଓ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରିଛନ୍ତି। ସେହିପରି ଋଣ ନିମନ୍ତେ ସବ୍ ରେଜିଷ୍ଟ୍ରାର ଅଫିସରୁ ଆବଶ୍ୟକ ଦସ୍ତାବିଜର ପ୍ରମାଣୀକୃତ ନକଲ, ଇସି ଇତ୍ୟାଦି ପାଇବା ପାଇଁ ଆବଶ୍ୟକ ଦେୟକୁ ମଧ୍ୟ ସରକାର ଛାଡ଼ କରିଛନ୍ତି। ଗୃହ ନିର୍ମାଣ ସ୍ତର ଅନୁସାରେ ଋଣ ରାଶି ୨/୩ ପର୍ଯ୍ୟାୟରେ ପ୍ରଦାନ କରାଯିବ। ଋଣ ଆବେଦନ ନିମନ୍ତେ ରାଜ୍ୟ ସରକାର ଆଇନ ପରାମର୍ଶଦାତାଙ୍କ ଖର୍ଚ୍ଚ ବାବଦକୁ ୧ ହଜାର ଟଙ୍କା ବହନ କରିବେ। ଏହି ଯୋଜନାରେ ପୂର୍ବରୁ ପାଇ ନ ଥିବା ହିତାଧିକାରୀଙ୍କୁ ଶୌଚଳାୟ ନିର୍ମାଣ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ଆଦି ଯୋଜନାରେ ମଧ୍ୟ ସାମିଲ କରାଯିବ। ବ୍ୟାଙ୍କ ପକ୍ଷରୁ କୌଣସି ପ୍ରକାର ପ୍ରୋସେସିଂ ଫି ଆଦାୟ କରାଯିବ ନାହିଁ।

ଏହି ଯୋଜନାରେ ଆବେଦନ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ୱେବ୍‌ସାଇଟ୍ https://rhodisha.gov.in/moghara କାର୍ଯ୍ୟକ୍ଷମ ହେବ। ଏହି ୱେବ୍‌ସାଇଟ୍ ମାଧ୍ୟମରେ ଋଣ ଆବେଦନ ତଦାରଖ ଓ ପରିଚାଳନା କରାଯାଇପାରିବ। ଋଣ ପାଇବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ଆବେଦନ କରିବା ପୂର୍ବରୁ ଏହି ୱେବ୍‌ସାଇଟ୍‌ରେ ପ୍ରଥମେ ପଞ୍ଜୀକରଣ କରିବାକୁ ପଡ଼ିବ, ଯାହା ଓଟିପି ମାଧ୍ୟମରେ ବୈଧ ହେବ। ଆସନ୍ତା ଜୁନ୍ ୧୬ରୁ ଆବେଦନ ଗ୍ରହଣ କରାଯିବ। ଆବେଦନକାରୀ ନିଜେ କିମ୍ବା ‘ମୋ ସେବା କେନ୍ଦ୍ର’ ମାଧ୍ୟମରେ ଆବେଦନ ଦରଖାସ୍ତ ପୂରଣ କରିପାରିବେ। ଆବେଦନପତ୍ର ଦାଖଲ ସମୟରେ ଆବେଦନକାରୀଙ୍କୁ ପାସ୍‌ପୋର୍ଟ ଆକାରର ଫଟୋ, ଆଧାର କାର୍ଡ, କେୱାଇସି ଡକ୍ୟୁମେଣ୍ଟ (ଭୋଟର ଆଇଡି, ପାନ୍ କାର୍ଡ, ଜବ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ), ଜମି ରେକର୍ଡ, ଜାତି ପ୍ରମାଣପତ୍ର, ଭିନ୍ନକ୍ଷମ ପ୍ରମାଣପତ୍ର, ଆୟ, ପ୍ରମାଣପତ୍ର ଇତ୍ୟାଦି କାଗଜପତ୍ର ସଂଲଗ୍ନ କରିବାକୁ ପଡ଼ିବ।

ଏହି ନୂଆ ଯୋଜନା ସହିତ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ରାଜ୍ୟ ସରକାର ଗ୍ରାମାଞ୍ଚଳ ପାନୀୟ ଯୋଗାଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ବଲାଙ୍ଗୀର, ଗଜପତି ଓ ଗଞ୍ଜାମ ଜିଲ୍ଲାର ୧୨ ଲକ୍ଷ ୮୫ ହଜାର ୮୦୧ ଜଣ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାୟ ୨୩୧୦ କୋଟି ଟଙ୍କା ଖର୍ଚ୍ଚ କରିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଟେଣ୍ଡର ଅନୁମୋଦନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି।

## ୨୦ ଦିନର ଶିଶୁକନ୍ୟାକୁ...

କରିଥଲା। ଏହାଶୁଣି ମା’ ପହଞ୍ଚି ଝିଅ କାନ୍ଦିବାର କାରଣ ଚନ୍ଦନଙ୍କୁ ପ୍ରଶ୍ନ କରିଥିଲେ। ପରେ ପରିବାର ଲୋକ ଏକାଠି ହୋଇ ଚନ୍ଦନଙ୍କୁ ପଚାରିଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ। ପରେ ଝିଅର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଝିଅକୁ ବିଷ ଦିଆଯାଇଥିବା ଡାକ୍ତର କହିବା ପରେ ପରିବାର ଲୋକେ ଚନ୍ଦନଙ୍କୁ ବାରମ୍ବାର ପଚରାଉଚରା କରିଥିଲେ। ଶେଷରେ ଚନ୍ଦନ ସତ ମାନିଥିଲେ। ଶିଶୁ କନ୍ୟାକୁ ଆଇସିୟୁରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଶିଶୁକନ୍ୟାଙ୍କ ଅଜା ଭାଗିରଥି ସିଂହଙ୍କ ଅଭିଯୋଗକ୍ରମେ ପୋଲିସ ପ୍ରାଥମିକ ତଦନ୍ତ କରି ବାପା ଚନ୍ଦନଙ୍କୁ ଅଟକ ରଖିଛି।

ଉଲ୍ଲେଖଯୋଗ୍ୟ, ୨୦ଦିନ ତଳେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର ମାଧ୍ୟମରେ ଚନ୍ଦନଙ୍କ ସ୍ତ୍ରୀ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ପରେ ଶିଶୁକନ୍ୟା ସହ ମା’ ନୀଳଗିରି ସିଙ୍ଗିରିସ୍ଥିତ ନିଜ ବାପଘରେ ରହୁଥିଲେ। ଚନ୍ଦନଙ୍କ ଘର ବାଲେଶ୍ୱର ମଲିକାଶପୁର ଅଞ୍ଚଳରେ।

## ଭାଜପା ନେତ୍ରୀଙ୍କୁ...

ଥାନା ସବ୍‌ଇନ୍ସପେକ୍ଟର ରାମଚନ୍ଦ୍ର ମହାନ୍ତ, ସଦର ଏସ୍‌ଡିପିଓ ମହେନ୍ଦ୍ର ମୁର୍ମୁ କେନ୍ଦୁଝରର ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସତ୍ୟଭାମାଙ୍କ ଭାଇ ଜଗନ୍ନାଥ ସିଂହଙ୍କ ଅଭିଯୋଗ ଅନୁଯାୟୀ, କଟକ ଜିଲା ଟାଙ୍ଗି-ଚୌଦ୍ୱାର ଥାନା ଅଧୀନ ନଖରା ବରେଇପାଟଣା ଗ୍ରାମର ନାରାୟଣ ସାହୁ ସତ୍ୟଭାମାଙ୍କ ପାଖରେ ରହି ପାଲା ମୃଦଙ୍ଗ ବାଦକ (ବାୟକ) ଭାବେ କାର୍ଯ୍ୟ କରୁଥିଲେ। କିଛି ଦିନ ପୂର୍ବେ ବାୟକ କୌଣସି କାରଣରୁ ସତ୍ୟଭାମାଙ୍କୁ ମାଡ଼ମାରିଥିଲେ। ଏହା ପରଠାରୁ ସେ ବିନିଦା ଗ୍ରାମକୁ ଅସୁ ନ ଥିଲେ। ନାରାୟଣ ଘଟଗାଁ ଥାନା ଅଧୀନ ସାନ୍ତରାପୁର ଗ୍ରାମର ରାଇବଣ ସାହିରେ ସତ୍ୟଭାମାଙ୍କ ବଡ଼ଭଉଣୀ ରକ୍ମିଣୀ ନାୟକଙ୍କ ସ୍ୱାମୀ ଭୁଲାରାମ ନାୟକଙ୍କ ପାଖରେ ରହି ରାଜମିସ୍ତ୍ରୀ କାମ କରୁଥିଲେ। ରବିବାର ନାରାୟଣ ରାଇବଣ ସାହିରୁ ଏକ ହାତୁଡି ଧରି ବାହାରି ଥିବା ବେଳେ ସୋମବାର ସକାଳୁ ବିନିଦାର ଜଣେ ଯୁବକଙ୍କୁ ଫୋନ୍ କରି ତୁମ ଗ୍ରାମରେ କ’ଣ ଘଟିଛି କି ବୋଲି ପଚାରିଥିଲେ। ବାୟକ କଟକରେ ଥିବା କହିଥିବା ବେଳେ ରବିବାର ରାତିରେ ବିନିଦାରେ ବୁଲୁଥିବା କିଛି ଗ୍ରାମବାସୀ କହିଛନ୍ତି। ତେଣୁ ଘଟଣାରେ ବାୟକଙ୍କ ସମ୍ପୃକ୍ତି ଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପଣ୍ଡାପଡ଼ା ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ. ୮୬/୨୩) ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ମୁର୍ମୁ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି କହିଥିଲେ। ଘଟଣାସ୍ଥଳରେ ଭାଜପା ନଦୀ ସୁରକ୍ଷା ସମିତିର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସମେତ ଏକ ପ୍ରତିନିଧି ଦଳ ପହଞ୍ଚି ପୋଲିସ ଘଟଣାର ଠିକ୍‌ଭାବେ ତଦନ୍ତକରି ଅଭିଯୁକ୍ତଙ୍କୁ ଗିରଫ କରୁ ବୋଲି ଦାବି କରିଥିଲେ।

## ଏନ୍‌ଭିଏସ୍-୦୧ କକ୍ଷପଥରେ...

ଦେବା ସହ ସମୟ ସଠିକତା ୫୦ ନାନୋ ସେକେଣ୍ଡରୁ ଅଧିକ ଭଲ ରହିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଏହି ସଫଳତା ପାଇଁ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ମିଶନ୍‌ର ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୨୧ ଅଗଷ୍ଟରେ ଜିଏସ୍‌ଏଲଭି-ଏଫ୍୧୦ ଉତ୍କ୍ଷେପଣ ବିଫଳ ହୋଇଥିଲା। ଫଳରେ ତତ୍କାଳୀନ ମିଶନ୍ ପୂରଣ ହୋଇପାରି ନ ଥିଲା ବୋଲି ଇସ୍ରୋ ଅଧ୍ୟକ୍ଷ କହିଛନ୍ତି। କ୍ରିଓଜେନିକ୍ ପର୍ଯ୍ୟାୟରେ ସଂଶୋଧନ କରାଯିବା ସହ ପୂର୍ବ ବିଫଳତାରୁ ମିଳିଥିବା ଶିକ୍ଷା ଲାଭ ଦେଲା ବୋଲି ସେ କହିଛନ୍ତି।

# ପୋତିହେଉଛି ବୈତରଣୀ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୨୯।୫**

ରାଜ୍ୟର ଅନ୍ୟତମ ପୁଣ୍ୟତୋୟା ବୈତରଣୀ ନଦୀ ଏବେ ବିପଦରେ। ଏହି ଚିରସ୍ରୋତା ନଦୀ ଦିନକୁଦିନ ପୋତିହେବାକୁ ବସିଛି। ନଦୀପାର୍ଶ୍ୱରେ ଖଣି ଖନନ, କମ୍ପାନୀର ବର୍ଜ୍ୟ ନଦୀକୁ ଛାଡ଼ିବା ଓ ମୃତ୍ତିକା କ୍ଷୟ ଏହାର ମୁଖ୍ୟ କାରଣ ବୋଲି ଖଣି ମହାଦୁର୍ନୀତି ତଦନ୍ତ ବେଳେ ଶାହା କମିଶନ ନିଜ ରିପୋର୍ଟରେ ଦର୍ଶାଇଥିଲେ। ମାତ୍ର ସରକାରଙ୍କ ଉଦାସୀନତା କାରଣରୁ ଅଦ୍ୟାବଧି କମ୍ପାନୀ ବର୍ଜ୍ୟ ନଦୀ କୂଳରେ ଜମାହେଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ ଅଧୀନ ଗୋନାସିକା ପାହାଡ଼ରୁ ବୈତରଣୀ ବାହାରିଥିବା ବେଳେ ନଦୀ ପ୍ରାୟ ୩୬୦ କି.ମି. ଅତିକ୍ରମକରି ଭଦ୍ରକ ଜିଲା ଦେଇ ବଙ୍ଗୋପସାଗରରେ ମିଶିଛି। କ୍ୟାଚ୍‌ମେଣ୍ଟ ଏରିଆ ୧୪,୨୧୮ ବର୍ଗ କି.ମି. ରହିଥିବା ବେଳେ ଓଡ଼ିଶାରେ ୧୩,୪୮୨ ବର୍ଗ କି.ମି. ରହିଛି। କେନ୍ଦୁଝର ଜିଲା ସମେତ ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଯାଜପୁର ଜିଲା ତଥା ଝାଡ଼ଖଣ୍ଡ ରାଜ୍ୟକୁ ବୈତରଣୀ ସମୃଦ୍ଧ କରୁଛି। ବିଗତ ୨୦ ବର୍ଷ ହେଲା ଏହାର ଅବବାହିକାରେ ଥିବା ଖଣି ଓ ଶିଳ୍ପ ଯୋଗୁ ନଦୀ ଧୀରେ ଧୀରେ ପ୍ରଦୂଷିତ ହେବା ସହ ପୋତିହେବାରେ ଲାଗିଛି। ନଦୀକୂଳରେ ଜମା ହୋଇଥିବା କମ୍ପାନୀର ବର୍ଜ୍ୟବସ୍ତୁ ଏଣେତେଣେ ପଡ଼ି ରହିଥିବାରୁ ପବନରେ ଉଡ଼ି ଓ ବର୍ଷାଜଳରେ ଭାସି ସିଧାସଳଖ ନାଳ, ଝରଣା, ନଦୀ ଦେଇ ବୈତରଣୀରେ ପଡୁଛି। ବୈତରଣୀର ବାମପାର୍ଶ୍ୱରୁ ୩୫ ଓ ଡାହାଣ ପାର୍ଶ୍ୱରେ ୩୦ ନାଳ, ଝରଣା ଆଦି ମିଶୁଥିବା ବେଳେ ସେସବୁ ମଧ୍ୟ ପ୍ରଦୂଷିତ ହୋଇଛି। ବହୁ ଖଣି ସଂସ୍ଥା ଓ କମ୍ପାନୀ ଆଇନକୁ ଫାଙ୍କି ଅବିଚାରିତ ଖଣିଖନନ ଓ ଶିଳ୍ପ ଚଳାଇଆସୁଛନ୍ତି। ସେସବୁରୁ ନିର୍ଗତ ବର୍ଜ୍ୟବସ୍ତୁର ପରିଚାଳନା ଠିକ୍ ଭାବେ ହୋଇପାରୁ ନ ଥିବାରୁ ସେସବୁ ନଦୀରେ ପଡୁଛି। ସେହିପରି ନଦୀରୁ ବହୁ ପରିମାଣରେ ବାଲି ଖନନ ସମ୍ପ୍ରତି ନୂତନ ସମସ୍ୟା ଭାବେ ଉଭା ହୋଇଛି। ନଦୀରେ କାନପୁର ଜଳସେଚନ ପ୍ରକଳ୍ପ ଓ ଆନନ୍ଦପୁର ବ୍ୟାରେଜ ନିର୍ମାଣ କରାଯାଇ କୃଷିର ବିକାଶ ପାଇଁ ପଦକ୍ଷେପ ନିଆଯାଉଥିଲେ ହେଁ ନଦୀ ଉପରେ ହେଉଥିବା ଅତ୍ୟାଚାର ଯୋଗୁ ଜଳଶୂନ୍ୟ ହୋଇ ନଷ୍ଟ ହୋଇଗଲେ ପ୍ରକଳ୍ପ ଫଳପ୍ରଦ କିପରି ହେବ ବୋଲି ପ୍ରଶ୍ନ ଉଠୁଛି। ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି, ବ୍ୟାପକ ଜଙ୍ଗଲ କାଟି ପଦା କରାଯାଉଥିବାରୁ ମୃତ୍ତିକା କ୍ଷୟ ହେଉଛି। କୌଣସି ପ୍ରତିଷେଧକ ବ୍ୟବସ୍ଥା କରାଯାଉ ନ ଥିବାରୁ ବୈତରଣୀ ନଦୀ ସମେତ ଅନ୍ୟାନ୍ୟ ଜଳାଶୟ ଉପରେ ଏହାର ପ୍ରଭାବ ପଡୁଛି। ଏହି ଧାରା ଜାରି ରହିଲେ ବୈତରଣୀ ସମ୍ପୂର୍ଣ୍ଣ ପୋତିହୋଇଯିବ। ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି, ଜିଲାରେ ବହୁ ସଂଖ୍ୟାରେ ଖଣି ବୈତରଣୀ ନଦୀର ଅବବାହିକାରେ ଚାଲିଥିବାରୁ ନଦୀ କ୍ଷତିଗ୍ରସ୍ତ ହେଉଛି। ଏକାଧିକ କମ୍ପାନୀ ଏହି ନଦୀରୁ ପାଣି ଶୋଷି ନେଉଛନ୍ତି। ଫଳରେ ଜଳଧାରଣ କ୍ଷମତା କମିବାକୁ ଲାଗୁଛି। ସାମାଜିକ କର୍ମୀ ରସାନନ୍ଦ ବେହେରା କହିଛନ୍ତି, ବେଆଇନ ଖଣି ଯୋଗୁ ବୈତରଣୀ ନଦୀ କ୍ଷତିଗ୍ରସ୍ତ ହୋଇଥିବା ଜଷ୍ଟିସ୍ ଶାହା କମିଶନ ରିପୋର୍ଟରେ ଦର୍ଶାଇଥିଲେ। ତେବେ ନଦୀର ସୁରକ୍ଷା ପାଇଁ କମ୍ପାନୀ କିମ୍ବା ସରକାରଙ୍କ ପକ୍ଷରୁ ସେଭଳି ପଦକ୍ଷେପ ନିଆଯାଉ ନ ଥିବାରୁ ଏହା ନଷ୍ଟ ହେଉଛି। ରାଜ୍ୟ ପ୍ରଦୂଷଣ ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର କହିଛନ୍ତି, ନ୍ୟାଶନାଲ ୱାଟର ମନିଟରିଂ ପ୍ରୋଗ୍ରାମରେ ବୈତରଣୀ ନଦୀର ସାତଟି ସ୍ଥାନରୁ ପ୍ରତ୍ୟେକ ମାସ ଜଳ ନମୁନା ସଂଗ୍ରହକରି ଯାଞ୍ଚ କରାଯାଉଛି। ମୃତ୍ତିକା କ୍ଷୟ ରୋକିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥାଏ। ନଦୀର ଗର୍ଭ ପୋତି ହୋଇଗଲେ ପ୍ରାକୃତିକ ପଦ୍ଧତିରେ ପାଣି ପ୍ରବାହରେ ସଫା ହୋଇଯାଇଥାଏ ବୋଲି ସେ କହିଥିଲେ।

ଉଲ୍ଲେଖଯୋଗ୍ୟ, ଖଣି ମହାଦୁର୍ନୀତିର ଯାଞ୍ଚ କରୁଥିବା ଶାହା କମିଶନ ତଦନ୍ତ ସମୟରେ ବୈତରଣୀ ନଦୀ କୂଳରେ ଖଣିଖନନକୁ ବିରୋଧ କରିଥିଲେ। କମିଶନ ରିପୋର୍ଟକୁ ଆଧାରକରି କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ବୈତରଣୀ ନଦୀ କୂଳରେ ଥିବା ୫୦ କମ୍ପାନୀର ୫୫ ଖଣି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲିଜ୍ ବାତିଲ ନେଇ ପଦକ୍ଷେପ ନେବାକୁ ମଧ୍ୟ କହିଥିଲେ।


ବୈତରଣୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପୋତି ହୋଇଯାଇଛି।

- ନଦୀରେ ମିଶୁଛି କମ୍ପାନୀ ବର୍ଜ୍ୟ
- ସଚେତନ କରିଥିଲେ ଶାହା କମିଶନ

# ଟ୍ରକ୍ ଧକ୍କାରେ ବାପା, ପୁଅ ମୃତ

## ଜଗା ଦର୍ଶନ ହେଲା ଶେଷ ଦର୍ଶନ

**ବଲ୍ଲଙ୍ଗା, ୨୯।୫ (ଡି.ଏନ୍.ଏ.)**

ଜଗା ଦର୍ଶନ ସାରି ପୁରୀରୁ ଝାରସୁଗୁଡ଼ା ଫେରୁଥିବା ବେଳେ ସୋମବାର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ହଣ୍ଡପା ଥାନା ସରଗିପାଲି ନିକଟରେ ଟ୍ରକ୍ ଧକ୍କାରେ ଚାଲିଯାଇଛି ବାପା ଓ ପୁଅଙ୍କ ଜୀବନ। ମୃତକ ହେଲେ ଝାରସୁଗୁଡ଼ା ବେଲପାହାଡ଼ ଅଞ୍ଚଳର ପ୍ରଭାସ ଘୋଷ (୪୦) ଓ ତାଙ୍କ ପୁଅ ପ୍ରତୀଶ ଘୋଷ (୨୨)। ଦୁର୍ଘଟଣାରେ ଗୁରୁତର ହୋଇଥିବା ପ୍ରଭାସଙ୍କ ସ୍ତ୍ରୀ ସଙ୍ଗୀତା ଘୋଷ (୪୩) ଓ ଝିଅ ସୃଷ୍ଟି ଘୋଷ (୧୯)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପୋଲିସ ସହାୟତାରେ ରେଢ଼ାଖୋଲ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ପୋଲିସ କହିଛି, ଝାରସୁଗୁଡ଼ା ବେଲପାହାଡ଼ ଅଞ୍ଚଳର ପ୍ରଭାସ, ତାଙ୍କ ସ୍ତ୍ରୀ ସଙ୍ଗୀତା, ପୁଅ ପ୍ରତୀଶ ଓ ଝିଅ ସୃଷ୍ଟି ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯାଇଥିଲେ। ସେମାନେ ଦର୍ଶନ ସାରି ସୋମବାର କାର୍ (ନଂ. ଓଡ଼ି୨୩ଏମ୍- ୩୬୩୬) ଯୋଗେ ୫୫ନଂ. ଜାତୀୟ ରାଜପଥରେ ଘରକୁ ଫେରୁଥିବା ବେଳେ ଅନୁଗୋଳ ଜିଲା ହଣ୍ଡପା ଥାନା ସରଗିପାଲିଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ସମ୍ବଲପୁରରୁ ଯାଜପୁର ଅଭିମୁଖେ ଯାଉଥିବା ଏକ ମାଲ ବୋଝେଇ ଟ୍ରକ୍ (ନଂ. ସିଜି୨୨ଜେ- ୮୭୧୧) ସମ୍ମୁଖରୁ ଉକ୍ତ କାର୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରଭାସ ଓ ପ୍ରତୀଶଙ୍କ ମୃତ୍ୟୁ ହୋଇଯାଇଥିଲା। ସଙ୍ଗୀତା ଓ ଝିଅ ସୃଷ୍ଟି ଗୁରୁତର ହୋଇଥିଲେ। ଖବରପାଇ ବଲ୍ଲଙ୍ଗା ଫାଣ୍ଡି ଅଧିକାରୀ ସ୍ମୃତି ରଞ୍ଜନ ନାୟକ, ହଣ୍ଡପା ଥାନା ଏଏସ୍‌ଆଇ ଜିତେନ୍ଦ୍ର ନାୟକ, ବାମୁର ଅଗ୍ନିଶମ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଏକ ଘରୋଇ ଗାଡିରେ ରେଢ଼ାଖୋଲ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ ସହ ଚାଳକଙ୍କୁ ଗିରଫ କରାଯାଇଛି। ଏ ନେଇ ନମ୍ବର ୧୨୧/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।


ଦୁର୍ଘଟଣାଗ୍ରସ୍ତ କାର୍।

TPCODL
TP CENTRAL ODISHA DISTRIBUTION LIMITED
(A Tata Power and Odisha Government Joint Venture)
ଏହି ଅଫର ୩୧ଜୁଲାଇ ୨୦୨୩ ପର୍ଯ୍ୟନ୍ତ
ଖୁସି ଖବର . . .
ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ମାନ୍ୟବର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ପ୍ରଚଳିତ ଏକ କାଳୀନ ସମାଧାନ ଯୋଜନା (OTS SCHEME) କୁ ୩୧ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହା ଦ୍ୱାରା ଗ୍ରାହକ ୩୧ ମଇ ୨୦୨୦ ସୁଦ୍ଧା ଥିବା ସମସ୍ତ ବିଦ୍ୟୁତ ବକେୟା ଦେୟ (ଏରିଅର୍) ର ପଇଠ କରିପାରିବେ ।
ଉପଭୋକ୍ତା ମାନେ ନିଜର ନାମ, ଉପଭୋକ୍ତା ନମ୍ବର ଏବଂ ମୋବାଇଲ ନମ୍ବର ପଞ୍ଜିକରଣ ପାଇଁ ନିମ୍ନଲିଖିତ TPCODL କେନ୍ଦ୍ରରେ ତୁରନ୍ତ ଯୋଗାଯୋଗ କରନ୍ତୁ ।
୩୦% ପର୍ଯ୍ୟନ୍ତ ବିଦ୍ୟୁତ ଦେୟ ଉପରେ ଏବଂ ୮୦% ପର୍ଯ୍ୟନ୍ତ DPS ଉପରେ ରିହାତି ପାଆନ୍ତୁ
•ଦେୟ ମୁକ୍ତ କଲ ସେଣ୍ଟର ନମ୍ବର ( ୧୯୧୨/୧୮୦୦-୩୪୫-୭୧୨୨)
•ଗ୍ରାହକ ସେବା କେନ୍ଦ୍ର
•ସବ୍ ଡିଭିଜନ / ଡିଭିଜନ ଅଫିସ / ସେକ୍ସନ କାର୍ଯ୍ୟାଳୟ
•ଗାଁ ଚାଲ କ୍ୟାମ୍ପ
•ହ୍ୱାଟ୍‌ସଆପ / ଏସ୍ ଏମ୍ ଏସ୍ (OTS-CA NO / Customer ID) କୁ ୯୧୨୪୯୯୮୭୨୯
•Website https://www.tpcentralodisha.com
ବିଦ୍ୟୁତ ଦେୟକୁ ରିହାତିର ସହିତ ଉପଲବ୍ଧ କରନ୍ତୁ ଓ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଉପଭୋଗ କରନ୍ତୁ

# ପୂର୍ବତନ ଷ୍ଟେନୋଙ୍କୁ ୩ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୨୯।୫:** ଏକ ଲାଞ୍ଚ ନେବା ମାମଲାର ବିଚାରକରି ସୋମବାର କନ୍ଧମାଳ ଜିଲା ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଜଣେ ପୂର୍ବତନ ଷ୍ଟେନୋଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା ଖାରଟି ଅଦାଲତର ପୂର୍ବତନ ଷ୍ଟେନୋ ମନୁଷ କୁମାର ଗଡନାୟକ। ବୌଦ୍ଧ ଜିଲା ଗିରଗିଙ୍ଗ ଗ୍ରାମର ସତ୍ୟବାନ ପ୍ରଧାନଙ୍କ ବାପାଙ୍କ ନାମରେ ବିଦ୍ୟୁତ୍ ଉପଭୋକ୍ତା ନମ୍ବର ଥିଲା। ୨୦୧୧ରେ ୪୧ ହଜାର ୮୮୧ ଟଙ୍କାର ଗୋଟିଏ ବିଲ୍ ଆସିଥିଲା। ଏ ନେଇ ସତ୍ୟବାନ ସାଉଥ୍‌କୋ ଡିଭିଜନକୁ ଯାଇ ଅଭିଯୋଗ କରିଥିଲେ। ଜିଲା ଖାରଟି ଅଦାଲତରେ ଏକ ମାମଲାଦାୟିର କରି ଆଣିଲେ, ବିଲ୍ ସଂଶୋଧନ ହୋଇପାରିବ ବୋଲି ତାଙ୍କୁ କୁହାଯାଇଥିଲା। ସତ୍ୟବାନ ଖାରଟି ଅଦାଲତ ଯାଇ ଷ୍ଟେନୋଙ୍କୁ ଭେଟିଥିଲେ। ଏଥିପାଇଁ ୫ ହଜାର ଟଙ୍କା ଦେବାକୁ ପଡିବ ବୋଲି ମନୁଷ କହିଥିଲେ। ୩ ହଜାର ଟଙ୍କା ଦେବାକୁ ସତ୍ୟବାନ ରାଜି ହୋଇ ଏ ନେଇ ସେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୧୧ ମାର୍ଚ୍ଚ ୮ରେ ସତ୍ୟବାନ ଟଙ୍କା ନେଇ ମନୁଷଙ୍କୁ ଦେଉଥିଲେ। ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ପହଞ୍ଚି ମନୁଷଙ୍କୁ ଗିରଫ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି.ଭି. ରାମଦାସ ମାମଲା ପରିଚାଳନା କରୁଥିଲେ।

# କୋଟିଆରେ ଆନ୍ଧ୍ର ଲୋକସତ୍ତା ଦଳର ରାଜ୍ୟ ସଭାପତି


ଆନ୍ଧ୍ର ଲୋକ ସତ୍ତା ଦଳର ରାଜ୍ୟ ସଭାପତି ଭି.ବାବଜୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

- କହିଲେ ଓଡ଼ିଶା କୋଟିଆ ହଡ଼ପ ଚକ୍ରାନ୍ତ କରୁଛି
- ଆନ୍ଧ୍ର ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଲେ

**ପଟ୍ଟାଙ୍ଗି, ୨୯।୫(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତକୁ ଆନ୍ଧ୍ର ଲୋକସତ୍ତା ଦଳର ରାଜ୍ୟ ସଭାପତି ଭି.ବାବଜୀ ସୋମବାର ଆସିଥିଲେ। ସେ ପଞ୍ଚାୟତର ନେରେଡିବାଲସା, ପାଣ୍ଡୁଗୁଡ଼ାଲାସା, ଧୁଳିପଦର, ଉପରସେମି ପ୍ରମୁଖ ଗ୍ରାମରେ ପହଞ୍ଚି ଆନ୍ଧ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏଥିସହ କୋଟିଆରେ ରହିଥିବା ଖଣିଜ ସମ୍ପଦଗୁଡ଼ିକୁ ଓଡ଼ିଶା ସରକାର ନେବା ନିମନ୍ତେ ବିଭିନ୍ନ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ସେ ଗ୍ରାମବାସୀଙ୍କୁ କହିଥିଲେ। ଗତ ୧୫ ତାରିଖରେ କୋରାପୁଟ ଜିଲାପାଳ ଅବଦଲ ଏମ୍. ଅଖତର, ଏସ୍‌ପି ଅବିନାଶ ସୋନାକର ଏବଂ ବିଭିନ୍ନ ଅଧିକାରୀ କୋଟିଆରେ ଅନୁପ୍ରବେଶ କରି ଆଦିବାସୀମାନଙ୍କୁ ବିଭ୍ରାନ୍ତ କରିଥିବା ନେଇ ସେ ସ୍ଥାନୀୟ ଲୋକଙ୍କୁ କହିଥିଲେ। ଓଡ଼ିଶା ଡିଭିଜନ ଡାକ ପିନ୍ କୋଡ୍ ୭୬୪୦୩୯ ମାଧ୍ୟମରେ ଓଡ଼ିଶା କୋଟିଆ ହଡ଼ପ କରିବା ନିମନ୍ତେ ଚକ୍ରାନ୍ତ କରୁଥିବା ସେ କହିଥିଲେ। ଏଥିସହ ନିଜ ରାଜ୍ୟର ବିଭିନ୍ନ ରାଜନୈତିକ ଦଳକୁ ଏକାଠି ହୋଇ ଉକ୍ତ ଚକ୍ରାନ୍ତର କଡ଼ା ଜବାବ ଦେବାକୁ ସେ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କୁ ଆନ୍ଧ୍ରରେ ରହିବା ନିମନ୍ତେ ବୁଝାଇ ସେ ଫେରିଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଓଡ଼ିଶା ଆନ୍ଧ୍ର ମଧ୍ୟରେ କୋଟିଆକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗିରହିଛି। ଏହା ମଧ୍ୟରେ ଗତ ଶନିବାର ଭୁବନେଶ୍ୱରରୁ ଇନ୍‌ଟାକ୍‌ର ୪ଜଣିଆ ଦଳ କୋଟିଆରେ ପହଞ୍ଚିଥିଲେ। କେନ୍ଦ୍ର ସରକାରଙ୍କ ଡାକ ବିଭାଗ କୋଟିଆ ପାଇଁ ସ୍ୱତନ୍ତ୍ର ପିନ୍ କୋଡ୍ ଦେଇଛି। ଏଥିରୁ କୋଟିଆ ଓଡ଼ିଶାର ବୋଲି ସ୍ପଷ୍ଟ ହେଉଥିବା ସେମାନେ କହିବା ସହ ଓଡ଼ିଶାରେ କୋଟିଆ ଲେଖାଯାଇଥିବା ଡାକ ଲଫାପା ଉନ୍ମୋଚନ କରିଥିଲେ। ଏଥିସହ ଓଡ଼ିଶା, ଆନ୍ଧ୍ର ମୁଖ୍ୟମନ୍ତ୍ରୀ, ଉଭୟ ରାଜ୍ୟର ଏମ୍‌ପି ଓ ବିଧାୟକଙ୍କ ସମେତ ଦେଶର ବିଭିନ୍ନ ସ୍ଥାନକୁ ଏହି ଚିଠି ପୋଷ୍ଟ କରିଥିଲେ।

PARADIP PORT AUTHORITY
E & M DEPARTMENT
PLANNING & DESIGN CELL
No.:EM/PD-11/2022/761 Date. 19/05/2023
CORRIGENDUM-IV
4th CORRIGENDUM to e-Tender Call Notice (TCN) No. EM/PD-06/2023 issued vide No. EM/PD-11/2022/258, Dt.14/02/2023 for the work "Implementation and Operation & Maintenance (O&M) of Port Access Control System."
(A) The date and time of submission of tender are hereby extended as per the following schedule: (i) Document download end date: 11/06/2023; 18:00 Hrs., (ii) Bid submission end date: 11/06/2023, 18:00 Hrs., (iii) Last date of submission of cost of Tender document/Tender fee through NEFT/RTGS (as per Clause No. 17 of ITB): 11/06/2023, 18:00Hrs., (iv) Bid opening date : 12/06/2023, 16:00 Hrs.
(B) Clarification to the fresh queries received against Corrigendum- III are annexed as Annexure-I. No further query, over the tender document and other details vide different Corrigenda published, shall be entertained hereafter for any clarification. Detailed Tender Document is available at the Website: https://eprocure.gov.in/eprocure/app for online bidding.
Sd/- Executive Engineer, Planning & Design Cell, Electrical & Mechanical Department
PPA/PR-16/2023-24 Date: 29/05/2023

यूनियन बैंक Union Bank of India
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ସଂଶୋଧନ ପତ୍ର
ତା.୨୯.୦୫.୨୦୨୩ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) / ରୁଲ ୯(୧) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ପରିବର୍ତ୍ତେ ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) / ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍‌ଟିକୁ ପଢ଼ିବାକୁ ଅନୁରୋଧ । ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ।
ତା.୨୯.୦୫.୨୦୨୩ / କ୍ଷମତାପ୍ରାପ୍ତ ଅଧିକାରୀ

ODISHA PUBLIC SERVICE COMMISSION
CUTTACK
No. 4632/P.S.C., Dt.29.05.23
1E-09/2022-23 (DR-III)
Corrigendum to Notice No.4413/PSC dt.20.05.2023
No. D-52:- It is for information of all concerned that Centrewise Roll No. allocation of the candidates for written examination to the post of Assistant Director of Handicrafts, pursuant to Advt. No.09 of 2022-23 has been modified as follows:

| Sl. No. | Name of the Examination Centres and address | Roll numbers allotted From .............. to .............. | Total Candidates allotted |
|---|---|---|---|
| BALASORE | | | |
| 1 | Srinix College of Engineering, Ranipatana, Balasore. | 100001 to 100633 | 633 |
| BERHAMPUR | | | |
| 1 | Maa Saraswati Sishu Vidya Mandir, Basudev Nagar-6th Lane, Berhampur - 750010 Near Gajapati Nagar Hanuman Temple | 200001 to 200274 | 274 |
| 2 | Modern Oxford Public School, Shree Guruji Vihar, NH-16, Lanjipalli, Berhampur-760008 | 200275 to 200730 | 456 |
| BHUBANESWAR | | | |
| 1 | BJB (AUTO) College, Bhubaneswar | 300001 to 300559 | 559 |
| 2 | Capital Girls High School, Unit-2, Bhubaneswar | 300560 to 300799 | 240 |
| 3 | DR Nayapally College, Nayapally, BBSR | 300800 to 301199 | 400 |
| 4 | Govt. Boys High School, Unit-8, Bhubaneswar | 301200 to 301599 | 400 |
| 5 | Govt. High School, Baramunda, CRP Rental Colony, Back side of CRPF Campus, BBSR | 301600 to 301849 | 250 |
| 6 | Govt. High School, IRC Village, BBSR | 301850 to 302249 | 400 |
| 7 | Harihara Govt. High School, BJB Nagar, Near BBSR Court Premises, Bhubaneswar | 302250 to 302499 | 250 |
| 8 | Maharishi College of Natural Law, Saheednagar, Bhubaneswar | 302500 to 303049 | 550 |
| 9 | Rajdhani College, Bhubaneswar | 303050 to 303749 | 700 |
| 10 | Saraswati Shishu Vidya Mandir, Bhimatangi, Bhubaneswar | 303750 to 304363 | 614 |
| CUTTACK | | | |
| 1 | Saraswati Sishu Vidya Mandir, College Square, Cuttack | 400001 to 400480 | 480 |
| 2 | Saraswati Sishu Vidya Mandir, Sector-9, Markat Nagar, Cuttack-753014 | 400481 to 400957 | 477 |
| 3 | Saraswati Sishu Vidya Mandir, Tulasipur, Cuttack | 400958 to 401465 | 508 |
| SAMBALPUR | | | |
| 1 | CSB Zilla School, PS-Dhanupalli, Sambalpur - 768001 | 500001 to 500287 | 287 |
| 2 | Lady Lewis Girls High School, Kunjelpada, Sambalpur, 768001 | 500288 to 500599 | 312 |
| 3 | Rastriya Gopal Vidya Mandir, Nayapara, Sambalpur, Near Laxmi Talkies - 768001 | 500600 to 500961 | 362 |

All other terms and conditions mentioned in the above notice remain unchanged.
OIPR-12002/11/0038/2324 Sd./- Secretary

# ନିଯୁକ୍ତି ପାଇଁ ୩୭୧୮ ପ୍ରାର୍ଥୀଙ୍କୁ ସୁପାରିସ ସର୍ବକାଳୀନ କୀର୍ତ୍ତିମାନ

## ରାଜ୍ୟପାଳଙ୍କୁ ଓଡ଼ିଶା ଲୋକସେବା ଆୟୋଗର ବାର୍ଷିକ ବିବରଣୀ ପ୍ରଦାନ

**ଭୁବନେଶ୍ୱର, ୨୯।୫ (ବ୍ୟୁରୋ)**

ଓଡ଼ିଶା ଲୋକସେବା ଆୟୋଗର ୨୦୨୨-୨୩ର ବାର୍ଷିକ ବିବରଣୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ପ୍ରଦାନ କରାଯାଇଛି। ଆୟୋଗର ଅଧ୍ୟକ୍ଷ ଡ. ସତ୍ୟଜିତ୍ ମହାନ୍ତି ସୋମବାର ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏହା ପ୍ରଦାନ କରିଛନ୍ତି। ନିଯୁକ୍ତି କ୍ୟାଲେଣ୍ଡରରେ ବିଜ୍ଞପ୍ତି ଅନୁଯାୟୀ ଆୟୋଗ ସମସ୍ତ ନିଯୁକ୍ତି ପ୍ରତିବଦ୍ଧତା ପୂରଣ କରିଥିବାରୁ ୨୦୨୨-୨୩ ବର୍ଷ ଓଡ଼ିଶା ଲୋକସେବା ଆୟୋଗ ପାଇଁ ପଥପ୍ରଦର୍ଶକ ଭାବେ ବିବେଚନା କରାଯିବ। ଏହି ସମୟ ମଧ୍ୟରେ ବର୍ଗ-ଏ ଏବଂ ବର୍ଗ-ବି ସେବାରେ ନିଯୁକ୍ତି ପାଇଁ ୩୭୧୮ ଜଣ ପ୍ରାର୍ଥୀଙ୍କୁ ସୁପାରିସ କରାଯାଇଛି, ଯାହାକି କୌଣସି ନିଯୁକ୍ତି ବର୍ଷ ପାଇଁ ସର୍ବକାଳୀନ କୀର୍ତ୍ତିମାନ। ୨୦୨୩-୨୪ ବର୍ଷରେ ସରକାରଙ୍କ ବିଭିନ୍ନ ବିଭାଗରେ ୫ହଜାରରୁ ଅଧିକ ପଦବୀ ପାଇଁ ନିଯୁକ୍ତି କ୍ୟାଲେଣ୍ଡର ପ୍ରସ୍ତୁତ ହୋଇସାରିଛି। ରାଜ୍ୟ ସରକାରଙ୍କ ବର୍ଗ-ଏ ଓ ବର୍ଗ-ବି ପଦବୀ ପାଇଁ ସୁପାରିସ କରାଯାଇଥିବା ୩୭୧୮ ପ୍ରାର୍ଥୀଙ୍କ ମଧ୍ୟରୁ ୪୦ ପ୍ରତିଶତ ଅର୍ଥାତ୍ ୧୫୧୦ ଜଣ ମହିଳା ଅଛନ୍ତି।

୨୦୨୨-୨୩ ନିଯୁକ୍ତି ବର୍ଷର କେତେକ ଗୁରୁତ୍ୱପୂର୍ଣ୍ଣ ସୁପାରିସ ମଧ୍ୟରେ ୧୨୦୫ ସହକାରୀ ସର୍ଜନ (ମେଡିକାଲ ଅଫିସର), ୩୫୬ ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ, ସରକାରୀ ମେଡିକାଲ କଲେଜରେ ୨୫୦ ଆସିଷ୍ଟାଣ୍ଟ ପ୍ରଫେସର, ସରକାରୀ ଡିଗ୍ରୀ କଲେଜ ପାଇଁ ୩୪୭ ଆସିଷ୍ଟାଣ୍ଟ ପ୍ରଫେସର, ବିଏଡ୍ କଲେଜ ପାଇଁ ୩୨୯ ଆସିଷ୍ଟାଣ୍ଟ ପ୍ରଫେସର, ୨୪୪ ସ୍ନାତକୋତ୍ତର ଶିକ୍ଷକ, ଓଡ଼ିଶା ସିଭିଲ ସର୍ଭିସ ପାଇଁ ୩୯୨ ପ୍ରାର୍ଥୀ, ୧୧୫ ସହକାରୀ ମତ୍ସ୍ୟ ଅଧିକାରୀ ଓ ୧୦୨ ସହକାରୀ କୃଷି ଯନ୍ତ୍ରୀ ଆଦି ରହିଛି। ସେହିପରି ୨୦୨୨-୨୩ରେ ୧୭ଟି ସରକାରୀ ବିଭାଗ ପାଇଁ ଆୟୋଗ ମୋଟ ୨୬୫୦ଟି ପଦୋନ୍ନତି ପାଇଁ ସହମତି ପ୍ରକାଶ କରିଥିବାବେଳେ ୨୮୬ଟି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସହମତି ପ୍ରଦାନ କରିଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଏବଂ ଶୀଘ୍ର ଫଳ ପ୍ରକାଶକୁ ସୁନିଶ୍ଚିତ କରିବା ଆୟୋଗର ଏକ ପ୍ରମୁଖ କ୍ଷେତ୍ର ହେବ। ବ୍ୟବସ୍ଥାର ଅଖଣ୍ଡତା ବଜାୟ ରଖିବା ପାଇଁ ଆୟୋଗ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଜାରି ରଖିବେ ଏବଂ ଚୟନ ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ନିରପେକ୍ଷ ମାନଦଣ୍ଡ ଗ୍ରହଣ କରିବେ। ଓଡ଼ିଶା ଲୋକସେବା ଆୟୋଗ ୨୦୨୩-୨୪ରେ ନିଜ ଗୌରବମୟ ଯାତ୍ରାର ୭୫ ବର୍ଷ ପୂର୍ତ୍ତି ପାଳନ କରିବ। ସାକ୍ଷାତ ସମୟରେ ରାଜ୍ୟପାଳ ୨୦୨୨-୨୩ ବର୍ଷ ପାଇଁ ଆୟୋଗର ପ୍ରଦର୍ଶନକୁ ପ୍ରଶଂସା କରିବା ସହ ୨୦୨୩-୨୪ ବର୍ଷ ପାଇଁ ନିଯୁକ୍ତି ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ।



ରାଜଭବନରେ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଆୟୋଗର ଅଧ୍ୟକ୍ଷ ଡ. ସତ୍ୟଜିତ୍ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରୁଛନ୍ତି।

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ
ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮)
ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ହ ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେ ହେତୁ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି ।
ତେଣୁ ବିଶେଷକରି ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ ୟୁକୋ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ ।

| ଇଟାମାଟି (୦୫୩୫) ଶାଖା ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମା ତାରିଣୀ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସୌଦାମିନୀ ସାହୁ, ସ୍ୱାମୀ: ଶ୍ରୀ ଆର୍ତ୍ତବନ୍ଧୁ ସାହୁ, ସା.: ନହର ସାହି, ପୋ.: ଇଟାମାଟି, ଜିଲ୍ଲା: ନୟାଗଡ / ଜାମିନଦାର: ଶ୍ରୀ ବୈଦ୍ୟନାଥ ସାହୁ, ପିତା: ଘନ ସାହୁ, ସା.: ନହର ସାହି, ପୋ.: ଇଟାମାଟି, ଜିଲ୍ଲା: ନୟାଗଡ | ୨୮.୦୧.୨୦୧୩ସୁଦ୍ଧା ଟ.୨,୯୪,୬୫୧.୭୮ +ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୨୮.୦୧.୨୦୧୩ / ୨୬.୦୫.୨୦୨୩ | ଶ୍ରୀ ବୈଦ୍ୟନାଥ ସାହୁ, ସା.: ନହର ସାହି, ପୋ.: ଇଟାମାଟି, ଜିଲ୍ଲା: ନୟାଗଡଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୦୦, ଖାତା ନଂ.: ୮୧୧, ମୌଜା: ଇଟାମାଟି, ଥାନା: ଇଟାମାଟି, ତହସିଲ: ନୟାଗଡ, ସବ୍ ରେଜିଷ୍ଟ୍ରେଡ୍: ନୟାଗଡ, ଜିଲ୍ଲା: ନୟାଗଡ, କ୍ଷେତ୍ର: ଏକର୦.୦୫ଡିସିମିଲି, ଏହାର ଚଉପାର୍ଶ୍ୱରେ ଉତ୍ତର: ମୁଖ୍ୟ ରାସ୍ତା, ପୂର୍ବ: ନରସିଂହ ସାହୁ, ଦକ୍ଷିଣ: ଅର୍ଜୁନ ସାହୁ, ପଶ୍ଚିମ: କିର୍ତ୍ତନ ଦାସ |
| ଋଣଗ୍ରହୀତା: ମେସର୍ସ କୁମାରୀ ୱେଭିଙ୍ଗ କାରଖାନା, ସ୍ୱତ୍ତ୍ୱାଧିକାରୀ: କୁମାରୀ ସାହୁ, ସ୍ୱାମୀ: ସନାତନ ସାହୁ, ସା.: ତନ୍ତୀ ସାହି, ପୋ.: ଇଟାମାଟି, ନୟାଗଡ, ପିନ୍-୭୫୨୦୬୮ / ଜାମିନଦାର: ୰ ସନାତନ ସାହୁ, ପିତା: ଶ୍ରୀ ବିଶ୍ୱନାଥ ସାହୁ ଏବଂ ୰ ସନାତନ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) କୁମାରୀ ସାହୁ, ସ୍ୱାମୀ: ୰ ସନାତନ ସାହୁ, ୨) ନିଳକଣ୍ଠ ସାହୁ, ପିତା: ସନାତନ ସାହୁ, ୩) ବାଲୁଙ୍କେଶ୍ୱର ସାହୁ, ପିତା: ସନାତନ ସାହୁ, ୪) ମିସ୍ ରୀତା ସାହୁ, ପିତା: ୰ ସନାତନ ସାହୁ, ୫) ଶ୍ରୀମତୀ ସଞ୍ଜୁବାଳା ସାହୁ, ପିତା: ୰ ସନାତନ ସାହୁ, ସ୍ୱାମୀ: ସୁବାଷ ଚନ୍ଦ୍ର ସାହୁ, ୬) ଶ୍ରୀମତୀ ଦୀପାଞ୍ଜଳୀ ସାହୁ, ପିତା: ୰ ସନାତନ ସାହୁ, ୭) ଶ୍ରୀମତୀ ସୋନାଲି ସାହୁ, ପିତା: ୰ ସନାତନ ସାହୁ, ସମସ୍ତଙ୍କ ବାସଗୃହ ଠିକଣା ସା.: ତନ୍ତୀ ସାହି, ପୋ.: ଇଟାମାଟି, ନୟାଗଡ-୭୫୨୦୬୮ | ୩୧.୧୨.୨୦୨୨ସୁଦ୍ଧା ଟ.୧୫,୦୩,୦୯୭.୫୦ +ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୦୨.୨୦୨୩ / ୨୬.୦୫.୨୦୨୩ | ୧) କୁମାରୀ ସାହୁ, ସ୍ୱାମୀ: ସନାତନ ସାହୁ, ତନ୍ତୀ ସାହି, ଇଟାମାଟି, ନୟାଗଡ, ପିନ୍-୭୫୨୦୬୮ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୬୧୮ ଏବଂ ୧୬୧୯/୪୦୬୪, ଖାତା ନଂ.: ୧୩୨୧/୫୦୧, ମୌଜା: ଇଟାମାଟି, ଥାନା: ଇଟାମାଟି, ତହସିଲ: ନୟାଗଡ, ସବ୍ ରେଜିଷ୍ଟ୍ରେଡ୍: ନୟାଗଡ, ଜିଲ୍ଲା: ନୟାଗଡ, କ୍ଷେତ୍ର: ଏକର୦.୦୫ଡିସିମିଲି, ଏହାର ଚଉପାର୍ଶ୍ୱରେ ଉତ୍ତର: ରାସ୍ତା/ସନାତନ ସାହୁ, ପୂର୍ବ: ମଦନ ସାହୁ/ପାଣୁ ଚରଣ ସାହୁ, ଦକ୍ଷିଣ: ଭାରତ ବିଶୋଇ, ପଶ୍ଚିମ: ରାସ୍ତା, ୨)ସନାତନ ସାହୁ, ପିତା: ବିଶ୍ୱନାଥ ସାହୁ, ତନ୍ତୀ ସାହି, ଇଟାମାଟି, ନୟାଗଡ, ପିନ୍-୭୫୨୦୬୮ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୬୧୯, ଖାତା ନଂ.: ୧୩୨୧/୫୦୨, ମୌଜା: ଇଟାମାଟି, ଥାନା: ଇଟାମାଟି, ତହସିଲ: ନୟାଗଡ, ସବ୍ ରେଜିଷ୍ଟ୍ରେଡ୍: ନୟାଗଡ, ଜିଲ୍ଲା: ନୟାଗଡ, କ୍ଷେତ୍ର: ଏକର୦.୦୬ଡିସିମିଲି, ଏହାର ଚଉପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ପାଣୁ ଚରଣ ସାହୁ, ଦକ୍ଷିଣ: କୁମାରୀ ସାହୁ, ପଶ୍ଚିମ: ରାସ୍ତା |

ତାରିଖ: ୨୯.୦୫.୨୦୨୩
ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

> ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। –ଶ୍ରୀଅରବିନ୍ଦ



# ନିଆଁ ଲଗାଇଲେ, ଲିଭାଇ ପାରିଲେନି

ମଣିପୁରରେ ଏପ୍ରିଲ ତୃତୀୟ ସପ୍ତାହରେ ମେତେଇ ଓ କୁକି ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ହିଂସା ଦେଖାଦେଇଥିଲା। ମଣିପୁର ଉଚ୍ଚ ନ୍ୟାୟାଳୟ ମେତେଇ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ଲାଗି ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଏହି ଗଣ୍ଡଗୋଳର ସୂତ୍ରପାତ ଘଟିଥିଲା। ଏହି ହିଂସାରେ ସବୁଠୁ କ୍ଷତିଗ୍ରସ୍ତ ହୋଇଥିଲା ଚୌରଚାନ୍ଦପୁର ଓ ଇମ୍ଫାଲ। ଏଥିରେ ୬୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ଆହତ ଓ ୩୫,୦୦୦ ଲୋକ ସ୍ଥାନାନ୍ତରିତ ହୋଇଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଗଣ୍ଡଗୋଳର ନିଆଁ ଲଗାଇଛି ଭାଜପା। ଭାଜପା ଚାହିଁଲା ମେତେଇ ସମ୍ପ୍ରଦାୟକୁ ହାତକୁ ଆଣି ତାକୁ ଲାଭ ଦେଇ ସ୍ଥାୟୀ ଭାବେ ଭୋଟ ହାତେଇବ। ସେଥିପାଇଁ ଉଚ୍ଚନ୍ୟାୟାଳୟ ମାଧ୍ୟମରେ କୌଣସି ପ୍ରକାରେ ସେହି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବାରେ ସଫଳ ହେଲା। ଉଲ୍ଲେଖଯୋଗ୍ୟ ଯେ ମଣିପୁର ଜନସଂଖ୍ୟାର ପାଖାପାଖି ୫୩ ପ୍ରତିଶତ ହେଉଛନ୍ତି ମେତେଇ। ଏହାର ୮୩% ହିନ୍ଦୁ ଓ ସେମାନେ ସମତଳ ଅଞ୍ଚଳରେ ରୁହନ୍ତି। ସେମାନେ ଶିକ୍ଷିତ, ଧନୀ । ସେମାନଙ୍କର ବ୍ୟବସାୟିକ ଓ ପ୍ରଶାସନିକ କ୍ଷେତ୍ରରେ ଆଧିପତ୍ୟ ଅଛି। ଅନ୍ୟପକ୍ଷରେ ପାହାଡ଼ ଉପରେ ରହୁଥିବା କୁକି ଓ ଅନ୍ୟ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ଗରିବ ଏବଂ ଶିକ୍ଷା କ୍ଷେତ୍ରରେ ସେମାନେ ବହୁ ପଛରେ। ଏଣୁ ଜନସଂଖ୍ୟାର ସିଂହଭାଗ ମେତେଇ ସମ୍ପ୍ରଦାୟକୁ ଆଦିବାସୀ ସୁବିଧା ଦେବାକୁ ଭାଜପା ସବୁ ବଳ ଲଗାଇଦେଇଛି, ଯାହାକୁ ନେଇ ହିଂସାର ନିଆଁ ଲାଗିଯାଇଛି। ତେବେ ଉକ୍ତ ସାମ୍ପ୍ରଦାୟିକ ହିଂସା ପୂରା ନ ଥମୁଣୁ ଏବେ କୁକି ମିଲିଟାଣ୍ଟ ଗୋଷ୍ଠୀର ଉଗ୍ରବାଦୀମାନେ ସକ୍ରିୟ ହୋଇଉଠିଛନ୍ତି। ସେମାନେ ସେକମାଇ, ଫାୟେଙ୍ଗ, ଟୋର୍ବୁଙ୍ଗ, ସେରୋଉ ଓ ସୁଗ୍ନୁ ଆଦି ଅଞ୍ଚଳରେ ବ୍ୟାପକ ହିଂସା ଭିଆଇଛନ୍ତି। ସୁରକ୍ଷା ବଳ ଓ ଉଗ୍ରବାଦୀଙ୍କ ମଧ୍ୟରେ ସଂଘର୍ଷ ଲାଗିରହିଛି। ଏଥିରେ ଗତ ୩ରୁ ୪ ଦିନ ମଧ୍ୟରେ ୪୦ ଜଣ ଉଗ୍ରବାଦୀଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। କିନ୍ତୁ ସୁରକ୍ଷାବଳର କେଉଁ ପ୍ରକାର କ୍ଷତି ହେଉଛି ତାହାର କୌଣସି ବିବରଣୀ ପଦାକୁ ଆସୁନାହିଁ। ଯେହେତୁ ମଣିପୁର ଏକ ସୀମାଞ୍ଚଳ ରାଜ୍ୟ ସେଥିପାଇଁ ଲଢୁଥିବା ମେତେଇଙ୍କ ପାଖରେ ଆଧୁନିକ ଅସ୍ତ୍ରଶସ୍ତ୍ର ରହିଛି। ସୁରକ୍ଷାବଳ ସହିତ ଯେତେବେଳେ ଗୁଳି ବିନିମୟ ଲାଗୁଛି ସେତେବେଳେ ଉଭୟ ପଟର ପ୍ରାଣହାନି ହେବା ସୁନିଶ୍ଚିତ। କିନ୍ତୁ ରାଜନୀତି ପାଇଁ ନିଆଁ ଲଗାଇ ପାରୁଥିବା ଭାଜପାର ନେତୃତ୍ୱ ଏବେ ଅଡୁଆରେ ପଡ଼ିଛନ୍ତି। ପୂର୍ବରୁ କର୍ନାଟକ ନିର୍ବାଚନ ଦ୍ୱାହି ଦେଇ ମଣିପୁର କଥା କେହି ବୁଝିବା ପାଇଁ ସମୟ ଦେଲେ ନାହିଁ। ଏବେ ପରିସ୍ଥିତି ଅଣାୟତ ହେବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଅର୍ଥାତ ୨୯ ମେରେ ପ୍ରଥମ ଥର ଏଭଳି ଜଳୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସୀମାଞ୍ଚଳ ରାଜ୍ୟରେ ଆସି ପହଞ୍ଚିଛନ୍ତି।

ଗୋଟିଏ ପଟେ ରାଜ୍ୟ ସରକାର କହୁଛନ୍ତି ଯେ, ସ୍ଥାନାନ୍ତରିତ କ୍ଷତିଗ୍ରସ୍ତଙ୍କର ଥଇଥାନ କରାଯାଉଛି। ହେଲେ ଆରପଟେ ଖବର ମିଳୁଛି ଯେ, ସୁରକ୍ଷା ବାହିନୀ ସହ ଉଗ୍ରବାଦୀଙ୍କର ତୀବ୍ର ଲଢେଇ ଚାଲିଛି। ସମ୍ପୃକ୍ତ ହିଂସାଗ୍ରସ୍ତ ଅଞ୍ଚଳରେ ଅଲଗା ପ୍ରଶାସନ କଥା ଉଠାଉଥିବା ତଥା ସରକାରରେ ଥିବା ଭାଜପା ନେତା ଏବଂ ବିଚ୍ଛିନ୍ନତାବାଦକୁ ପ୍ରଶ୍ରୟ ଦେଉଥିବା ଉଗ୍ରବାଦୀ ଗୋଷ୍ଠୀ ଉଭୟ ଅଶାନ୍ତି ଓ ବିଭାଜନକୁ ଉସୁକାଉଥିବା ଭଳି ମନେହେଉଛି।

ଭାଜପା ଲଗାଇଥିବା ନିଆଁକୁ ମଣିପୁରରେ ବୀରେନ ସିଂଙ୍କ ସରକାର ଆୟତ୍ତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କେନ୍ଦ୍ର ସରକାର ମଧ୍ୟ ଏ କ୍ଷେତ୍ରରେ ହାତ ବାନ୍ଧି ବସିଗଲେ। ମଣିପୁରରେ ସାମ୍ପ୍ରଦାୟିକ ସମ୍ପର୍କ ପୂର୍ବରୁ ମଧ୍ୟ ବିଗିଡ଼ି ଯାଇଥିବାର ଉଦାହରଣ ଅଛି। କିନ୍ତୁ ତାହା ଉଗ୍ର ରୂପ ନେଉ ନ ଥିଲା। ଗୋଟିଏ ପଟେ ରାଜ୍ୟ ସରକାର କହୁଛନ୍ତି ଯେ, ସ୍ଥାନାନ୍ତରିତ କ୍ଷତିଗ୍ରସ୍ତଙ୍କର ଥଇଥାନ କରାଯାଉଛି। ହେଲେ ଆରପଟେ ଖବର ମିଳୁଛି ଯେ, ସୁରକ୍ଷା ବାହିନୀ ସହ ଉଗ୍ରବାଦୀଙ୍କର ତୀବ୍ର ଲଢେଇ ଚାଲିଛି। ସମ୍ପୃକ୍ତ ହିଂସାଗ୍ରସ୍ତ ଅଞ୍ଚଳରେ ଅଲଗା ପ୍ରଶାସନ କଥା ଉଠାଉଥିବା ତଥା ସରକାରରେ ଥିବା ଭାଜପା ନେତା ଏବଂ ବିଚ୍ଛିନ୍ନତାବାଦକୁ ପ୍ରଶ୍ରୟ ଦେଉଥିବା ଉଗ୍ରବାଦୀ ଗୋଷ୍ଠୀ ଉଭୟ ଅଶାନ୍ତି ଓ ବିଭାଜନକୁ ଉସୁକାଉଥିବା ଭଳି ମନେହେଉଛି। ବାସ୍ତବରେ ଦୀର୍ଘମିଆଦୀ ଦୃଷ୍ଟିକୋଣରୁ ଏହା ସେହି ରାଜ୍ୟ ଲାଗି ଭୟଙ୍କର ସ୍ଥିତି ସୃଷ୍ଟି କରିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | | |
| 6 | | | 4 | | | | 9 | |
| | 4 | 9 | | | 8 | | 6 | 1 |
| 1 | | | | | | 3 | | |
| 3 | | 8 | | 1 | | 7 | | 2 |
| | 7 | 5 | | | | | 8 | |
| | | 1 | | 3 | 9 | | | |
| | | | | | | 8 | | 4 |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 6 | 7 | 8 | 4 | 1 | 3 | 9 |
| 1 | 7 | 9 | 3 | 5 | 2 | 6 | 8 | 4 |
| 8 | 3 | 4 | 9 | 1 | 6 | 7 | 2 | 5 |
| 3 | 4 | 1 | 5 | 6 | 7 | 2 | 9 | 8 |
| 6 | 8 | 2 | 4 | 9 | 3 | 5 | 7 | 1 |
| 7 | 9 | 5 | 8 | 2 | 1 | 4 | 6 | 3 |
| 2 | 1 | 8 | 6 | 3 | 5 | 9 | 4 | 7 |
| 9 | 6 | 7 | 1 | 4 | 8 | 3 | 5 | 2 |
| 4 | 5 | 3 | 2 | 7 | 9 | 8 | 1 | 6 |

ଗତକାଲିର ଉତ୍ତର

# ସତ୍ୟପାଠର ସତ୍ୟତା



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କରେ ୨୦୧୮ ମସିହାରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ୫ ବର୍ଷ ଓ ଛବିଶଟି ଶୁଣାଣି ପରେ ବନ୍ଦ କରିଦେଲେ। ମାମଲା ଦାଏର ପରେ କୋର୍ଟଙ୍କ ନିର୍ଦ୍ଦେଶରେ ପୁରୀ ଜିଲା ଜଜ୍‌ଙ୍କ ଦ୍ୱାରା ଦାଖଲ ରିପୋର୍ଟରେ ଶ୍ରୀମନ୍ଦିର ସଂସ୍କାର ସମ୍ପର୍କରେ ବଂଶାନୁକ୍ରମିକ ସେବା ଉଚ୍ଛେଦ, ରତ୍ନଭଣ୍ଡାର ଖୋଲିବା ସହ ଶ୍ରୀଜୀଉଙ୍କ ନାମରେ ଜମିଜମା ଓ ଭକ୍ତଙ୍କ ସୁବିଧା ପାଇଁ ଅନେକ ପ୍ରସ୍ତାବକୁ କୋର୍ଟ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ତାହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ୨୦୧୯ ନଭେମ୍ବରରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଦାଖଲ ସତ୍ୟପାଠ ପରେ ମୂଳ ମାମଲା ସହ ଏକାଧିକ ମାମଲା ବନ୍ଦ କରାଗଲା। କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରୀ ସେହି ସତ୍ୟପାଠର ସତ୍ୟତା ଉପରେ ସନ୍ଦେହ କରି ବାସ୍ତବ ସ୍ଥିତି ଅନୁଧ୍ୟାନ ପାଇଁ କରିଥିବା ଅନୁରୋଧ ମଧ୍ୟ ଗ୍ରହଣ କରାଗଲା ନାହିଁ। ଅବଶ୍ୟ ସର୍ବୋଚ୍ଚ ନ୍ୟାୟାଳୟ ଆବଶ୍ୟକ ସ୍ଥଳେ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ମାମଲା ପାଇଁ ନିର୍ଦ୍ଦେଶ ଦେବା ସହ କୋର୍ଟ ଆଦେଶ ପରିପାଳନର ଅନୁଧ୍ୟାନ ପାଇଁ ଉଚ୍ଚ ନ୍ୟାୟାଳୟକୁ ଜଣାଇଛନ୍ତି। କିନ୍ତୁ କୋର୍ଟଙ୍କର କିଛି ଟିପ୍ପଣୀ ନ୍ୟାୟିକ ବ୍ୟବସ୍ଥା ପରିବର୍ତ୍ତେ ବ୍ୟକ୍ତିଗତ ଭାବାବେଗର ଚାପକୁ ସ୍ପଷ୍ଟ କରୁଛି। ବିଶେଷତଃ ରତ୍ନଭଣ୍ଡାର ଖୋଲିବା ପାଇଁ ଆଦେଶରେ ବ୍ୟକ୍ତିଗତ ଧାର୍ମିକ କ୍ଷତିର ଆଶଙ୍କା ପ୍ରକାଶ କରାଯିବା ନ୍ୟାୟିକ ବ୍ୟବସ୍ଥାର ପରିପନ୍ଥୀ ମନେହୁଏ।

ମାମଲାର ଶୁଣାଣି ଅବଧି ମଧ୍ୟରେ ପୁରୀରେ ଶ୍ରୀମନ୍ଦିର ସମ୍ପର୍କିତ ବହୁ ହାଇଡ୍ରାମା ଦେଖିବାକୁ ମିଳିଥିଲା। ପ୍ରଥମେ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ କ୍ୟୁରୀ କ୍ଷେତ୍ର ପରିଦର୍ଶନ ବେଳେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତତୁଲ୍ୟ ପ୍ରାତଃ ସମୟରେ ଏକାକୀ ଶ୍ରୀଜୀଉଙ୍କୁ ଦର୍ଶନ କରି ଶଙ୍କରାଚାର୍ଯ୍ୟଙ୍କୁ ଭେଟିବା ପରେ ସେବକମାନଙ୍କୁ ସୁଧୁରି ଯିବାକୁ ପରାମର୍ଶ ଦେଇ ନିଜେ ଦାୟିତ୍ୱରୁ ଓହରି ଗଲେ। ରତ୍ନଭଣ୍ଡାର ଖୋଲିବା ପାଇଁ ସର୍ପ ଧରାଳି, ଆମ୍ବୁଲାନ୍ସ, ଦମକଳ ଗାଡ଼ିର ବ୍ୟବସ୍ଥା କରି ଜିଲାପାଳଙ୍କର ସତର ଜଣିଆ ଗୋଷ୍ଠୀଙ୍କୁ ନେଇ ମନ୍ଦିର ପ୍ରବେଶ, ଶ୍ରୀଲୋକନାଥଙ୍କ ପ୍ରସାଦ ଛୁଇଁ କୌଣସି ତଥ୍ୟ ବାହାରେ ପ୍ରକାଶ ନ କରିବାକୁ ଶପଥ ନେଲେ। ଜନୈକ ଅଧିକାରୀ ଆଘାତ ପାଇ ରକ୍ତାକ୍ତ ହେବା ପ୍ରଚାର ସେଇ ହାଇଡ୍ରାମାର ଦୃଶ୍ୟ ହିଁ ଥିଲା। ଶ୍ରୀମନ୍ଦିରରେ ରକ୍ତଛିଟା ପଡ଼ିଲେ ଶ୍ରୀଜୀଉଙ୍କର ମହାସ୍ନାନ ହୁଏ, କିନ୍ତୁ ସେଦିନ ମହାସ୍ନାନ ହୋଇ ନ ଥିବା ଯୋଗୁ ପ୍ରଚାରର ମୂଳ ଉଦ୍ଦେଶ୍ୟ ଅନୁମେୟ। ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ଦିନର ବିଶୃଙ୍ଖଳା ମଧ୍ୟ ପୂର୍ଣ୍ଣ ପ୍ରାୟୋଜିତ ଥିବାର ଆଲୋଚନା ହୋଇସାରିଛି। ଜିଲାପାଳମାନେ କାର୍ଯ୍ୟରେ ଯୋଗଦାନ ଦିନ ଜିଲା ଟ୍ରେଜେରିର ଦାୟିତ୍ୱ ନେଇଥା'ନ୍ତି। ଜଣେ ଦାୟିତ୍ୱସମ୍ପନ୍ନ ଅଧିକାରୀ ଭାବେ ଜିଲାପାଳଙ୍କ ଏତାଦୃଶ ନାଟକୀୟ ଆଚରଣ,



ପରଦିନ ଟ୍ରେଜେରି ପରିବର୍ତ୍ତେ ଜିଲା କାର୍ଯ୍ୟାଳୟରୁ ଚାବି ମିଳିବା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ଘୋଷଣା ଆଦି ଯେତିକି ରହସ୍ୟମୟ, ଖୋଦ୍ ରାଜ୍ୟ ସରକାର ଏହା ଉପରେ କୌଣସି ପ୍ରାଥମିକ ତଦନ୍ତ ବା କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ତଦନ୍ତ କମିଶନ ଗଠନ କରିବା ଏବଂ ପ୍ରାୟ ଚବିଶ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ରିପୋର୍ଟ ଉପରେ କୌଣସି ପଦକ୍ଷେପ ନିଆନଯିବା ତତୋଽଧିକ ରହସ୍ୟମୟ। ଏହିସବୁ ହାଇଡ୍ରାମା ସହ ରତ୍ନଭଣ୍ଡାର ଲୁଟି ଓ ତନ୍ମଧ୍ୟରେ ସାତ ମୁଣ୍ଡିଆ ସାପ ଥିବାର ପ୍ରଚାର ଯେ ବିଚାର ପ୍ରକ୍ରିୟାକୁ ଅନୁପ୍ରବେଶ କରିନାହିଁ, ତାହା ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି କରୁଛି।


ଶ୍ରୀମନ୍ଦିରରେ ଶୃଙ୍ଖଳିତ ଧାଡ଼ି ଦର୍ଶନ ଏବଂ ଆନନ୍ଦ ବଜାରରେ ସୁବନ୍ଦୋବସ୍ତର ପ୍ରଚାର ଦର୍ଶନାର୍ଥୀଙ୍କ ସଂଖ୍ୟା ବୃଦ୍ଧିର କାରଣ ହୋଇଛି। ଅପରପକ୍ଷରେ ଶ୍ରୀମନ୍ଦିର ଭିତରେ ଦର୍ଶନାର୍ଥୀଙ୍କ ଦୁରବସ୍ଥା ସହ ଆନନ୍ଦ ବଜାରରେ ଅକଥନୀୟ ଦୁଃଖ ଓ ଶୋଷଣ ଶିକାରର ତିକ୍ତ ଅନୁଭୂତିକୁ ପ୍ରଶାସନ ନଜର ଅନ୍ଦାଜ କରିଚାଲିଛି। ଶତାଧିକ ବର୍ଷରୁ ଜାଗା କିଣି ସ୍ଥିତିବାନ ସ୍ୱତ୍ୱ ପାଇଥିବା ପୁରୀ ସହରର ଅଶୀ ଶତାଂଶ ଓ ଓଡ଼ିଶାର ବହୁ ସହସ୍ର ବ୍ୟକ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କର ଗୋଟିଏ ଆଦେଶରେ ଜମିର ମାଲିକାନା ସ୍ୱତ୍ୱ ହରାଇଛନ୍ତି। ଏବଂ ଜମିର ମାଲିକାନା ଶ୍ରୀଜଗନ୍ନାଥଙ୍କ ନାମକୁ ଚାଲିଯାଇଛି। ଜମି ଭୋଗ କରୁଥିବା ବ୍ୟକ୍ତି ଝିଅ ବିଭାଘର ବା କୌଣସି ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଜମି ବିକ୍ରି ବା ହସ୍ତାନ୍ତର କରିପାରୁନାହାନ୍ତି। ଶ୍ରୀମନ୍ଦିରକୁ ଜମିର ଧାର୍ଯ୍ୟମୂଲ୍ୟ ଦେଇ ପୁନଃ କ୍ରୟ ପାଇଁ ସେମାନଙ୍କ ଆଶା ମଧ୍ୟ ଆଇନର ଜାଲରେ ଛନ୍ଦି ହେଉଛି।

ଶ୍ରୀମନ୍ଦିର ପ୍ରବେଶ ପୂର୍ବରୁ ଧାଡ଼ି ବ୍ୟବସ୍ଥାରେ ଦର୍ଶନାର୍ଥୀ ଯେମିତି ଅତିଷ୍ଠ ନିୟମିତ ଶ୍ରୀ ଜୀଉଙ୍କ ଦର୍ଶନାର୍ଥୀଙ୍କ ମନର ଅବସ୍ଥା ତତୋଽଧିକ ଦୁଃଖଦ ହୋଇସାରିଛି। ଐତିହ୍ୟକୁ ମାଟିରେ ମିଶାଇ ଐତିହ୍ୟ କରିଡର ନିର୍ମାଣ ପରି ନିଷିଦ୍ଧାଞ୍ଚଳ ଓ ନିୟନ୍ତ୍ରିତ ଅଞ୍ଚଳ କେବଳ ଭ୍ରମାତ୍ମକ ପ୍ରଚାର ସର୍ବସ୍ୱ ଆଭିଧାନିକ ଶବ୍ଦରେ ସୀମିତ। ଜାତୀୟ କୀର୍ତ୍ତିରାଜି କର୍ତ୍ତୃପକ୍ଷ ଓ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ସହ ରାଜ୍ୟ ପ୍ରଶାସନିକ ମଧୁଚନ୍ଦ୍ରିକାର ମାୟାଜାଲ ଭେଦ କରିବା ମଧ୍ୟ ଦୁରୂହବ୍ୟାପାର। ପନ୍ଦର ଫୁଟ ମୂଳଦୁଆ ସତ୍ତ୍ୱେ ଶୌଚାଳୟ ନିର୍ମାଣର ସତ୍ୟପାଠ ଏବଂ ଏ ସମ୍ପର୍କୀୟ ବିଭାଗୀୟ ଅନୁମତିର ସତ୍ୟତା ଉପରେ ଲୋକ ସଭାରେ ଆଲୋଚନା ମଧ୍ୟ ଶ୍ରୀମନ୍ଦିର ଦର୍ଶନାର୍ଥୀଙ୍କ ପାଇଁ କୌଣସି ସୁବ୍ୟବସ୍ଥା ପୂର୍ଣ୍ଣାଙ୍ଗ ହୋଇନାହିଁ। ବରଂ ଏହା ସତ୍ୟ ଯେ ଦର୍ଶନାର୍ଥୀଙ୍କ ଅନୁଭବ, ବାସ୍ତବ ଅବସ୍ଥା ଏବଂ ସ୍ଥାନୀୟ ଜନସାଧାରଣଙ୍କ ଉଦ୍‌ବେଗ ସହ ପ୍ରଶାସନିକ ଲୁଚକାଳି ଖେଳ ସମ୍ପର୍କିତ ପ୍ରକୃତ ତଥ୍ୟ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ପହଞ୍ଚିପାରି ନାହିଁ। ପହଞ୍ଚାଇ ଦିଆଯାଇନାହିଁ । ଐତିହ୍ୟ ଧ୍ୱଂସୀ ନିର୍ମାଣ ସହ ଶ୍ରୀମନ୍ଦିର ଇଲାକାରେ ପାର୍କର ଭ୍ରମକୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ନାପସନ୍ଦ ମଧ୍ୟ ଗୁରୁତ୍ୱହୀନ ହୋଇଗଲା। ଏବେ ମଧ୍ୟ ଅନେକେ ସେଇ ମାମଲା ପଛରେ କେହି ଅଦୃଶ୍ୟ ନାୟକ ଥିବା ଦ୍ୱନ୍ଦ୍ୱରେ ଅଛନ୍ତି। କରୋନା ସଂକ୍ରମଣ ପରଠାରୁ 'ସବୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛା'ର ପ୍ରଚାର ଶ୍ରୀମନ୍ଦିରର ବ୍ୟୟକୁ ବହୁଗୁଣ ବଢ଼ାଇ ଦେଇଛି, ହେଲେ ଉପକୃତ ବ୍ୟକ୍ତି କିନ୍ତୁ କେବଳ ସେବକ ଓ ଠିକାଦାରଙ୍କ ମଧ୍ୟରେ ସୀମିତ।

ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ଏହି ଆଦେଶ ଯୋଗୁ ଶ୍ରୀଜଗନ୍ନାଥ ମନ୍ଦିର ବ୍ୟାପାରର ପ୍ରାଥମିକ ଶୁଣାଣି ରାଜ୍ୟ ଉଚ୍ଚ ନ୍ୟାୟାଳୟ ବା ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାର ପରିସରଭୁକ୍ତ, ତାହା ବିଗତ ଦିନର କିଛି ଅଦାଲତି ଆଦେଶ ଯୋଗୁ ଅନେକଙ୍କୁ ଦ୍ୱନ୍ଦ୍ୱରେ ରଖୁଛି। ଅପରପକ୍ଷରେ ଶ୍ରୀମନ୍ଦିର ଓ ଜିଲା ପ୍ରଶାସନ ଦ୍ୱାରା ଭିଭିଆଇପି ସଂସ୍କୃତିକୁ ଗୁରୁତ୍ୱ ଦେଇ ମହାପ୍ରଭୁଙ୍କ ଖଣ୍ଡୁଆ ପାଟରେ ସ୍ୱାଗତ ଓ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥାର କଳେବର ବଢ଼ିଚାଲିଛି। ପୁରୀକୁ ପର୍ଯ୍ୟଟନ ସହର ମାନ୍ୟତାର ସରକାରୀ ମାନସିକତା ମଧ୍ୟ ସ୍ପଷ୍ଟ ହେଉଛି। ଶ୍ରୀମନ୍ଦିର ଯେ ଦିନେ ଭକ୍ତି ପାଇଁ ନିଷିଦ୍ଧ ଇଲାକା ହେବ ଏବଂ ଏହାର ଅସୁରକ୍ଷିତ ରତ୍ନଭଣ୍ଡାର ରହସ୍ୟ ମଧ୍ୟରେ ରହିଯିବ ଏ ପ୍ରଶ୍ନ ସ୍ୱତଃ ସୃଷ୍ଟି ହେଉନାହିଁ କି ?

୧୧୩– ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ସତତ ବିକାଶ ଲକ୍ଷ୍ୟ ୫.୩



ଘାସିରାମ ପଣ୍ଡା

ସମଗ୍ର ବିଶ୍ୱରେ ବାଲ୍ୟବିବାହର ସ୍ଥିତିରେ ପରିବର୍ତ୍ତନ ଆସିଛି। ୧୦ ବର୍ଷ ପୂର୍ବେ ପ୍ରତି ୪ଜଣରେ ଜଣେ ଝିଅ ବାଲ୍ୟବିବାହର ଶିକାର ହେଉଥିବା ବେଳେ ଏବେ ୫ ଜଣରୁ ଜଣେକୁ ଏହା ଖସି ଆସିଛି। ୨୦୨୩ ମେ'ରେ ୟୁନିସେଫ୍ ପକ୍ଷରୁ ସମଗ୍ର ବିଶ୍ୱରେ ବାଲ୍ୟବିବାହର ସ୍ଥିତିକୁ ନେଇ ପ୍ରକାଶିତ ରିପୋର୍ଟରେ ଏକଥା କୁହାଯାଇଛି। ଏହି ପରିବର୍ତ୍ତିତ ସ୍ଥିତି କିନ୍ତୁ ସମତୁଲ ଓ ଉତ୍ସାହଜନକ ହୋଇପାରି ନାହିଁ। ଏସିଆ ମହାଦେଶ ବିଶେଷକରି ଭାରତରେ ଅଗ୍ରଗତି ଉଲ୍ଲେଖନୀୟ ହୋଇଥିବା ବେଳେ ବିଶ୍ୱର ଅନ୍ୟ ପ୍ରାନ୍ତରେ ଝିଅମାନେ ଏବେ ବି ବ୍ୟାପକ ଭାବେ ବାଲ୍ୟବିବାହର ଶିକାର ହେଉଛନ୍ତି। ଆଫ୍ରିକା, ଲାଟିନ୍ ଆମେରିକା ଓ କାରିବିୟାନ ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ତାରତମ୍ୟର ପ୍ରଭାବରୁ ଗତ ୨୫ ବର୍ଷ ଭିତରେ ବାଲ୍ୟବିବାହର ସ୍ଥିତିରେ ବିଶେଷ ପରିବର୍ତ୍ତନ ଆସିପାରି ନାହିଁ। ସତତ ବିକାଶ ଲକ୍ଷ୍ୟର ୫.୩ ଅନୁଯାୟୀ ୨୦୨୩ ସୁଦ୍ଧା ବିଶ୍ୱରେ ବାଲ୍ୟବିବାହର ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆମେ ଏବେ ସତତ ବିକାଶ ଲକ୍ଷ୍ୟର ମଧ୍ୟଭାଗରେ ଥାଇ ବାଲ୍ୟବିବାହ ନିଷେଧର ପ୍ରଗତି ହାରକୁ ଅନୁଧ୍ୟାନ କଲେ ୨୦୩୦ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ କେବେ ବି ସମ୍ଭବ ମନେହେଉ ନାହିଁ। ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ପ୍ରତିବଦ୍ଧତାରେ କୌଣସି ପରିବର୍ତ୍ତନ ନ ଆସିଲେ ବିଶ୍ୱକୁ ବାଲ୍ୟବିବାହ ମୁକ୍ତ କରିବାକୁ ଅତିକମ୍‌ରେ ଆଉ ୩୦୦ ବର୍ଷ ଲାଗିଯିବ ବୋଲି ୟୁନିସେଫ୍‌ର ଏହି ରିପୋର୍ଟରେ ଆକଳନ କରାଯାଇଛି।

ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱରେ ପ୍ରାୟ ୪୩ କୋଟି ବାଳିକା ବାଲ୍ୟବିବାହ କରିଛନ୍ତି। ଏଥିରୁ ସବୁଠାରୁ ଅଧିକ ୪୫ ଭାଗ ଦକ୍ଷିଣ ଏସିଆର ହୋଇଥିବା ବେଳେ ୨୦ ଭାଗ ଆଫ୍ରିକା, ୧୫ ଭାଗ ପୂର୍ବ ଏସିଆ ଓ ଭୂମଧ୍ୟସାଗର ଏବଂ ୯ ଭାଗ ଲାଟିନ୍ ଆମେରିକା ଓ କାରିବିୟାନ ଅଞ୍ଚଳରେ ଘଟିଛି। ଦକ୍ଷିଣ ଏସିଆରେ ବାଲ୍ୟବିବାହ ଅଧିକ ସଂଖ୍ୟାରେ ହେଉଥିଲେ ବି ଏହାକୁ ରୋକିବା ଦିଗରେ ବି ଏହି ଅଞ୍ଚଳ ଆଗରେ ରହିଛି। ଗତ ଦଶନ୍ଧି ଭିତରେ ଝିଅଟିଏର ବାଲ୍ୟବିବାହ ହେବା ସମ୍ଭାବନାକୁ ଶତକଡ଼ା ୪୬ରୁ ୨୬କୁ ଅଣାଯାଇପାରିଛି। ଗତ ୨୫ ବର୍ଷରେ ରୋକାଯାଇପାରିଥିବା ବାଲ୍ୟବିବାହର ୭୮ଭାଗ କେବଳ ଦକ୍ଷିଣ ଏସିଆରେ ସମ୍ଭବ ହୋଇପାରିଛି। ତଥାପି ଜନସଂଖ୍ୟା ବହୁଳ ଅଞ୍ଚଳ ହୋଇଥିବା କାରଣରୁ ସଂଖ୍ୟା ଦୃଷ୍ଟିରୁ ଦକ୍ଷିଣ ଏସିଆରେ ସବୁଠାରୁ ଅଧିକ ବାଲ୍ୟବିବାହ ହୁଏ। ବିଶ୍ୱର ସର୍ବାଧିକ ବାଲ୍ୟବିବାହ ଭାରତରେ ହିଁ ହୁଏ। ସମଗ୍ର ବିଶ୍ୱରେ ହେଉଥିବା ବାଲ୍ୟବିବାହର ଏକ ତୃତୀୟାଂଶ ଭାରତରେ ହିଁ ହୋଇଥାଏ। ଏଣୁ ସ୍ଥିତିରେ ପରିବର୍ତ୍ତନ ହୋଇଥିଲେ ବି ସମସ୍ୟା ଏବେ ବି ଗମ୍ଭୀର ହୋଇ ରହିଛି।



ଦାରିଦ୍ର୍ୟ, ସୁରକ୍ଷା, ଶିକ୍ଷା ପାଇଁ ସୁଯୋଗ ଓ ସଚେତନତାର ଅଭାବ, ଲିଙ୍ଗୀୟ ଭେଦଭାବ, ଝିଅଙ୍କ ସାମାଜିକ ଅବମୂଲ୍ୟାୟନ, ପୁରୁଷ କୈନ୍ଦ୍ରିକ ମାନସିକତା ପ୍ରଭୃତି ହେତୁ ବାଲ୍ୟବିବାହ ହେଉଛି। ନିକଟରେ କୋଭିଡ୍ ମହାମାରୀଜନିତ ଅସୁବିଧା ହେତୁ ବାଲ୍ୟବିବାହର ଅନୁପାତ ବଢ଼ିଛି। ବିଭିନ୍ନ ସମୟରେ ଜଳବାୟୁ ପରିବର୍ତ୍ତନଜନିତ ବିସ୍ଥାପନ ହେଉ ବା ଯୁଦ୍ଧ ଭଳି ସ୍ଥିତିର ଅସ୍ଥିରତା ହେତୁ ମଧ୍ୟ ବାଲ୍ୟବିବାହ ସଂଖ୍ୟା ବଢ଼ିଛି। ଏବେକାର ଆକଳନ ଅନୁଯାୟୀ ବର୍ଷରେ ପ୍ରାୟ ୧୨ କୋଟି ଝିଅ ୧୮ ବର୍ଷ ପୂର୍ବରୁ ବିବାହ କରୁଛନ୍ତି। ଅର୍ଥାତ୍ ପ୍ରତି ମିନିଟ୍‌ରେ ୨୩ ଓ ପ୍ରତି ୨ ସେକେଣ୍ଡରେ ପାଖାପାଖି ଜଣେ ଝିଅ ବିଶ୍ୱରେ ବାଲ୍ୟବିବାହର ଶିକାର ହେଉଛନ୍ତି। ବାଲ୍ୟବିବାହକୁ ରୋକାଯାଇ ନ ପାରିଲେ ଯେ କେବଳ ସତତ ବିକାଶ ଲକ୍ଷ୍ୟ ୫.୩ ପ୍ରଭାବିତ ହେବ ତାହା ନୁହେଁ। ଏହାର ପ୍ରତିକୂଳ ପ୍ରଭାବ ମୋଟ ୧୭ଟି ଧାର୍ଯ୍ୟଲକ୍ଷ୍ୟରୁ ୮ଟିକୁ ପୂରଣ ହେବାରେ ବାଧକହେବ। ବାଲ୍ୟବିବାହର ନିରାକରଣ ହୋଇ ନ ପାରିଲେ ଦାରିଦ୍ର୍ୟର ସମ୍ପୂର୍ଣ୍ଣ ଦୂରୀକରଣ, ଅନାହାରର ସମାପ୍ତି, ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନସ୍ତର, ଗୁଣାତ୍ମକ ଶିକ୍ଷା, ଲିଙ୍ଗୀୟ ସମାନତା, ଅର୍ଥନୈତିକ ଅଭିବୃଦ୍ଧି, ଅସମାନତାର ସ୍ଥିତିରେ ଉନ୍ନତି ଭଳି ଲକ୍ଷ୍ୟଗୁଡିକ ପୂରଣ ହୋଇପାରିବ ନାହିଁ।

ଭାରତରେ ଗତ କିଛି ବର୍ଷରେ ବାଲ୍ୟବିବାହକୁ ନେଇ ବିଶେଷ ବିମର୍ଶ ହୋଇଛି। ଅନେକ ରାଜ୍ୟ ସ୍ୱତନ୍ତ୍ର ରଣକୌଶଳ ଧାର୍ଯ୍ୟ ପୂର୍ବକ ବାଲ୍ୟବିବାହର ନିରାକରଣ ପାଇଁ ପ୍ରଶାସନିକ ତତ୍ପରତା ବଢ଼ାଇଛନ୍ତି। ଜାତୀୟ ସ୍ତରରେ ବେଟି ବାଚାଓ – ବେଟି ପଢ଼ାଓ ଭଳି ଅଭିଯାନ ସମେତ ଅନେକ ରାଜ୍ୟ ମଧ୍ୟ କିଶୋରୀଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିଛନ୍ତି। ହୁଏତ ଏସବୁର ପ୍ରଭାବ ଯୋଗୁ ଭାରତରେ ବାଲ୍ୟବିବାହ ନିରାକରଣର ପ୍ରୟାସ ବିଶ୍ୱ ସ୍ତରରେ ଦୃଶ୍ୟମାନ ହୋଇପାରିଛି। ବିଶ୍ୱର ଅନ୍ୟ ଅଞ୍ଚଳରେ ମଧ୍ୟ ନିଶ୍ଚିତ ଭାବେ ଏପରି କିଛି ଭଲ ପ୍ରୟାସ ବି ହେଉଥାଇପାରେ। ବାଲ୍ୟବିବାହ ନିରାକରଣ ଦିଗରେ ଯେଉଁ ପଦକ୍ଷେପ ସହାୟକ ହେଉଛି ତାକୁ ଆହୁରି କ୍ଷିପ୍ରତର କରିବା ସହ ଅବହେଳିତ ଦିଗ ପ୍ରତି ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ବାଲ୍ୟବିବାହର ସୂଚନା ପାଇଲା ପରେ ବିବାହଟିକୁ ରୋକିଦେବା ଯଥେଷ୍ଟ ହେଉ ନାହିଁ। ଏହାର ସମ୍ପୂର୍ଣ୍ଣ ବିଲୋପ ପାଇଁ ଝିଅଙ୍କ ପ୍ରତି ଥିବା ବିଷମତାର ଦୃଷ୍ଟିକୋଣରେ ପରିବର୍ତ୍ତନ ଆବଶ୍ୟକ। ଏଥିପାଇଁ ସାମାଜିକ ନୀତିନିୟମକୁ ପ୍ରଭାବିତ କରୁଥିବା ପାରମ୍ପରିକ ନେତୃତ୍ୱ, ନିଷ୍ପତ୍ତି ନିର୍ଣ୍ଣୟରେ ଗୁରୁତ୍ୱ ରଖୁଥିବା ପୁରୁଷବର୍ଗଙ୍କୁ ସାମିଲକରିବାକୁ ହେବ। କିଶୋରୀଙ୍କ ଶିକ୍ଷା ପାଇଁ ସୁଯୋଗ ସୃଷ୍ଟି ହେଲେ ବିବାହ, ସାଥୀ ଚୟନ ଓ ଭବିଷ୍ୟତ ଜୀବନ ବିଷୟରେ ନିଷ୍ପତ୍ତି ନେବାରେ ସେମାନେ ଅଧିକ କୁଶଳୀ ହେବେ। ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ବିଭାଗର ଏକକ ପ୍ରୟାସରେ ସତତ ବିକାଶ ଲକ୍ଷ୍ୟ ପୂରଣ ସମ୍ଭବ ନୁହେଁ। ଏଥିପାଇଁ ଅନ୍ୟ ସମଦାୟିତ୍ୱସମ୍ପନ୍ନ ବିଭାଗ ଓ ସାମାଜିକ ସଙ୍ଗଠନର ସମ୍ମିଳିତ ଉଦ୍ୟମ ପାଇଁ ନିରନ୍ତର ପ୍ରୟାସ କରିବାକୁ ପଡ଼ିବ।

ମୋ–୯୪୩୮୩୪୧୭୯୪

## ଏଇ ଭାରତରେ

ଉତ୍ତର ଭାରତରେ ମୁଖ୍ୟତଃ ପଞ୍ଜାବ, ହରିୟାଣା, ଦିଲ୍ଲୀ ଓ ଉତ୍ତରପ୍ରଦେଶର କେତେକାଂଶରେ ଶସ୍ୟଖୁଣ୍ଟା ଓ ଅବଶେଷାଂଶ ପୋଡ଼ି ଯୋଗୁ ବାୟୁ ପ୍ରଦୂଷଣ ବଢୁଥିବାରୁ ଏହା ଉପରେ କଟକଣା ଲଗାଯାଇଛି। ତଥାପି କୃଷକମାନେ ବହୁ ସ୍ଥାନରେ ନଡ଼ା ପୋଡୁଛନ୍ତି। ଏଭଳି ଅଭ୍ୟାସରୁ ସେମାନଙ୍କୁ ଦୂରେଇ ରଖିବା ପାଇଁ ଦିଲ୍ଲୀର ଇଞ୍ଜିନିୟର ଅର୍ପିତ ଘୁପର ଏକ ନୂଆ ପଦକ୍ଷେପ ନେଇଛନ୍ତି। ସେ ପଞ୍ଜାବ ଓ ହରିୟାଣା କୃଷକମାନଙ୍କଠାରୁ ନଡ଼ା କିଣି ଥର୍ମୋକୁଲ ଓ ମାଟିରେ ମିଶିପାରୁଥିବା ବିକଳ୍ପ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଅର୍ପିତଙ୍କ ବୟସ ୩୦। ସେ ୨୦୧୯ରେ ପଞ୍ଜାବ ଓ ହରିୟାଣା କୃଷକମାନଙ୍କୁ ନଡ଼ା ପୋଡ଼ି ସମସ୍ୟା ସମାଧାନ କରିବା ଲାଗି ଅଭିଯାନ ଆରମ୍ଭ କରିଥିଲେ। ସେ 'ଧରାକ୍ଷା ଇକୋ ସଲ୍ୟୁଶନ' ଷ୍ଟାର୍ଟଅପ୍ ମାଧ୍ୟମରେ ଏହା କରୁଛନ୍ତି। ଏହି ଷ୍ଟାର୍ଟଅପ୍ ଦ୍ୱାରା ଏବେସୁଦ୍ଧା ପଞ୍ଜାବ ଓ ହରିୟାଣାରେ ୨୫୦ଟନ୍ ନଡ଼ା ପୋଡ଼ି ରୋକିବାରେ ସକ୍ଷମ ହୋଇପାରିଛନ୍ତି। ଅର୍ପିତ ପ୍ରତି ଏକରରୁ ନଡ଼ା ସଂଗ୍ରହ କରି ସେ ବାବଦରେ ୫୦୦ ଟଙ୍କା ଦେଉଛନ୍ତି। ଗତ ବର୍ଷ ଅର୍ପିତ ଏହି ଷ୍ଟାର୍ଟଅପ୍ ମାଧ୍ୟମରେ ୨୫ ଲକ୍ଷ ଟଙ୍କା କାରବାର କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ମେ ୧୯୯୮

- ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ଜଗତ୍‌କୃଷ୍ଣ ଦାସଙ୍କ ୮୦ ବର୍ଷ ବୟସରେ ପରଲୋକ।
- ମନ୍ତ୍ରିମଣ୍ଡଳର ଅଦଳବଦଳ କରିବା ପରିପ୍ରେକ୍ଷୀରେ ସବୁ ମନ୍ତ୍ରୀଙ୍କୁ ଇସ୍ତଫା ଦେବା ପାଇଁ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଗେଗଙ୍ଗ ଅପାଙ୍ଗଙ୍କ ନିର୍ଦ୍ଦେଶକ।
- ଲାଓସଠାରେ ଏକ ବିମାନ ଦୁର୍ଘଟଣାରେ ଭିଏତ୍‌ନାମର ପ୍ରତିରକ୍ଷା ଉପମନ୍ତ୍ରୀ ଦାଓ ଡ୍ରୋଙ୍ଗ ଲିଚ ମୃତ।

## ଚିରନ୍ତନୀ

ପୁତ୍ର ହସ୍ତେ ବୁହାଇଲ ଜନକର
ରୁଧିର ଝରଣା
ଭରିଲ ରୂପସୀ ବୁକେ ଅବିଶ୍ୱାସ
ବିଷର ବାସନା।
(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମାଙ୍କଡ଼ ହାତରେ ଶାଳଗ୍ରାମ

ମହାଶୟ,

ମାଙ୍କଡ଼ ହାତରେ ଶାଳଗ୍ରାମ ପରି ଗଣତନ୍ତ୍ର ଅବସ୍ଥା। ସେହିଭଳି ମାଙ୍କଡ଼ ଶାଳଗ୍ରାମକୁ ପଥର ବୋଲି ଭାବି ଯେପରି ଫୋପାଡି ଦିଏ ଆଜି ଆମ ଦେଶର ଗଣତନ୍ତ୍ର ଶାସନ ସେମିତି। ଏ ନେତାମାନଙ୍କ ଦ୍ୱାରା ପରିତ୍ୟକ୍ତ ଯେତେଗୁଡିଏ ଧାରା ଉପଧାରା ଗଣତନ୍ତ୍ରର ସମ୍ବିଧାନରେ ଅଛି ଆଜି ତାହା ସବୁ କଦର୍ଥ ହୋଇ ସାରିଲାଣି । ଏହାର ମୁଖ୍ୟ ଉଦାହରଣ, କେବଳ କୋଟିପତି ଓ ଅପରାଧୀମାନେ ହିଁ ବିଧାୟକ ଓ ସାଂସଦ ହେଉଛନ୍ତି, ଯାହାକି ଏହାର ସମ୍ପୂର୍ଣ୍ଣ ବିରୋଧାଭାସ । ସାଧାରଣ ଲୋକଟିଏ ବିଧାୟକ କି ସାଂସଦ ହୋଇପାରିବ ନାହିଁ । କେବଳ ମିଛ ପ୍ରତିଶ୍ରୁତିମାନ ଲୋକଙ୍କ ପାଖରେ ଅଜାଡିଦେଇ, ଟଙ୍କା ଦେଇ ଜୋରଜବରଦସ୍ତ ଭୋଟ କିଣାଯାଉଛି । ଦେଶ ତାଙ୍କର, ତାଙ୍କ ଇଚ୍ଛାରେ ହିଁ ଦେଶ ଚାଲିବ ଆଉ ସବୁ ତୋସରପାତ ହୋଇ ତାଙ୍କ ପକେଟକୁ ଯିବ । ମାଗଣା ଚାଉଳ (ଯାହାକି ଲୋକଙ୍କ ପଇସା) ଦେଇ ସବୁ କିଛି ପଠାଇବା ପାଇବାରେ ବାସ୍ତବ ଗଣତନ୍ତ୍ରର ଗୋଟିଏ ହେଲେ ଆଇନ ଆଉ ନାହିଁ। କଳେବଳେ କୌଶଳେ ପିଢ଼ିକୁ ପିଢ଼ି କ୍ଷମତା ଜାହିର ଆଜିର ଗଣତନ୍ତ୍ର ।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଜନ୍ମ ପ୍ରମାଣପତ୍ରରେ ଦାୟିତ୍ୱହୀନତା

ନବଜାତ ଶିଶୁମାନଙ୍କ ପାଇଁ ଜନ୍ମ ପ୍ରମାଣପତ୍ର ସରକାରୀ କାର୍ଯ୍ୟ ପାଇଁ ଜରୁରୀ। ସରକାରୀ ସ୍ତରରେ କିମ୍ବା ବେସରକାରୀ ମେଡିକାଲ ହେଉ, ଶିଶୁ ଜନ୍ମହେଲା ପରେ ସମୟ, ତାରିଖ ଟିପ୍ପଣୀ ରଖାଯାଏ, ଯାହାକି ସରକାରୀ ସ୍ତରରେ ଜନ୍ମ ପ୍ରମାଣପତ୍ର ସାଇତା ହୋଇ ରଖାଯାଏ। କିନ୍ତୁ ନବଜାତ ଶିଶୁର ଜନ୍ମ ପ୍ରମାଣପତ୍ର ପାଇଁ ଉତ୍କୋଚ ନ ଦେଲେ କାମ ହୋଇପାରୁ ନାହିଁ। ବିଶେଷ ସୂତ୍ରରୁ ପ୍ରକାଶ ଯେ ଦୁର୍ନୀତି ବ୍ୟାପିଗଲାଣି। ଏଣୁ ଜନତାଙ୍କ ଆକ୍ରୋଶ ସୃଷ୍ଟି ହେଉଛି। ବିଡ଼ମ୍ବନା, ଶିଶୁଟିର ଜନ୍ମପ୍ରମାଣ ପାଇବା ପାଇଁ ବ୍ୟାପକ ଦୁର୍ନୀତି ହେଉଛି। ସରକାରୀ କଳ ଓ ପୌରାଞ୍ଚଳରେ ତଦନ୍ତ କଲେ ସବୁ ଜଣାପଡ଼ିବ । କିଭଳି ଅର୍ଥ ଲୋଭ ଗ୍ରାସିଛି ତାହାର ତଦନ୍ତ କଲେ ସେ ସମ୍ପର୍କରେ ସରକାର ଅବଗତ ହୋଇପାରିବେ।

ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନୂଆଦିଲ୍ଲୀଠାରେ ମଧ୍ୟପ୍ରଦେଶ ନେତାଙ୍କ ସହ ବୈଠକ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, କମଲନାଥ ଓ ଜେ.ପି. ଅଗ୍ରୱାଲ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

# ମଧ୍ୟପ୍ରଦେଶରେ କଂଗ୍ରେସ ୧୫୦ ଆସନ ଜିତିବ: ରାହୁଲ

**ନୂଆଦିଲ୍ଲୀ, ୨୯।୫(ପି.ଟି.)**

ଆଗାମୀ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ୧୫୦ ଆସନରେ ଜିତିବ ବୋଲି ଏହାର ନେତା ରାହୁଲ ଗାନ୍ଧୀ ସୋମବାର କହିଛନ୍ତି। ଏଆଇସିସି ମୁଖ୍ୟାଳୟରେ ଦଳର ନିର୍ବାଚନ ପ୍ରସ୍ତୁତି ବୈଠକ ପରେ ରାହୁଲ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। କର୍ଣ୍ଣାଟକରେ ବଡ଼ ବିଜୟ ପରେ ମଧ୍ୟପ୍ରଦେଶରେ ମଧ୍ୟ ଦଳ ଏହି ଧାରା ବଜାୟ ରଖିବ ବୋଲି ସେ କହିଛନ୍ତି। ରାହୁଲଙ୍କ ସହ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟପ୍ରଦେଶରୁ ଆସିଥିବା ଦଳୀୟ ନେତାମାନଙ୍କ ସହ ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ଦଳରେ ଏକତା ଉପରେ ସମସ୍ତ ରାଜ୍ୟ ନେତା ଜୋର୍ ଦେଇଥିଲେ। ବୈଠକରେ ଅସନ୍ତୁଷ୍ଟ ନେତାମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ ଏବଂ ଏଆଇସିସି ପ୍ରଭାରୀ ପି. ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ଖବରଦାତାମାନଙ୍କୁ ରାହୁଲ କହିଛନ୍ତି, କର୍ଣ୍ଣାଟକରେ ୧୩୬ ଆସନ ଜିତିବା ନେଇ ଦଳ ପୂର୍ବାନୁମାନ କରିଥିଲା। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶରେ ଆମେ ୧୫୦ ଆସନ ଜିତିବୁ। କର୍ଣ୍ଣାଟକରେ ଯାହା ହୋଇଛି, ମଧ୍ୟପ୍ରଦେଶରେ ତାହାର ପୁନରାବୃତ୍ତି ହେବ। ତେବେ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କମଲନାଥ ହେବେ କି ପ୍ରଶ୍ନକୁ ରାହୁଲ ଏଡ଼ାଇ ଯାଇଥିଲେ। ସମସ୍ତେ ଏକ ହୋଇ ଲଢ଼ି ଦଳକୁ ଜିତାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିବା ଅଗ୍ରୱାଲ କହିଥିଲେ। ଉକ୍ତ ବୈଠକରେ କେ.ସି. ବେଣୁଗୋପାଳ ଉପସ୍ଥିତ ଥିଲେ। ନିର୍ବାଚନୀ ରଣକୌଶଳ ଓ ଦଳ କେଉଁସବୁ ପ୍ରସଙ୍ଗ ନେଇ ଭୋଟ୍‌ର ସମ୍ମୁଖୀନ ହେବ, ସେନେଇ ଆଲୋଚନା ହୋଇଥିଲା। ସମସ୍ତେ ଏକ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି କମଲନାଥ କହିଛନ୍ତି।

## ପଶ୍ଚିମବଙ୍ଗରେ କଂଗ୍ରେସକୁ ଝଟକା, ହାତ ଛାଡ଼ିଲେ ଏକ ମାତ୍ର ବିଧାୟକ

**କୋଲକାତା,୨୯।୫:** କର୍ଣ୍ଣାଟକ ବିଜୟକୁ ନେଇ ସାରା ଦେଶରେ କଂଗ୍ରେସ ଉତ୍ସବ ପାଳୁଥିବାବେଳେ ପଶ୍ଚିମବଙ୍ଗରେ ଦଳକୁ ଝଟକା ଲାଗିଛି। ରାଜ୍ୟର ଏକମାତ୍ର କଂଗ୍ରେସ ବିଧାୟକ ବାୟରନ ବିଶ୍ୱାସ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ରେ ଯୋଗ ଦେଇଛନ୍ତି। ସେ ବିଜୟୀ ହେବାର ୩ ମାସ ପରେ ସର୍ବ ପୁରାତନ ଦଳର ହାତ ଛାଡ଼ିଛନ୍ତି। ସାଗରଦିଘିର ବିଧାୟକ ବାୟରନ ସୋମବାର ପଶ୍ଚିମ ମେଦିନିପୁରର ଘାଟାଲଠାରେ ଟିଏମ୍‌ସି ମହାସଚିବ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ବାୟରନଙ୍କୁ ସହୃଦୟତାର ସହ ସ୍ୱାଗତ କରାଯାଉଥିବା ନେଇ ଟିଏମ୍‌ସି ପକ୍ଷରୁ କୁହାଯାଇଛି।

**BOARD OF REVENUE:ODISHA: CUTTACK**
No.VII(A)-18/2023-1896/M.B. (Niz.)., Dated:22.05.2023
**QUOTATION/ TENDER CALL NOTICE**
Quotations/Tenders are invited for supply of one Mahindra Bolero vehicle on hiring basis in Board of Revenue, Odisha at Cuttack & Bhubaneswar location.
2. The details of the tender may be downloaded from this office website http://www.boardodisha.nic.in
3. The last date of submission of Tender is 09.06.2023 by 12.00 P.M. The tender shall open on 09.06.2023 at 3.00 P.M.
**Sd./- Secretary**

# ମୋଦିଙ୍କ ୯ ବର୍ଷ ଶାସନରେ ଗରିବଙ୍କ ଉନ୍ନତି ଘଟିନି

**ନୂଆଦିଲ୍ଲୀ, ୨୯।୫ (ପି.ଟି.)**

ମୋଦି ସରକାର ଗତ ସପ୍ତାହରେ ୯ ବର୍ଷ ପୂରଣ କରିଛି। ଏହି ସମୟରେ ଦେଶରେ ମୁଦ୍ରାସ୍ଫୀତି ଜରିଆରେ ସରକାର ଲୋକଙ୍କ ଆୟକୁ ଲୁଟି ନେଇଛନ୍ତି। କିନ୍ତୁ ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ ମଧ୍ୟରେ ରଖାଯାଇଛି ବୋଲି ସରକାର ଗର୍ବର ସହ ଦାବି କରୁଛନ୍ତି। ବାସ୍ତବରେ ଦେଖିଲେ ମୋଦିଙ୍କ ଶାସନ କାଳରେ ଗରିବଙ୍କ ଆଦୌ ଉନ୍ନତି ଘଟି ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେ ସୋମବାର ହିନ୍ଦୀରେ ଟୁଇଟ୍ କରି ଅଭିଯୋଗ କରିଛନ୍ତି।

ଆସନ୍ତା କିଛି ଦିନ ପରେ ସରକାରରେ ଥିବା ମନ୍ତ୍ରୀ ଓ ପ୍ରଶଂସକମାନେ ମୋଦି ସରକାରଙ୍କ ତଥାକଥିତ ସଫଳତା ନେଇ ଉତ୍ସବ ପାଳନ କରିବେ ବୋଲି କଂଗ୍ରେସ ପକ୍ଷରୁ କଟାକ୍ଷ କରି କୁହାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦକ

### କେନ୍ଦ୍ରକୁ ଟାର୍ଗେଟ କଲା କଂଗ୍ରେସ

ଜୟରାମ ରମେଶ କହିଛନ୍ତି, ମୋଦି ସରକାରଙ୍କ ଅମଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବହୁଗୁଣ ବଢ଼ିଯାଇଛି। କେନ୍ଦ୍ର ସରକାରରେ ଥିବା ମନ୍ତ୍ରୀମାନେ ସରକାରଙ୍କ ସଫଳତାକୁ ବଡ଼ ଆକାରରେ ଦର୍ଶାଇବାର ସବୁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। କିନ୍ତୁ ଗରିବମାନଙ୍କ ଅବସ୍ଥା ମୋଦିଙ୍କ ୯ ବର୍ଷ ଶାସନ ସମୟରେ ଦୟନୀୟ ହୋଇଛି ବୋଲି ରମେଶ କହିଛନ୍ତି। ୨୦୧୪ରୁ ମୋଦି କ୍ଷମତାକୁ ଆସିବା ପରେ କୃଷି ଶ୍ରମିକଙ୍କ ମଜୁରି ହାର ବୃଦ୍ଧି ୦.୮ ପ୍ରତିଶତ ରହିଥିବା ବେଳେ ଅଣ-କୃଷି ଶ୍ରମିକଙ୍କ ୦.୨ ପ୍ରତିଶତ ଏବଂ ନିର୍ମାଣ ଶ୍ରମିକଙ୍କ ମଜୁରି ବିଯୁକ୍ତ ୦.୦୨ ପ୍ରତିଶତ ହୋଇଛି। ଇତିମଧ୍ୟରେ ଏଲ୍‌ପିଜିରେ ୧୬୯%, ପେଟ୍ରୋଲ ୫୭%, ଡିଜେଲ ୭୮%, ସୋରିଷ ତେଲ ୫୮%, ଅଟା ୫୬% ଏବଂ କ୍ଷୀର ମୂଲ୍ୟ ୫୧% ବଢ଼ିଛି ବୋଲି ରମେଶ ଟୁଇଟ୍ କରି କହିଛନ୍ତି। ୨୦୧୪ ପରେ ଶିଳ୍ପପତି ଗୌତମ ଆଦାନୀଙ୍କ ସମ୍ପତ୍ତି ୧,୨୨୫ ପ୍ରତିଶତ ବୃଦ୍ଧି ପାଇଛି ବୋଲି ସେ ତଥ୍ୟ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଶାସନ ୯ ବର୍ଷ ପୂରଣ କରିଥିବାରୁ କଂଗ୍ରେସ ଗତ ସପ୍ତାହରେ ମୂଲ୍ୟବୃଦ୍ଧି, ବେକାର ସଂଖ୍ୟା ବୃଦ୍ଧି, କୃଷକଙ୍କ ଆୟ ସଂକ୍ରାନ୍ତ ୯ଟି ପ୍ରଶ୍ନ ପଚାରିବା ସହିତ ଏହି ସମୟ ମଧ୍ୟରେ ଦିଆଯାଇଥିବା ଧୋକା ପାଇଁ ସେ କ୍ଷମା ମାଗନ୍ତୁ ବୋଲି ଦାବି କରାଯାଇଥିଲା।

ସୂଚନାଯୋଗ୍ୟ, ୨୬ ମେ'ରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ୯ ବର୍ଷ ଶେଷ କରିଛି। ଏହି କାଳଖଣ୍ଡରେ ଏନ୍‌ଡିଏ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସାମଗ୍ରିକ ବିକାଶ ସହିତ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି ହାସଲ କରିଥିବା ବିଷୟକୁ ଦର୍ଶାଯାଉଛି।

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल सं.- 02 गढ़वा**
ई-निविदा सूचना सं0- RDD/SD/GARHWA/05/2023-24
**CANCELLED (रद्ध)**
एतद् द्वारा सूचित किया जाता है कि इस प्रमण्डल द्वारा आमंत्रित ई-निविदा आमंत्रण सूचना सं0- **RDD/SD/GARHWA/05/2023-24, PR 297915 Rural Development (23-24).D** द्वारा प्रकाशित निविदा को अपरिहार्य कारणवश रद्ध किया जाता है।
कार्यपालक अभियंता
ग्रामीण विकास विशेष
प्रमण्डल सं.-02, गढ़वा
PR 298534 Rural Development (23-24)_D

**OFFICE OF THE PRINCIPAL**
**PANCHAYAT SAMITI COLLEGE,BELPARA**
**DIST: BALANGIR**
Phone:06658284448, E-mail:psc_belpara@yahoo.co.in
No.419 Date:29.06.2023
**TENDER CALL NOTICE**
Sealed quotation in duplicate are invited from the distributors/dealers/registered firm/ supplier to supply Science Lab Equipments, Electronics items and office items. The Sealed Tender documents are to be submitted on or before 16.06.2023 by Regd. Post or Speed Post only as per prescribed terms and conditions. For further details and list of items please contact: 9937731266.
**Sd./- Principal**
**P.S. College, Belpara**

# ୯ ବର୍ଷ ହେଲା ଦେଶରେ ଏକ ଭ୍ରଷ୍ଟାଚାରମୁକ୍ତ ସରକାର ଚାଲିଛି: ରେଡ୍ଡୀ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୯ ବର୍ଷ ଧରି ଦେଶରେ ଏକ ଭ୍ରଷ୍ଟାଚାର ମୁକ୍ତ ସରକାର ପ୍ରତିଷ୍ଠା କରିବା ସହ ବିକାଶର ଅନେକ ମାପଦଣ୍ଡରେ ଦେଶକୁ ଆଗେଇ ନେଇଛନ୍ତି। ସ୍ୱାଧୀନତାଠାରୁ ୨୦୧୪ ପର୍ଯ୍ୟନ୍ତ ଦେଶରେ ହୋଇଥିବା ବିକାଶମୂଳକ କାମଠାରୁ ଏହି ୯ ବର୍ଷରେ ହୋଇଥିବା ବିକାଶମୂଳକ କାମ ଟପିଯାଇଛି। ସାରା ବିଶ୍ୱରେ ଭାରତର ପରାକାଷ୍ଠା ବଢ଼ିଛି। ୨୦୧୪ରେ ସାଧାରଣ ଲୋକେ କଂଗ୍ରେସର ଭ୍ରଷ୍ଟାଚାର ଓ ଦୁର୍ବଳ ନେତୃତ୍ୱରୁ ମୁକ୍ତି ଚାହୁଁଥିଲେ। ଭାଜପାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦିଙ୍କୁ ବିପୁଳ ଜନସମର୍ଥନରେ ବିଜୟୀ କରାଇଥିଲେ। ଆଜି ଏହି ସମୟ ଭିତରେ ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ଗୋଟିଏ ବି ଭ୍ରଷ୍ଟାଚାରର ଅଭିଯୋଗ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୋଦି ସରକାରର ୯ ବର୍ଷ ପୂର୍ତ୍ତିକୁ ନେଇ ରେଡ୍ଡି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ କେବଳ ଭାରତ ନୁହେଁ ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଜି-୨୦ ଭଳି ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସଙ୍ଗଠନରେ ଭାରତ ଅଧ୍ୟକ୍ଷତା କରିପାରିଛି। ଯାହା ନରେନ୍ଦ୍ର ମୋଦିଙ୍କ ସରକାରର ନେତୃତ୍ୱର ପରାକାଷ୍ଠାର ପ୍ରମାଣ। ସେବା, ସୁଶାସନ, ଗରିବ କଲ୍ୟାଣ ହେଉଛି ଭାଜପା ସରକାରର ଭାବନା। କୋଭିଡ୍ ମହାମାରୀ ସମୟରେ ସାରା ବିଶ୍ୱର ଅନେକ ବିକଶିତ ଦେଶ ଏହି ମହାମାରୀକୁ ସାମ୍ନା କରିପାରି ନ ଥିବାବେଳେ ଭାରତ ପାରଦର୍ଶିତାର ସହିତ ମୁକାବିଲା କରିପାରିଛି। ପ୍ରଥମ ଥର ପାଇଁ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ କୋଭିଡ୍ ଟିକା ପ୍ରସ୍ତୁତ କରିପାରିଥିଲା। ୧୪୦ କୋଟି ଜନସଂଖ୍ୟାର ଦେଶରେ ଟିକାକରଣ ଅଭିଯାନ ସଫଳତାର ସହ ହୋଇପାରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କ ପାଇଁ ୩ କୋଟି ୫୦ ଲକ୍ଷ ପକ୍କା ଘର ନିର୍ମାଣ ହୋଇଛି, ସେଥିରୁ ୭୫ ପ୍ରତିଶତ ମହିଳାଙ୍କୁ ମିଳିଛି। ଟ୍ୟାପ୍ ଯୋଗେ ପିଇବା ପାଣି ଯୋଗାଇ ଦେବା ପାଇଁ ମୋଦି ସରକାର ଜଳଜୀବନ ମିଶନ ମାଧ୍ୟମରେ ୧୨ କୋଟିରୁ ଅଧିକ ଘରକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ସୁବିଧା କରାଇଛନ୍ତି। ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ୯ କୋଟି ୬୦ ଲକ୍ଷରୁ ଅଧିକ ପରିବାରକୁ ମାଗଣା ଗ୍ୟାସ୍ ସଂଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮୦ କୋଟି ପରିବାରକୁ ମାସକୁ ମିଳୁଛି ମୁଣ୍ଡ ପିଛା ୫ କିଲୋ ଖାଦ୍ୟାନ୍ନ। ଆୟୁଷ୍ମାନ ଭାରତ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସହାୟତା ମିଳୁଛି। ଭାରତର କ୍ରୀଡ଼ା କ୍ଷେତ୍ରରେ ବିକାଶ ହୋଇଛି ଓ ବିଶ୍ୱସ୍ତରୀୟ ଖେଳ ପ୍ରତିଯୋଗିତାରେ ଭାରତର ପ୍ରଦର୍ଶନ ବହୁତ ବଢ଼ିଛି ବୋଲି ରେଡ୍ଡୀ କହିଛନ୍ତି। ବିଶ୍ୱରେ ଯେଉଁଠି ଭାରତର ନାଗରିକମାନେ ଅସୁରକ୍ଷିତ ହୋଇଛନ୍ତି ସେଠାରୁ ସେମାନଙ୍କୁ ଉଦ୍ଧାର କରାଯାଇଛି। ସିରିଆ, ଅଫଗାନିସ୍ତାନ ଭଳି ଦେଶରୁ ବିପଦ ସମୟରେ ୨୦ ହଜାରରୁ ଅଧିକ ଭାରତୀୟଙ୍କୁ ସୁରକ୍ଷିତ ଫେରାଇ ଅଣାଯାଇଛି। କୋଭିଡ୍ ସମୟରେ ୨ କୋଟି ୯୭ ଲକ୍ଷ ଭାରତୀୟଙ୍କୁ ସ୍ୱଦେଶକୁ ଫେରାଇ ଅଣାଯାଇଛି ବୋଲି ସେ କହିଛନ୍ତି।

**OFFICE OF THE**
**DISTRICT LEGAL SERVICES AUTHORITY, KENDRAPARA**
**ADVERTISEMENT No. 05**
**Dated the 25th May, 2023**
No. W-7: Applications in the prescribed format are invited from the desirous candidates for selection of Para Legal Volunteers (Under the Para Legal Volunteer Scheme of NALSA) read with revised Scheme for the District DLSA, Kendrapara/TLSC, Pattamundai/ TLSC, Aul.
**Last Date for Receipt of Applications: 07.06.2023 at 1 P.M.**
For details please visit District Court, Kendrapara website **https://districts.ecourts.gov.in/kendrapara.**
**By Order**
**OIPR-18063/11/0001/2324 Sd./- Secretary, DLSA, Kendrapara**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**UNIT-V, POWER HOUSE SQUARE, BHUBANESWAR**
**Tel.- 0674-2394873, Fax- 0674-2391255**
**Email: eic-epcei@nic.in**
**ସୂଚନା**
No. ୨୯୦୮ Dated: ୨୪।୦୫।୨୩
**No. AA-08:-** ଏତଦ୍ୱାରା ଇଲେକ୍ଟ୍ରିକାଲ ଲାଇସେନ୍‌ସିଂ ବୋର୍ଡ, ଓଡ଼ିଶା ଦ୍ୱାରା କରାଯାଉଥିବା ସୁପରଭାଇଜର ସାର୍ଟିଫିକେଟ୍ ଅଫ କମ୍ପିଟେନ୍ସି ପରୀକ୍ଷା, ୨୦୨୨ (SCC Examination, 2022)ର ପରୀକ୍ଷାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତା.୦୭.୦୫.୨୦୨୩ ର ତୃତୀୟ ପାଳି (shift-3) ର ପରୀକ୍ଷା ଯାହା ବୈଷୟିକ ତ୍ରୁଟି ଯୋଗୁଁ ସଞ୍ଚାଳିତ ହୋଇପାରି ନ ଥିଲା ତାହା ପୁନର୍ବାର ତା୦୪.୦୬.୨୦୨୩ (ରବିବାର) ଦିନ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (SOA/ITER), Jagamaraଠାରେ ଅନୁଷ୍ଠିତ ହେବ । ପରୀକ୍ଷାରୁ ବଞ୍ଚିତ ହୋଇଥିବା କେବଳ ତୃତୀୟ ପାଳିର ୧୧୧୧ ଜଣ ଯୋଗ୍ୟ ପରୀକ୍ଷାର୍ଥୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ସେମାନେ ୱେବ୍‌ସାଇଟ୍ **https://elbo.okcl.co.in** କୁ ଯାଇ ନିଜର Admit Cardକୁ Download କରନ୍ତୁ ଏବଂ Admit Cardରେ ଉଲ୍ଲେଖ ଥିବା ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ । Admit Card Downloadରେ ଅସୁବିଧାର ସମ୍ମୁଖୀନ ହେଲେ ସହାୟତା ନମ୍ବର ୦୬୭୪-୩୫୨୦୦୨୧ (ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୬ଟା ମଧ୍ୟରେ)ରେ ଯୋଗାଯୋଗ କରନ୍ତୁ ।
ସ୍ୱା./- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-
OIPR-04025/11/0001/2324 ପ୍ରମୁଖ ବୈଦ୍ୟୁତିକ ନିରୀକ୍ଷକ, ଓଡ଼ିଶା

**ADVERTISEMENT FOR ENGAGEMENT IN DIFFERENT POSTS ON CONTRACTUAL BASIS IN THE OFFICE OF THE STATE LEVEL ADMINISTRATIVE UNIT (SLAU) FOR SPECIAL DEVELOPMENT COUNCIL UNDER ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT**
**ADVERTISEMENT**
**No. 310/E-34/2023 Dated: 26.05.2023**
No. V-12: Applications are invited from interested candidates for engagement in the vacant post of 1) Senior Tribal Domain Experts, 2) Office Assistant and 3) Office Attendant on contractual basis in the Office of State Level Administrative Unit (SLAU) for Special Development Council (SDC) under ST & SC Development, Minorities & Backward Classes Welfare Department. The details of the application format, criteria, remuneration, number of posts, terms & conditions of the posts and period of contract are available in the official website of State Level Administrative Unit **www.sdcodisha.in** and ST&SC Development Department **www.stsc.odisha.gov.in**. The filled in application should be addressed to the "Secretary, State Level Administrative Unit (SLAU), SCSTRTI Campus, CRPF Square, Nayapalli, Bhubaneswar - 751003". The application in sealed envelope superscribed as "Application for the post of ................ (Name of the Post)" should reach the office of the SLAU on or before 5.00 P.M. of 17.06.2023 through Registered Post/Speed Post only. Application(s) received after the due date and time will not be entertained.
**Sd./- Secretary, SLAU for SDC**
**OIPR-26070/11/0003/2324**

# ବିଜେଡି ଉପକୃତ ହେଲେ ଓଡ଼ିଶା ଉପେକ୍ଷିତ: କଂଗ୍ରେସ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଗଣେଶ୍ୱର ବେହେରା ଓ ଦଳୀୟ ନେତୃବୃନ୍ଦ।

ବିଜେଡି ୫ମ ପାଳି ସରକାରର ୪ର୍ଥ ବର୍ଷ ପୂର୍ତ୍ତିରେ ଶାସକ ଦଳ ଉପକୃତ ହୋଇଥିବା ବେଳେ ଓଡ଼ିଶା ଉପେକ୍ଷିତ ହୋଇଛି ବୋଲି କଂଗ୍ରେସ ନେତା ଗଣେଶ୍ୱର ବେହେରା କହିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣେଶ୍ୱର ଆହୁରି କହିଛନ୍ତି, ଏହା ମଧ୍ୟରେ ପଞ୍ଚାୟତ, ପୌର ତଥା ଉପନିର୍ବାଚନରେ ବିଜୟ ଲାଭ କରିଥିବାରୁ ବିଜେଡି ଉଲ୍ଲସିତ ହେବା ସ୍ୱାଭାବିକ। କିନ୍ତୁ ରାଜ୍ୟବାସୀ ଏବଂ ଓଡ଼ିଶାର ସ୍ଥିତି କ'ଣ ସେକଥା ସମସ୍ତେ ଦେଖୁଛନ୍ତି। ଇଣ୍ଡିଆ ଟୁଡ଼େ ଏବଂ ନିତି ଆୟୋଗର ସଦ୍ୟ ରିପୋର୍ଟ ଅନୁସାରେ ଓଡ଼ିଶା ଉଚ୍ଚ ପ୍ରଦର୍ଶନ କରିଥିବା ୧୭ ରାଜ୍ୟ ମଧ୍ୟରେ ୧୬ ନମ୍ବର ସ୍ଥାନରେ ରହିଛି। କୃଷି କ୍ଷେତ୍ରରେ ୨୦ ରାଜ୍ୟ ମଧ୍ୟରେ ୧୪, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧୩, ଆଇନ ଶୃଙ୍ଖଳା କ୍ଷେତ୍ରରେ ୧୪, ଭିତ୍ତିଭୂମି ସରଞ୍ଜନା କ୍ଷେତ୍ରରେ ୧୦ ଏବଂ ସମଭିତ୍ତିକ ବିକାଶ କ୍ଷେତ୍ରରେ ୧୬ ନମ୍ବର ସ୍ଥାନରେ ରହିଥିବା ଦର୍ଶାଯାଇଛି। ଅନୁରୂପ ଭାବେ ନିତି ଆୟୋଗ ସଦ୍ୟତମ ପ୍ରକାଶିତ ରିପୋର୍ଟ ଅନୁସାରେ ଇନୋଭେଶନ ଇଣ୍ଡେକ୍ସରେ ଓଡ଼ିଶା ସ୍ଥାନ ୧୭ ରାଜ୍ୟ ମଧ୍ୟରୁ ୧୬ ଓ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୧୪ ନମ୍ବର ସ୍ଥାନରେ ଅଛି। ଏହା ହିଁ ସରକାରଙ୍କ

### ବିଜେଡି ୫ମ ପାଳି ସରକାରର ୪ର୍ଥ ବର୍ଷ ପୂର୍ତ୍ତିକୁ ସମାଲୋଚନା

ପାରଦର୍ଶିତା। ରାଜ୍ୟ ସରକାର ସମସ୍ତ ନିଅଣ୍ଟିଆ ବ୍ଲକରେ ୩୫ ପ୍ରତିଶତ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବାର ପ୍ରତିଶ୍ରୁତି ୫ ବର୍ଷରେ ଦେଇଥିଲେ ମଧ୍ୟ ୧୮ ବର୍ଷ ବିତିଗଲା କିନ୍ତୁ ଆହୁରି ୩୨ ବ୍ଲକ ରହିଗଲା। ପ୍ରତିବର୍ଷ ୧ ଲକ୍ଷ ନିଯୁକ୍ତି ଦେବାକୁ କହି ୨୩ ବର୍ଷରେ ୨୩ ଲକ୍ଷ ନିଯୁକ୍ତି ପାଣିରେ ଗାର ହୋଇଛି। ମହିଳା ଅପରାଧ କ୍ଷେତ୍ରରେ ଓଡ଼ିଶା ଭାରତ ବର୍ଷରେ ୨ୟ। ଘରୋଇ ବିଭାଗର ଶ୍ୱେତପତ୍ର ଅନୁସାରେ ଓଡ଼ିଶାରେ ଦୈନିକ ୯ଟି ବଳାତ୍କାର ଓ ଗଣବଳାତ୍କାର ମାମଲା ରୁଜୁ ହୋଇଥିବା ସ୍ଥଳେ ବର୍ଷକୁ ୯ ଜଣଙ୍କୁ ମଧ୍ୟ ଦଣ୍ଡ ବିଧାନ କରାଯାଇନାହିଁ। ରାଜ୍ୟର କ୍ରାଇମବ୍ରାଞ୍ଚ କ୍ରାଇମ୍ ପ୍ରୋଟେକ୍‌ଶନ ବ୍ରାଞ୍ଚରେ ପରିଣତ ହୋଇଛି। ଡିସେମ୍ବର ୨୦ରେ ଗୋବିନ୍ଦ ସାହୁ ମମିତା ମେହେର ମାମଲାରେ ଗିରଫ ହୋଇ ଜେଲ୍‌ରେ ମୃତ୍ୟୁବରଣ କଲେ। ତା' ହତ୍ୟା ନା ଆତ୍ମହତ୍ୟା କ୍ରାଇମବ୍ରାଞ୍ଚ ୫ ମାସ ମଧ୍ୟରେ ନିର୍ଣ୍ଣୟ କରିପାରିଲା ନାହିଁ। ନବ ଦାସ ହତ୍ୟାକାଣ୍ଡର ଚାର୍ଜଶିଟ୍ ପଢ଼ିଲେ ସ୍ୱାଭାବିକ ଧାରଣା ହେବ ଯେ, ସରକାର ଅପରାଧୀଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦେଉଛନ୍ତି। ତଥାପି ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ, କିନ୍ତୁ ସରକାର ଉଦାସୀନ ବୋଲି ଗଣେଶ୍ୱର କହିଛନ୍ତି।

**Government of Odisha**
**DEPARTMENT OF WOMEN & CHILD DEVELOPMENT**
**Lokseva Bhawan, Bhubaneswar, PIN - 751001**
**Contact No.: 0674-2392976, e-mail: wcdcwsec@gmail.com**
**NOTICE**
**No. PT1-WCD-CW-MISC-0174-2017-10607/WCD Date: 24.05.2023**
**Sub.: Application for Selection as Member of Juvenile Justice Board.**
No. g-36: In pursuance of the provisions contained under section 4 of the Juvenile Justice (Care and Protection of Children) Act, 2015 and its Amendment Act, 2021 read with rules 3 and 105 of Odisha Juvenile Justice (Care and Protection of Children) Rules, 2018, online applications in the prescribed format are hereby invited from eligible and interested applicants for the positions of Members of the additional Juvenile Justice Boards (in short "JJB") in respect of the districts of Ganjam, Khordha, Sambalpur and Sundargarh.
The details of eligibility criteria, other conditions and format for application are available in the website of this Department **(https://wcd.odisha.gov.in/)** which may be accessed/filled up Online.
Applicants must apply for the positions of Members of the additional Juvenile Justice Board in the online Application Form available in the link: **https://bit.ly/3pLSXAB**. All the details are required to be filled and the documents be uploaded as required therein and submitted. Applications received through any other mode would not be accepted and considered. Submission of the online registered applications can be done in the website from **01.06.2023 to 15.06.2023 (11.59 P.M.)**.
**Sd./- Director, ICDS & Social Welfare-cum-Member Secretary, State Level Selection Committee**
**OIPR-33001/11/0003/2324**

**The Odisha Small Industries Corporation Ltd.**
**(A Government of Odisha Undertaking)**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in
**No. CAD-752** **OSIC GST No. 21AAACO2101M1Z1**
**TENDER CALL NOTICE**
**Tender Notice No.2835/RE/OSIC** **Dt.26.05.2023**
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 6 nos. of works i.e. (i) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-1 (within Puri Sadar & Gop Block)** in the District of Puri (ii) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-2 (within Bramhagiri, Krushnaprasad & Puri Sadar Block)** in the District of Puri (iii) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-3 (within Satyabadi & Kanas Block)** in the District of Puri (iv) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-4 (within Nimapara & Gop Block)** in the District of Puri (v) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-5 (within Kakatapur & Astaranga Block)** in the District of Puri (vi) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-6 (within Pipili & Delang Block)** in the District of Puri. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.
**Sd/-**
**OIPR-14073/11/0025/2324** **GENERAL MANAGER(O)**

## ସଂକ୍ଷେପରେ

### କାର୍ ସହ ୨ଶହ କେଜି ଗଞ୍ଜେଇ ଜବତ, ମାଲିକ ଗିରଫ

ଆର୍.ଉଦୟଗିରି,୨୯।୫(ଡି.ଏନ.) ମୋହନା ଥାନା ପୋଲିସ ରବିବାର ଅଞ୍ଚଳରେ ଧରପଗଡ଼ କରିବା ସମୟରେ ଏକ କାର୍‌ରେ ବେଆଇନ ଚାଲାଣ ହେଉଥିବା ୨ଶହ କେଜି ଗଞ୍ଜେଇକୁ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ମାଲିକ ଉତ୍ତର ପ୍ରଦେଶର ନଗେନ୍ଦ୍ର ଦୁବେଙ୍କୁ ଗିରଫ କରିବା ସହ ଡ୍ରାଇଭର ଫେରାର ହୋଇଛି। ଏହି ଗଞ୍ଜେଇ ମୋହନା ଅଞ୍ଚଳରୁ ଉତ୍ତର ପ୍ରଦେଶର ମିର୍ଜାପୁର ଅଭିମୁଖେ ଯାଉଥିଲା। କାର୍ ସହ ୩୩୦୦ଟଙ୍କା, ଏଟିଏମ୍, ମୋବାଇଲ ସହ କିଛି ଦରକାରୀ ନଥିପତ୍ର ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ସାମାଜିକ କର୍ମୀ ସମ୍ମାନିତ

ଛତ୍ରପୁର,୨୯।୫(ଡି.ଏନ.ଏ.): ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସଂଗଠନ "ଆଶ୍ରୟ"ର ୧୩ତମ ସ୍ୱନକ୍ଷତ୍ର ଉତ୍ସବ-୨୦୨୩ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଶିଷ୍ଟ ସମାଜିକକର୍ମୀ ଗଞ୍ଜାମ ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ସାଧାରଣ ସମ୍ପାଦକ ଡ. କେ. ଆନନ୍ଦ ରାଓଙ୍କୁ ଭିନ୍ନକ୍ଷମମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିବାରୁ ତାଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ -୨୦୨୩ରେ ସମ୍ମାନିତ କରାଯାଇଥିଲା। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତକାରଣ ବିଭାଗର ପ୍ରସାଶନିକ ଅଧିକାରୀ ସନ୍ନ୍ୟାସ କୁମାର ବେହେରା, ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଓ ଉତ୍ସବର ମୁଖ୍ୟ ଅତିଥି ଦାସ ବେନୁହୁରଙ୍କ ସମେତ ଅନ୍ୟାନ୍ୟ ରାଜ୍ୟସ୍ତରୀୟ ଅତିଥିମାନଙ୍କ ଗହଣରେ ରାଓଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

### ମାଟ୍ରିକ୍ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବେଗୁନିଆପଡ଼ା,୨୯।୫: କୋଦଳା ଏନ୍‌ଏସି ପକ୍ଷରୁ ସୋମବାର ବେଗୁନିଆପଡ଼ା ବ୍ଲକରେ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୪ ଛାତ୍ରୀଛାତ୍ରଙ୍କୁ ସୋମବାର ଏନ୍‌ଏସି କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ଏନ୍‌ଏସି ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ ଉକ୍ତ ୪ ଛାତ୍ରୀଛାତ୍ରଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରିଛନ୍ତି। ଚଳିତ ବର୍ଷ ବେଗୁନିଆପଡ଼ା ବ୍ଲକର ତାଳସର ଉଚ୍ଚ ବିଦ୍ୟାଳୟର ସନ୍ତୋଷ କୁମାର ଜେନା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲଙ୍ଗଳେଶ୍ୱର ଉଚ୍ଚ ବିଦ୍ୟାଳୟ, ଦିଗାପଡ଼ାର ସିମରଞ୍ଜନ ପ୍ରଧାନ ଦ୍ୱିତୀୟ, ଜନତା ଉଚ୍ଚ ବିଦ୍ୟାଳୟ, ବେଗୁନିଆପଡ଼ାର ବଳରାମ ରାଉଳ ତୃତୀୟ ଓ କୋଦଳା ନୋଡାଲ ଉଚ୍ଚ ବିଦ୍ୟାଳୟର ଲିଜା ଜେନା ତୃତୀୟ ସ୍ଥାନ ଅଧିକାର କରି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକଙ୍କ ସହ କାଉନସିଲର ମଧୁସୂଦନ ଜେନା ଓ ରୀତାଞ୍ଜଳୀ ମିଶ୍ର ଉପସ୍ଥିତ ଥିଲେ।

# ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକଙ୍କ ଧାରଣା

### ଲେଭେଲ-୪ରୁ ଲେଭେଲ-୩ ଶିକ୍ଷକ ପଦବୀ ପୂରଣରେ ବିଳମ୍ବ

ଫୁଲବାଣୀ ଅଫିସ, ୨୯।୫

ଲେଭେଲ-୪ରୁ ଲେଭେଲ-୩ ଶିକ୍ଷକ ପଦବୀ ପୁରଣରେ ଅହେତୁକ ବିଳମ୍ବ କରାଯାଉଛି । ଏହାର ପ୍ରତିବାଦରେ ସେମାବାର ଏହି ପଦୋନ୍ନତି ପାଇବାକୁ ଥିବା ଯୋଗ୍ୟ ଶିକ୍ଷକମାନେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦେଇଛନ୍ତି । ଯେ ଯାଏ କାଉନସେଲିଂ ହୋଇନାହିଁ, ସେ ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ଗତ ଏପ୍ରିଲ ୨୯ ତାରିଖରେ ଓଡ଼ିଶା ଏଲିମେଣ୍ଟାରୀ ଶିକ୍ଷା ନିର୍ଦ୍ଦେଶକଙ୍କ ଅନୁମୋଦନ କ୍ରମେ କନ୍ଧମାଳ ଜିଲାର ୪୪୨ ଶିକ୍ଷୟିତ୍ରୀ ଶିକ୍ଷକ ଲେଭେଲ୍ ୪ରୁ ଲେଭେଲ୍ ୩କୁ ପଦୋନ୍ନତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ଗତ ୨୩ ତାରିଖରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ କାଉନସେଲିଂ କରିବାକୁ ଚିଠି କରିଥିଲେ। କିନ୍ତୁ ଜିଲା ଶିକ୍ଷା ଅଧିକାରୀ ତାହାକୁ ବାତିଲ କରି ଦେଇଛନ୍ତି। ଯାହାକୁ ନେଇ ପଦୋନ୍ନତି ପାଇବାକୁ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।



ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକ।

୨୭ ତାରିଖରେ ଶିକ୍ଷକମାନେ ଜିଲା ଶିକ୍ଷାଧିକାରୀଙ୍କ ସହିତ ଏହି ବିଷୟରେ ଆଲୋଚନା କରିଥିଲେ। ହେଲେ ଜିଲା ଶିକ୍ଷାଧିକାରୀଙ୍କ ଟାଳଟୁଳ ନୀତିକୁ ବିରୋଧ କରି ଶିକ୍ଷକମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ୨୯ ତାରିଖରେ କାଉନସେଲିଂ କରା ନ ଗଲେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। କାଉନସେଲିଂ ନ ହେବାରୁ ଶିକ୍ଷକମାନେ ଏକତ୍ରିତ ହୋଇ ଧାରଣା ଦେଇଛନ୍ତି। ଶିକ୍ଷକ ନେତା କିଶୋର ଚନ୍ଦ୍ର କହଁର, ସନ୍ତୋଷ କୁମାର ଦିଗାଲ, ବିଦେଶୀ କୁମାର ନାୟକ, ସୁକାନ୍ତ ବେହେରା ବେହେରା, ରାଜେନ୍ଦ୍ର ପାତ୍ର, ରାମଚନ୍ଦ୍ର ପାଢୀ, ସୁନୀତି ଆଚାରୀ, ଅଲିଭା ମିଶ୍ରଙ୍କ ନେତୃତ୍ୱରେ ପଦୋନ୍ନତି ପାଇବାକୁ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ଧାରଣାରେ ବସିଛନ୍ତି।

# କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନୂଆଗଡ଼ ବ୍ଲକ ଗସ୍ତ

ଆର,ଉଦୟଗିରି/ପାରଳାଖେମୁଣ୍ଡି/ନୂଆଗଡ଼,୨୯।୫(ଡି.ଏନ୍.ଏ.)

କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସୋମବାର ଗଜପତି ଜିଲା ନୂଆଗଡ଼ ବ୍ଲକ ଗସ୍ତ କରିଛନ୍ତି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଟୁଡୁ ଆର୍‌ଉଦୟଗିରି ଥାନା ଏନ. ଝାଲରସିଂ ଗ୍ରାମରେ ଅନୁଷ୍ଠିତ ହୋଇଥିବା ଶବର ସମାଜ କଲ୍ୟାଣ ପ୍ରତିଷ୍ଠାତା ପ୍ରଧାନୀ ଗମାଙ୍ଗ ସ୍ମୃତି ମନ୍ଦିର ପ୍ରତିଷ୍ଠା ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଦିବସରେ ଯୋଗଦାନ କରିଥିଲେ। ଏଥିରେ ପ୍ରଦୀପ ପ୍ରଜ୍ୱୋଳନ କରିବା ପରେ ପ୍ରଧାନୀ ଗମାଙ୍ଗଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ସ୍ମୃତି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦାନ କରିଥିଲେ। ତତ୍‌ସହ ଲୁହାଙ୍ଗର ଗ୍ରାମ ପଞ୍ଚାୟତର କୁମଜାଙ୍ଗ ଓ ତାକବୁଲ ଗ୍ରାମରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିଳାନ୍ୟାସ ଉତ୍ସବରେ ଯୋଗଦାନ କରିଥିଲେ।

ଏଡିଏମ୍ ରାଜେନ୍ଦ୍ର ମିଞ୍ଜ, ଜିଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡ଼ା, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଅଧ୍ୟକ୍ଷା ମାଳତୀ ପ୍ରଧାନ, ଉପାଧ୍ୟକ୍ଷ ନିହିମିୟା ରଇତ, ସ୍ଥାନୀୟ ସରପଞ୍ଚ ସୁବାସିନୀ ମଣ୍ଡଳ, ଭାଜପା ନେତା ଭୃଗୁ ବକ୍ସି ପାତ୍ର ମଞ୍ଚାସୀନ ହୋଇଥିଲେ। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମାଧ୍ୟମରେ ଉପାନ୍ତ ଦୁର୍ଗମ ଅଞ୍ଚଳରେ ବିଦ୍ୟାର୍ଥୀ ୬ଷ୍ଠ ଶ୍ରେଣୀଠାରୁ ଯୁକ୍ତ୨ ପର୍ଯ୍ୟନ୍ତ ୫୦୦ ଅନ୍ତେବାସୀଙ୍କ ମଧ୍ୟରୁ ୨୫୦ ଛାତ୍ର ଓ ୨୫୦ ଛାତ୍ରୀମାନେ ଉପକୃତ ହୋଇପାରିବେ ଏବଂ ବିଦ୍ୟାର୍ଥୀମାନେ ଏହି ବିଦ୍ୟାଳୟରେ ଇଂଲିଶରେ ଶିକ୍ଷା ଗ୍ରହଣ କରିପାରିବେ ବୋଲି ଅଭିଭାଷଣରେ କହିଥିଲେ।



କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

### ଆଜି ସରିବ ପୁରୁଷୋତ୍ତମପୁର ଠାକୁରାଣୀଯାତ୍ରା

# ଶାଶୁଘର ଚାଲିଯିବେ ପଞ୍ଚଠାକୁରାଣୀ

ପୁରୁଷୋତ୍ତମପୁର,୨୯।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁରର ଦ୍ୱିବାର୍ଷିକ ଠାକୁରାଣୀ ଯାତ୍ରା ମଙ୍ଗଳବାର ଶେଷ ହେଉଛି। ଏହି ଯାତ୍ରା ଗତ ୩ ତାରିଖଠାରୁ ଆରମ୍ଭ ହୋଇଥିଲା। ମା ପଞ୍ଚଠାକୁରାଣୀ ନିଜ ମନ୍ଦିର ଛାଡ଼ି ବାପଘର ପୁରୁଷୋତ୍ତମପୁର ସହରର ବଡ଼ବଜାର ସ୍ଥିତ ଅସ୍ଥାୟୀ ମନ୍ଦିରକୁ ଆସି ବିଜେ କରିବା ସହ ପ୍ରତ୍ୟହ ସନ୍ଧ୍ୟାରେ ସାହି ସାହି ବୁଲି ଭକ୍ତଙ୍କୁ ଦର୍ଶନ ଦେଉଥିଲେ। ମାତ୍ର ମା' ଦୀର୍ଘ ୨୮ ଦିନ ହେଲା ମା' ଶାଶୁଘର ଛାଡ଼ି ବାପଘର ଚାଲି ଆସିଥିବାରୁ ଶାଶୁଘର ଲୋକେ (କନକା ସାହି ବାସିନ୍ଦା) ରବିବାର ରାତ୍ରରେ ବିରାଟ ପଟୁଆରରେ ବଡ ବଜାର ସ୍ଥିତ ଅସ୍ଥାୟୀ ମନ୍ଦିର (ବାପଘର)କୁ ଆସି ପୂଜାର୍ଚ୍ଚନା କରି ନିଜ ଘରକୁ ଫେରିଯିବା ଲାଗି ଡାକିଥିଲେ। ଶାଶୁଘର ପକ୍ଷରୁ ଏହି ଡାକରା ପାଇ କିମ୍ବଦନ୍ତୀ ପୂର୍ଣ୍ଣ ମା' କନକା ଠାକୁରାଣୀଙ୍କ ସମେତ ପୁଅ କାଲୁଆ, ବୋହୁ ଫୁଲସୁନ୍ଦରୀ, ଝିଅ ତାରାତାରିଣୀ ଓ



ଅସ୍ଥାୟୀ ମନ୍ଦିରରେ ପଞ୍ଚ ଠାକୁରାଣୀ

କାଳୀ ଆଦି ପଞ୍ଚ ଠାକୁରାଣୀ ନିଜ ଘରକୁ ମଙ୍ଗଳବାର ମଧ୍ୟରାତିରେ ଫେରିଯିବେ। ଏହି ଯାତ୍ରା ଲାଗି ବହୁ ଭକ୍ତଙ୍କ ଭିଡ଼ ଲାଗି ରହୁଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବଣିକ ସଂଘ ମାନ ପକ୍ଷରୁ ସହରର ବହୁ ସ୍ଥାନରେ ବିଭିନ୍ନ ପ୍ରକାର ରନ୍ଧାଖାଦ୍ୟ ମାନ ବଣ୍ଟନ କରାଯାଉଛି। ଏହା ସାଙ୍ଗକୁ ବିଭିନ୍ନ ସାହି ବସ୍ତିରେ ସୁନ୍ଦର ସୁନ୍ଦର ମେଢ, କଳାକୁଞ୍ଜ ମାନ ନିର୍ମାଣ କରାଯିବା ସହ ସୁନ୍ଦର ସୁନ୍ଦର ରଙ୍ଗିନ ଆଲୋକମାଳାରେ ଝଲସି ଉଠୁଛି। ମାନସିକଧାରୀମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ସାହି ସାହି ବୁଲିବାରେ ଲାଗିଛନ୍ତି। ସ୍ୱପ୍ନେଶ୍ୱର କାଳୀଯାତ୍ରା ପଡ଼ିଆରେ ଚାଲିଛି ଅପେରା ଓ ଦୋଳି, ମିନାବଜାର ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ପୋଲିସ ଅଫିସର ଓ ଫୋର୍ସ ମୁତୟନ ରହି ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରୁଛନ୍ତି।

# ଆଲୋଚନା ସଭା

ଆସିକା,୨୯।୫(ଡି.ଏନ୍.ଏ.)

ସିପିଆଇ ଏମ୍‌ଏଲ ରେଡଷ୍ଟାର ଦଳର ଦିବଂଗତ ନେତା ଶିବରାମଙ୍କ ଦ୍ୱିତୀୟ ମୃତ୍ୟୁ ବାର୍ଷିକୀ ସୋମବାର ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜନଗଣଙ୍କ ସମସ୍ୟା ଓ ଆମ ସମ୍ମୁଖରେ ଆହ୍ୱାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦଳର ଜିଲା ସଂପାଦକ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ପଲିଟବ୍ୟୁରୋ ସଦସ୍ୟ କମ୍ରେଡ ତୁହିନ, ବରିଷ୍ଠ ଆଇନଜୀବୀ କେ. ଶୁଭ୍ରମଣ୍ୟଂ ରାଓ, ବସ୍ତି ସୁରକ୍ଷା ମଞ୍ଚର ସଭାନେତ୍ରୀ ହେନା, ଅଖିଳ ଭାରତ କ୍ରାନ୍ତିକାରୀ ମହିଳା ସଂଗଠନର ଜିଲା ସଂପାଦିକା ପେଦିନୀ ପାର୍ବତୀ, ଆସିକା ବ୍ଲକ ସଂପାଦକ ରାମଚନ୍ଦ୍ର ବାଡତ୍ୟା, ରବୀନ୍ଦ୍ର ମଲ୍ଲ, ଅକ୍ଷୟ କୁମାର ସାହୁ, ଟୁନା ମଲିକ, ରମେଶ ଚନ୍ଦ୍ର ପରିଡା, ଟିୟୁସି ନେତା ଯୋଗେନ୍ଦ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଗଣ ସଂଘର୍ଷ ଜରିଆରେ ଆନ୍ଦୋଳନକୁ ସୁସଂଗଠିତ କରିବା ଏବଂ କମ୍ୟୁନିଷ୍ଟ ପାର୍ଟିକୁ ସାରା ରାଜ୍ୟରେ ପ୍ରତିଷ୍ଠା କରିପାରିଲେ ଏହା ଶିବରାମଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରାଯାଇଥିଲା । ଏହି ଅବସରରେ ଦିଲ୍ଲୀ ଠାରେ କୁସ୍ତିଯୋଦ୍ଧାଙ୍କ ପ୍ରତି ଅନ୍ୟାୟର ତୀବ୍ର ନିନ୍ଦା କରାଯିବା ସହ ବ୍ରିଜ ଭୂଷଣଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରାଯାଇଥିଲା ।

# ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟିକା

ଆସିକା,୨୯।୫(ଡି.ଏନ୍.ଏ.)

ଆସିକା ବ୍ଲକ ଭେଟନଇ ପଞ୍ଚାୟତର ଭେଟନଇ ଗ୍ରାମରେ ସୋମବାର ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁ କେତେକ ପ୍ରକଳ୍ପ ଉଦଘାଟନ କରିଛନ୍ତି। ସେଥିମଧ୍ୟରେ ୧୦ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମ ପଞ୍ଚାୟତ ସୁବିଧା ଗୃହ ଏବଂ ୮ ଲକ୍ଷ ଟଙ୍କା ବ୍ୟୟରେ ଭେଟନଇସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ର ରହିଛି । ଏହି ଅବସରରେ ଗ୍ରାମରେ ବିଧାୟିକା ହାତପାଣ୍ଠିରୁ ୫ଲକ୍ଷ ଟଙ୍କା ବ୍ୟୟବରାଦରେ ହେବାକୁ ଥିବା ଆଳିୟ ସମାଜ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ରେଶମା ଦୋରା, ଜିଲା ପରିଷଦ ସଦସ୍ୟ ମନୋଜ ଦୋରା, ସରପଞ୍ଚ ନମିତା ଜେନା, ଦିଲୀପ ପାଣିଗ୍ରାହୀ, ଅନିଲ କୁମାର ନାୟକ, ଅଭିମନ୍ୟୁ ନାହାକ, ରାଜେଶ ପଟ୍ଟନାୟକ, ଟୁଲୁ ଜେନାଙ୍କ ସମେତ ବହୁ ସରପଞ୍ଚ ସାମିଲ ଥିଲେ ।



ବିଧାୟିକା ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

### ତାରସିଂ ମେଡିକାଲରେ ଆମ୍ବୁଲାନ୍ସ ନାହିଁ

ଭଞ୍ଜନଗର, ୨୯।୫(ଡି ଏନ ଏ)

ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡା ପଞ୍ଚାୟତ କିମ୍ବରଖଣି ଗ୍ରାମର ବସନ୍ତ ପ୍ରଧାନ (୪୨)ଙ୍କ ସୋମବାର ବଜ୍ରପାତରେ ମୃତ୍ୟୁ ଘଟିଛି। ବସନ୍ତ ବହୁବର୍ଷ ହେବ ଭୁବନେଶରରେ କାମ କରୁଥିଲେ। କିଛିଦିନ ପୂର୍ବେ ଜମି କାମ କରିବାକୁ ଗ୍ରାମକୁ ଆସିଥିଲେ। ଅପରାହ୍ନରେ ନିଜ ଜମିରେ ବସନ୍ତ ଖତ ବୁଣୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ବସନ୍ତ ଗୁରୁତର ଭାବେ ଆହତ ହୋଇଥିଲେ। ବର୍ଷା ଛାଡିବା ପରେ ସେହି ରାସ୍ତାରେ ଆସୁଥିବା ଲୋକେ ବସନ୍ତଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲକୁ ନେଉଥିବା ବେଳେ ବାଟରେ ବସନ୍ତ ମୃତ୍ୟୁ ଘଟିଥିଲା। ତାରସିଂ ମେଡିକାଲରେ ଆମ୍ବୁଲାନ୍ସ ବ୍ୟବସ୍ଥା ନଥିବା ଯୋଗୁ ବସନ୍ତଙ୍କୁ ଭଞ୍ଜନଗର କିମ୍ବା ଜଗନ୍ନାଥପ୍ରସାଦରୁ ଆମ୍ବୁଲାନ୍ସ ସେବା ମିଳିପାରିନଥିଲା। ଫଳରେ ପରିବାର ଲୋକେ ବିକଳ୍ପ ବ୍ୟବସ୍ଥା କରି ବସନ୍ତଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ଆଣିଥିଲେ। ତାରସି ଅଞ୍ଚଳ ଏକ ଉପାନ୍ତ ଅଞ୍ଚଳ ଭାବେ ପରିଚିତ। ଭଞ୍ଜନଗରରୁ ତାରସିଂ ୩୦ କିମି ଦୂର। ତାରସିଂ ମେଡିକାଲରେ ଆମ୍ବୁଲାନ୍ସ ସୁବିଧା ନଥିବା ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉକ୍ତ ମେଡିକାଲରେ ଆମ୍ବୁଲାନ୍ସ ସେବା ଆରମ୍ଭ କରିବାକୁ ବରିଷ୍ଠ ଆଇନଜୀବୀ ତଥା ବିଜେଡି ନେତା ରଙ୍କ ନିଧି ପାତ୍ର ସରକାରଙ୍କୁ ନିବେଦନ କରିଛନ୍ତି।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ପୋଲସରା,୨୯।୫: ପୋଲସରା ବ୍ଲକ ବଡ଼ ଚଢ଼ିଆପଡ଼ା ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟର ତୃତୀୟ ତଥା ୧୯୯୬ରେ ଦଶମ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ପଞ୍ଚମ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଠଗଡ଼ଠାରେ ଥିବା ନାରାୟଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରୁଙ୍କଙ୍କ ସଭାପତିତ୍ୱରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କୈଳାସ ଚନ୍ଦ୍ର ମହାରଣା, ସାମାଜିକ ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ବେହେରୁକ, ଇତିହାସ ଶିକ୍ଷକ ଶରତଚନ୍ଦ୍ର ପରିଡ଼ା, ଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରୁକ ଉପସ୍ଥିତ ଥିଲେ।

# ନୂଆପଡା ମା' ଅନ୍ନପୂର୍ଣ୍ଣା ଠାକୁରାଣୀ ଯାତ୍ରା ଆରମ୍ଭ



ଅସ୍ଥାୟୀ ମନ୍ଦିରକୁ ଯାଉଛନ୍ତି ମା' ଅନ୍ନାପୂର୍ଣ୍ଣା ଠାକୁରାଣୀ ଯାତ୍ରା।

ଚିକିଟି,୨୯।୫(ଡି.ଏନ.ଏ.)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମରେ ଦୀର୍ଘ ଦଶବର୍ଷ ପରେ ମା ଅନ୍ନପୂର୍ଣ୍ଣା ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ରବିବାର ମଧ୍ୟରାତ୍ରିରେ ଠାକୁରାଣୀ ତାଙ୍କ ମା ଘରକୁ ବିଜେ କରିବାପରେ ନୂଆପଡା ଗ୍ରାମ ଦୁଲୁକୁଛି। ପୂର୍ବାହ୍ନରେ ଠାକୁରାଣୀଙ୍କ ମା କୁହାଯାଉଥିବା ଦେଶିବେହେରାଙ୍କ ସ୍ତ୍ରୀ ଏନ.ଯାଗାବତୀ ପାରମ୍ପରିକ ରୀତିରେ ମା ଅନ୍ନପୂର୍ଣ୍ଣା ଠାକୁରାଣୀଙ୍କ ନିଜସ୍ୱ ମନ୍ଦିରକୁ ଯାଇଥିଲେ ବାପଘରକୁ ବିଜେ ପାଇଁ ନିମନ୍ତ୍ରଣ ଜଣାଇଥିଲେ। ଦେଶିବେହେରା ଏନ୍. ବାସ୍ପାରାଜୁ ଦମ୍ପତିଙ୍କ ସହ ବେହେରା ଓ ଅନ୍ୟଜାତିର ବହୁଲୋକ ପଟୁଆରରେ ମନ୍ଦିରକୁ ଯାଇ ବିଧିବିଧାନ ପାଳନ କରିଥିଲେ। ଶୁକ୍ରବାର ଅପରାହ୍ନରେ ଦେଶିବେହେରାଙ୍କ ବାସଭବନରେ ମେଦିରି ପରିବାରରୁ ଆସିଥିବା ଚାଙ୍ଗୁଡ଼ିକୁ ପୂଜା ପରେ ବିଭିନ୍ନ ଫୁଲମାଳ ରଖି ପୂଜାର୍ଚ୍ଚନା ସାରିଥିଲେ। ରାତି ସାଢେ ୧୦ ଟାରେ ଦେଶିବେହେରାଙ୍କ ସ୍ତ୍ରୀ ସେହି ଚାଙ୍ଗୁଡ଼ିମୁଣ୍ଡାଇ ଏକ ବିରାଟ ଶୋ ଭାଯାତ୍ରାରେ ଠାକୁରାଣୀ ମନ୍ଦିରକୁ ମୁହାଁଇ ଥିଲେ। ସେହି ଆଜ୍ଞାମାଳକୁ ମୁଣ୍ଡାଇ ଦେଶିବେହେରାଙ୍କ ଦମ୍ପତି ଓ ସମସ୍ତ ଗହଣରେ ବାହାରିଥିଲେ। ଠାକୁରାଣୀ ତାଙ୍କ ମା ଘରକୁ ଆସୁଥିବା ବେଳେ ଚଡିଆପଡା ସାହି ଓ ଖଡୁରାସାହି ଓ ଦେଶିବେହେରା ସାହିରେ ମହିଳା ମାନେ ନିଜ ଘର ଆଗରେ କଳସ ଓ ଦୀପ ଜାଳିକି ପୂଜାର୍ଚ୍ଚନା କରିଥିଲେ। ଫୁଲ ଚାଙ୍ଗୁଡି ଓ ଘଣ୍ଟ ଦେଶିବେହେରା ସାହିରେ ପହଞ୍ଚିବା ପରେ ମଧ୍ୟରାତ୍ରିରେ ଅସ୍ଥାୟୀ ମନ୍ଦିତରେ ସ୍ଥାପନ କରାଯାଇଥିଲା।

# ଶୀତଳା ଠାକୁରାଣୀଙ୍କ ଯାତ୍ରା ଉଦ୍‌ଯାପିତ

ଛତ୍ରପୁର,୨୯।୫(ଡି.ଏନ.ଏ.)

ଛତ୍ରପୁର ବ୍ଲକ ପୋଟଲାମପୁର ପଞ୍ଚାୟତ ମୁନିଷିପେଣ୍ଠ ଗାଁରେ ଚାଲିଥିବା ମା' ଶୀତଳା ଠାକୁରାଣୀଙ୍କ ଯାତ୍ରା ଉଦ୍‌ଯାପିତ ହୋଇଛି । ପ୍ରତି ୧୨ ବର୍ଷକୁ ଥରେ ହେଉଥିବା ଏହି ଯାତ୍ରା ଚଳିତଥର ଗତ ୯ରୁ ଆରମ୍ଭ ହୋଇ ୨୧ ଦିନ ଧରି ଚାଲିବା ପରେ ସୋମବାର ସରିଛି। ବିଳମ୍ବିତ ରାତିରେ ମା' ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଯାତ୍ରା ଅବସରରେ ଲୋକକଳା, ଲୋକ ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପରେ ଆଳତି ପରେ ମା'ଙ୍କ ଘଟ ବିରାଟ ପଟୁଆରରେ ଗାଁର ବିଭିନ୍ନ ସାହି ପରିକ୍ରମା କରୁଥିଲେ। ସାହିବାସୀ ମା'ଙ୍କୁ ଭୋଗ ଲଗାଇବା ପରେ ବିଳମ୍ବିତ ରାତିରେ ଘଟ ଅସ୍ଥାୟୀ ମଣ୍ଡପକୁ ଫେରୁଥିଲେ। ୧୨ ବର୍ଷ ପରେ ଯାତ୍ରା ହେଉଥିବାରୁ ବାହାରେ ରହୁଥିବା ଝିଅ ଓ ପରିଜନ ମଧ୍ୟ ଗାଁକୁ ଆସିଥିଲେ। ବିଭିନ୍ନ ସାହିରେ ଆଲୋକ ସଜା, ମେଢ଼ ଓ କଳାକୁଞ୍ଜ ଦର୍ଶକଙ୍କୁ ବିମୋହିତ କରୁଛି।



ମା' ଶୀତଳା ଠାକୁରାଣୀ।

### ପୁଣି ଅପେକ୍ଷା ୧୨ ବର୍ଷ

ମୀନା ବଜାରରେ ମଧ୍ୟ ଭିଡ଼ ଜମୁଛି । ଯାତ୍ରାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଯାତ୍ରା ଅପେରା ପଡିଛି । ଯାତ୍ରା କମିଟିର ସଭାପତି ବିଶ୍ୱନାଥ ସୁବୁଦ୍ଧି, ସମ୍ପାଦକ ସୁଦାମ ସାହୁ, ଉପସଭାପତି ପ୍ରବାସୀ ପ୍ରଧାନ, ସହସମ୍ପାଦକ କେ. ରାମେୟା, କୋଷାଧ୍ୟକ୍ଷ କେ. ବିମରାଜୁ, ଉପଦେଷ୍ଟା ପ୍ରମୋଦ ସାହୁ, ବିଜୟ ପ୍ରଧାନ, ଭଗବାନ ନାହାକ, ଅର୍ଜୁନ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ଏନଏସି କନିଷ୍ଠଯନ୍ତ୍ରୀଙ୍କୁ ଆକ୍ରମଣ ଉଦ୍ୟମ

ଗଞ୍ଜାମ,୨୯।୫(ଡି.ଏନ୍.ଏ.)- ସୋମବାର ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏନଏସି ଇଓଙ୍କ କାର୍ଯ୍ୟାଳୟରେ ପଶି କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡାଙ୍କୁ ବିଭିନ୍ନ ଆକ୍ରମଣ ଉଦ୍ୟମ କରିଥିବା ଗଞ୍ଜାମ ଥାନାରେ ଅଭିଯୋଗ ହୋଇଛି ।କନିଷ୍ଠ ଯନ୍ତ୍ରୀ ପ୍ରଥମେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଶ ମିଶ୍ରଙ୍କଠାରେ ଅଭିଯୋଗ କରିବା ପରେ ଇଓଙ୍କ ସମେତ ସମସ୍ତ ଏନଏସି ଷ୍ଟାପ ଗଞ୍ଜାମ ଥାନାକୁ ଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ । ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରାନଯାଏ ତାହା ମଙ୍ଗଳବାର କଲମ ଛାଡ଼ ଆନ୍ଦୋଳନ କରାଯିବା ସହ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଇଓ ସୂଚନା ଦେଇଛନ୍ତି ।



# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେଶିନ କରୁଛି କାମ

**ଛତ୍ରପୁର,୨୯।୫(ଡି.ଏନ୍.ଏ.)**

ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍.ଜି.ଏନ୍.ଆ।ର୍.ଇ.ଜି.ଏସ୍.)ରେ ଗ୍ରାମାଞ୍ଚଳର ଗରିବ ଶ୍ରେଣୀର ଖଟିଖିଆ, ଦିନମଜୁରିଆ, ପ୍ରବାସୀମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ୧୦୦ ଦିନିଆ କାମ ଯୋଗାଇଥାନ୍ତି। ଏଥିପାଇଁ ବହୁ କୋଟି ରାଜସ୍ୱ ଖର୍ଚ୍ଚ ହେଉଛି। କିନ୍ତୁ କେତେଜଣ ମୁନାଫାଖୋର ଠିକାଦାର, ଦଲାଲ, ରାଜନେତା ଓ ସରକାରୀ ବାବୁଙ୍କ ମଧ୍ୟରେ ସଲାସୁତୁରାରେ କାମ ହେଉଥିବା ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ସରକାରୀ ନିର୍ଦ୍ଦେଶନାମା ଓ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଛତ୍ରପୁର ବ୍ଲକ ଅନ୍ତର୍ଗତ ମହାନାଦପୁର ଗ୍ରାମରେ ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ।

ମହାନାଦପୁର ବିକାଶ ନାଁରେ ଅନେକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ଅନୁମୋଦନ ପୂର୍ବରୁ ବିନା ସୂଚନାଫଳକରେ ଏମ୍‌ଜିଏନ୍‌ଆର୍‌ଇଜିଏସ କାର୍ଯ୍ୟ ଜେସିବି କରୁଛି। ଏପରକି ମନମୁଖୀ କାର୍ଯ୍ୟ କରାଯିବା ଆଶ୍ଚର୍ଯ୍ୟ ଚକିତ କରିଛି। ସୂଚନାଯୋଗ୍ୟ ଡିଆରଡିଏ ଚିଠି ନମ୍ବର ୫୬୪୪, ୨୫।୫।୨୦୨୧ ପ୍ରକାରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ଇଟା ଗାଡିଆ ବନ୍ଧ ଖନନ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ଉକ୍ତ ବନ୍ଧଟି କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ କାର୍ଯ୍ୟ ଅତି ନିକଟରେ ସରିଛି। କ୍ଷୁଦ୍ର

## ଜବ୍‌କାର୍ଡଧାରୀଙ୍କୁ କାର୍ଯ୍ୟ ଦାବି

ଜଳସେଚନ ବିଭାଗୀୟ ଯନ୍ତ୍ରୀ ନରସିଂହ ମିଶ୍ରଙ୍କୁ ପଚାରିବାରୁ ଉକ୍ତ ବନ୍ଧରେ କୌଣସି ମାଟି କାମ କିମ୍ବା ଜେସିବି ତାଙ୍କ ବିଭାଗ ପକ୍ଷରୁ କାମ ହୋଇନାହିଁ ବୋଲି ସେ କହିଛନ୍ତି। ବର୍ତ୍ତମାନ ଡିମାଣ୍ଡ ବାହାର କରିବା ପୂର୍ବରୁ ସେଠାରେ ଜେସିବି ଦିନ ଦ୍ୱିପହରରେ ମାଟି ତାଡୁଛନ୍ତି। ଅତି ଚତୁରତାର ସହ ସରକାରୀ ଟଙ୍କା ହଡ଼ପ କରିବା ପାଇଁ ଚାଲିଛି ଷଡ଼ଯନ୍ତ୍ର। ଏଠି ଜବ କାର୍ଡଧାରୀ ଶ୍ରମିକମାନଙ୍କୁ ଉପେକ୍ଷା କରାଯାଇ ପରବର୍ତ୍ତୀ ସମୟରେ ଚଞ୍ଚକତା କରି କାଗଜପତ୍ର ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଲେବର ପେମେଣ୍ଟ ଆଳରେ ଚଳୁ କରାଯାଉଛି ବୋଲି ଜଣେ ଜବ କାର୍ଡ ଧାରୀ ଅଭିଯୋଗ କରିଛନ୍ତି। ଗୋଟିଏ ପ୍ରକଳ୍ପରେ ଅନେକ ଯୋଜନାର ଟଙ୍କା ଖର୍ଚ୍ଚ କରାଯାଇ ମିଥ୍ୟା ବିଲ କରାଯାଉଥିବା ନେଇ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ପଞ୍ଚାୟତିରାଜ ବିଭାଗ, ଦୁର୍ନୀତି ନିବାରଣ ବିଭାଗ ଆଦିକୁ ପତ୍ର ମାଧ୍ୟମରେ ଅଭିଯୋଗ କରାଯାଇଛି । ମେଶିନ ସାହାର୍ଯ୍ୟରେ ଏମଜିଏନଆରଜିଏସ କାର୍ଯ୍ୟ ହେଉଥିବା ବିଷୟ ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଫୋନ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନି ।

## ଭେଟସିଙ୍ଗି ଗ୍ରାମର କାଳୁଆ ମନ୍ଦିର ପ୍ରତିଷ୍ଠା



**ଶେରଗଡ,୨୯।୫(ଡି.ଏନ.ଏ.)**

ଶେରଗଡ଼ ନିକଟସ୍ଥ ଭେଟସିଙ୍ଗି ଗ୍ରାମର ମା' କାଳୁଆ ମନ୍ଦିର ପ୍ରତିଷ୍ଠା ନେଇ ଗ୍ରାମ ଉତ୍ସବମୁଖର ହୋଇ ଉଠିଛି। ବିଶେଷକରି ଅଙ୍କୁରାରୋପଣ ଓ କଳସଯାତ୍ରାରେ ଶତାଧିକ ମହିଳା ପୁରୁଷ ସାମିଲ ହୋଇ ନନ୍ଦନୀ ନଦୀରୁ ପାଣି ନେଇ ପୂଜାବିଧାନ କରାଯାଇଥିଲା। ପରେ ସାଲାପୂଜା, ସୂର୍ଯ୍ୟପୂଜା, ହୋମ ଆରମ୍ଭ କରାଯାଇ ୨ ଦିନ ହେଲା ବ୍ୟାପକ ପୂଜାର୍ଚ୍ଚନା ଚାଲିଛି। ପର୍ଶୁରାମ ସ୍ୱାଇଁ କର୍ତ୍ତା ଭାବେ ବସି ପୂଜାରେ ଭାଗ ନେଇଥିବା ବେଳେ ଗ୍ରାମର ଯୁବଗୋଷ୍ଠୀମାନେ ଗୋଟିଏ ରଙ୍ଗର ପୋଷାକ ପରିଧାନ କରି ଯାତ୍ରାକୁ ପରିଚାଳନା କରିଥିବା ଦେଖିବାକୁ ମିଳିଛି। ୭ଜଣ ପୁରୋହିତଙ୍କ ଦ୍ୱାରା ପୂଜା ଆଗେଇଥିବା ବେଳେ ଗ୍ରାମର ବୟୋଜ୍ୟେଷ୍ଠମାନେ ମନ୍ଦିର ପୂଜାରେ ସହଯୋଗ କରିଥିଲେ। ଭେଟସିଙ୍ଗି ଗ୍ରାମର ଚାରିଆଡ଼େ କାଠ ବାଉଁଶ ପଡି ଛାମୁଡିଆ ଦେଖିବାକୁ ଲୋକଙ୍କ ଭିଡ଼ ଜମିଛି।

## ସଂକ୍ଷେପରେ

### ଜାତୀୟ ଶିକ୍ଷାନୀତି ସମ୍ପର୍କରେ କର୍ମଶାଳା

ଜି.ଉଦୟଗିରି,୨୯।୫(ଡି.ଏନ.ଏ.)- ଜି.ଉଦୟଗିରିର ଡୁଗୁଡିଠାରେ ସ୍ୱାତୀ ସଙ୍ଗଠନର ନୂତନ ନିଜସ୍ୱ କାର୍ଯ୍ୟାଳୟଠାରେ ସ୍ୱାତୀ ସଙ୍ଗଠନ ଓ କଲିକତା ସ୍ଥିତ କ୍ରାଏର ମିଳିତ ଆୟୋଜନରେ ଜାତୀୟ ଶିକ୍ଷାନିତୀର ସଫଳ ରୂପାୟନ ଉପରେ ଏକ କର୍ମଶାଳା ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୁଷମା ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ଅଧକ୍ଷ ପ୍ରଶାନ୍ତ କୁମାର ଶତପଥୀ, ସମ୍ପାଦକ ଇ.ହରିଶଙ୍କର ରାଉତ, ସଂଯୋଜିକା ସୁସ୍ମିତା ଜେନା ପ୍ରମୁଖ ନିଜ ନିଜ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱାତୀର କର୍ମୀ ପ୍ରଦୀପ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ରମେଶ ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ। ଏହି କର୍ମଶାଳା ସହ ସ୍ୱାତୀର ନୂତନ କାର୍ଯ୍ୟାଳୟ ମଧ୍ୟ ଉଦ୍‌ଘାଟନ ହୋଇଥିଲା।

### ଅନ୍ନପୂର୍ଣ୍ଣା ଠାକୁରାଣୀଙ୍କୁ ଦର୍ଶନ କଲେ ଜିଲା କଂଗ୍ରେସ ସଭାପତି

ଚିକିଟି,୨୯।୫(ଡି.ଏନ.ଏ.)-ଜିଲା କଂଗ୍ରେସ ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନା ସୋମବାର ସ୍ୱଳ୍ପସମୟ ପାଇଁ ଗଞ୍ଜାମ ଜିଲା ଚିକିଟି ବ୍ଲକ ଗସ୍ତ କରି ନୂଆପଡା ଗ୍ରାମରେ ଚାଲିଥିବା ମା ଅନ୍ନପୂର୍ଣ୍ଣା ଠାକୁରାଣୀଙ୍କ ଦ୍ୱିତୀୟଦିନରେ ଦେଶିବେହେରା ସାହି ସ୍ଥିତ ଅସ୍ଥାୟୀ ପୀଠକୁ ଯାଇ ମା'ଙ୍କୁ ଦର୍ଶନ କରିବା ସହିତ ଦୀପ ଜାଳିଥିଲେ। ଗଞ୍ଜାମ ଜିଲାରୁ ରାଜନୀତି ଆରମ୍ଭ କରି ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚିକିଟି ବ୍ଲକ ସଭାପତି ଉମାକାନ୍ତ ତ୍ରିପାଠୀ, ବ୍ଲକ ବରିଷ୍ଠ କଂଗ୍ରେସ ନେତା ଶଙ୍କର ଅଧିକାରୀ, ନୂଆପଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ୟାମାକାନ୍ତ ତ୍ରିପାଠୀ ସମେତ ବହୁ କଂଗ୍ରେସ ନେତା ପ୍ରମୁଖ ଉପସ୍ଥିତ ଥିଲେ।

### ୨୮ ଅଭିଯୋଗ ପତ୍ର ଗ୍ରହଣ କଲେ ଜିଲାପାଳ

ପାରଳାଖେମୁଣ୍ଡି,୨୯।୫(ଡି.ଏନ୍.ଏ.) ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ଅନଘା ଗ୍ରାମ ପଞ୍ଚାୟତର ସମ୍ମିଳନୀ କକ୍ଷଠାରେ ସୋମବାର ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ(ରାଜସ୍ୱ), ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପରିଷଦ ରୋମାଞ୍ଚଳ ଖକମାରୀ ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ଅନଘା ଗ୍ରାମପଞ୍ଚାୟତ ସମେତ ତବରାସିଂ, ପରିସଲା ଓ ରାମଗିରି ଗ୍ରାମ ପଞ୍ଚାୟତର ସମୁଦାୟ ୨୮ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ଜଣଙ୍କୁ ରେଡ କ୍ରସ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା।

### ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର ଅଫିସ,୨୯।୫: ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ସୋମବାର ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରୋଗୀଙ୍କ ରକ୍ତ ଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳ ପିତ, ସ୍ତ୍ରୀ ରୋଗ ଭଳି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା ନକୁଳ ସାହୁ କଫ କାରକ ଖାଦ୍ୟ, ମଦ୍ୟପାନ, ତୈଳ ଯୁକ୍ତ ଖାଦ୍ୟ ଖାଇଲେ ଅଜୀର୍ଣ୍ଣ ହୁଏ। ଏହାଦ୍ୱାରା ଅରୁଚି, ଶରୀର ବ୍ୟଥା ହୁଏ ବୋଲି କହିଥିଲେ। ତେଣୁ ଅଜୀର୍ଣ୍ଣରୁ ମୁକ୍ତି ପାଇବା ପାଇଁ ଅଦା ସହ ଜୁଆଣି, ସୈନ୍ଧବ ସମେତ ଖାଦ୍ୟରେ ପ୍ରତିଦିନ ରସୁଣ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡି ଶ୍ରୀନିବାସ ରାଓ ଓ ଭରଦ୍ୱାଜ ପ୍ରତିଷ୍ଠାନର ବହୁ ସଭ୍ୟ ଏବଂ ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

# ଅପହୃତ ସାମୁଏଲଙ୍କ ପତ୍ତା ମିଳୁନି

## ଏସ୍‌ପିଙ୍କୁ ଭେଟିଲେ ପରିବାର

**ଫୁଲବାଣୀ ଅଫିସ/ଖଜୁରୀପଡା,୨୯।୫**

ଖଜୁରୀପଡା ବ୍ଲକ ଖଲିଗୁଡ଼ି ଗ୍ରାମର ଯୁବକ ସାମୁଏଲ ମହାନନ୍ଦଙ୍କ ଅପହରଣକୁ ଇତି ମଧ୍ୟରେ ୯ ଦିନ ବିତିଛି । ହେଲେ ଆଜି ପର୍ଯ୍ୟନ୍ତ ତାଙ୍କ ବିଷୟରେ କୌଣସି ଖୋଜ ଖବର ମିଳି ପାରିନାହିଁ । ପୋଲିସ ବି ତାଙ୍କୁ ଠାବ କରିବାରେ ବିଫଳ ହୋଇଛି । ପୂର୍ବ ଶତ୍ରୁତାକୁ ନେଇ ଏହି ଅପହରଣ କରାଯାଇଥିବା ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇ ଆସୁଥିଲେ ସୁଦ୍ଧା ପୋଲିସ କିଛି ଶୁଣୁନାହିଁ। ପରିବାର ଲୋକେ ବାଧ୍ୟ ହୋଇ ସୋମବାର ଆସି ଏସ୍‌ପିଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଗତ ୨୦ ତାରିଖ ରାତି ପ୍ରାୟ ୮ଟା ଖଜୁରୀପଡ଼ା ଥାନା ଅନ୍ତର୍ଗତ ଖଲିଗୁଡ଼ି ଗ୍ରାମର ନିରଞ୍ଜନ ପ୍ରଧାନଙ୍କ ପୁଅ ସାମୁଏଲ୍ ଏବଂ ଭଉଣୀ ଭିଣୋଇ ଘରକୁ ଫେରୁଥିଲେ । ଏକ ଧଳା କାର୍‌ରେ କେତେଜଣ ଦୁର୍ବୃତ୍ତ ଆସି ବଲସକୁମ୍ପା ନିକଟସ୍ଥ ରୁଗୁଡ଼ି ସାହି ରାସ୍ତା ଉପରୁ ସେମାନଙ୍କ ଆଖିରେ ଲଙ୍କା ଗୁଣ୍ଡ ଫିଙ୍ଗିଥିଲେ । ସାମୁଏଲଙ୍କୁ ଗାଡ଼ିରେ ଅପହରଣ କରି ନେଇଥିଲେ। ଏଥିସହ ଭଉଣୀ ସୁନିଲା ଏବଂ ଭିଣୋଇ ସୁନିଲକୁ ମାଡ଼ ମାରିଥିଲେ । ଗତ ୨୨ ତାରିଖରେ ଖଜୁରୀପଡ଼ା ଥାନା ଅଧିକାରୀ ତାଙ୍କୁ ଏବଂ ଝିଅ ଜ୍ୱାଇଁଙ୍କୁ ଡାକିପଚରା ଉଚରା କରୁଥିଲେ । ହଠାତ୍ ସାମୁଏଲ୍‌ର ଫୋନ୍ ଆସିଲା । ସେ କଟକରେ ସାଙ୍ଗ ମାନଙ୍କ ସହିତ ଭଲରେ ଅଛନ୍ତି, କେସ କର ନାହିଁ ବୋଲି କହିଥିବା ନିରଞ୍ଜନ କହିଛନ୍ତି। କେଉଁ ସାଙ୍ଗମାନେ ଜୋର୍ ଜବରଦସ୍ତ ଆଖିରେ ଲଙ୍କା ଗୁଣ୍ଡ ଫିଙ୍ଗି ନେଇ ଗଲେ ବୋଲି ପଚାରିବାରୁ ଫୋନ ସୁଇଚ ଅଫ କରିଦେଲେ। ଯେତେ ଚେଷ୍ଟା କଲେ ବି ଫୋନ ଲାଗିଲା ନାହିଁ । ଟିକାବାଲି ଥାନା ଅଞ୍ଚଳର ଜଣେ ଯୁବତୀ ଏବଂ ଅନ୍ୟ ଜଣେ ଯୁବକ ଏଥିରେ ସାମିଲ ଥିବା ଅନୁମାନ କରୁଛୁ ବୋଲି ନିରଞ୍ଜନ କହିଛନ୍ତି। ସମ୍ପୃକ୍ତ ଯୁବତୀ ମିଛ ପ୍ରତିଶ୍ରୁତି ଦେଇ ପୁଅକୁ ବିବାହ କରିବା କଥା କହି ଟଙ୍କା ନେଇଥିଲା । ସେହି ଟଙ୍କା ଫେରିବା ନେଇ ଖଜୁରୀପଡ଼ା ଥାନାରେ ଅଭିଯୋଗ ଥିବାରୁ ପୁଅ ଥାନାରେ ହାଜର ହୋଇ ଆସୁଥିଲା। ହେଲେ ତାକୁ ଅପହରଣ କରି ନିଆଗଲା । ଏ ନେଇ ଖଜୁରୀପଡ଼ା ଥାନାଧିକାରୀ ଗେଲି କୁମାରୀ ସାହୁଙ୍କୁ ପଚାରିବାରୁ ତଦନ୍ତ ପ୍ରକ୍ରିୟା ଜାରି ରହିଛି, ସାମୁଏଲଙ୍କ ସମ୍ପର୍କରେ କୌଣସି ସୁରାଗ ମିଳିନାହିଁ। ମିଳିଲେ ତାଙ୍କୁ ଉଦ୍ଧାର କରିବୁ ବୋଲି କହିଛନ୍ତି।

## ବିଜ୍ଞାନ ପ୍ରୟୋଗ ଶାଳା

**ପାରଳାଖେମୁଣ୍ଡି,୨୯।୫(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ନବଜୀବନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଅନାଥ ବାଳିକା ଆଶ୍ରମରେ ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଉକ୍ତ ସଂସ୍ଥା ଦ୍ୱାରା ପରିଚାଳିତ ଆନ୍ଧ୍ର ପ୍ରଦେଶ ଓ ଓଡିଶାର ୬ଟି ଅନୁଷ୍ଠାନର ଛାତ୍ରୀମାନଙ୍କ ଉପସ୍ଥିତରେ ଏକ ବିଜ୍ଞାନ ପ୍ରୟୋଗ ତଥା କର୍ମଶାଳା ଶିକ୍ଷାବିତ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ବିନା ମୂଲ୍ୟ ଓ ସ୍ୱଳ୍ପ ମୂଲ୍ୟରେ ବିଜ୍ଞାନ ଉପକରଣ ପ୍ରସ୍ତୁତ କରାଯାଇ ସରଳ ବିଜ୍ଞାନ ପରୀକ୍ଷାଗୁଡିକ କିଭଳି ପ୍ରଦର୍ଶିତ କରାଯାଇ ପାରିବ ତାହା ଖୋଲା ମଞ୍ଚରେ ପରୀକ୍ଷାମୂଳକ ଭାବେ ଆଲୋଚନା କରାଯାଇଥିଲା । ବାୟୁର ଚାପ, ଜଳରେ ଚାପ, ଚୁମ୍ବକର ପ୍ରୟୋଗ ଏପରି ଅନେକ ୩୦ରୁ ଊର୍ଦ୍ଧ ସରଳ ପରୀକ୍ଷା ଗୁଡିକ ଶିବିରର ଛାତ୍ରୀମାନଙ୍କ ଦ୍ୱାରା ପ୍ରୟୋଗାତ୍ମକ ଭାବେ ଶିକ୍ଷଣୀୟ କରାଯାଇଥିଲା । ଏ ସମସ୍ତ ପ୍ରୟୋଗକୁ ଗ୍ରୀଷ୍ମଛୁଟି ପରେ ନିଜ ନିଜ ବିଦ୍ୟାଳୟକୁ ପଢିବା ପାଇଁ ଗଲେ ସେଠାରେ ଅନ୍ୟ ଛାତ୍ରଛାତ୍ରୀମାନଙ୍କ ନିକଟରେ ପହଞ୍ଚାଇବା ହେଉଛି ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଶିବିରକୁ ନବଜୀବନ ଟ୍ରଷ୍ଟର ପରିଚାଳକ ରାବଣା ରାଓ ପରିଚାଳନା କରିଥିଲେ ।

## ଅର୍ଥମନ୍ତ୍ରୀଙ୍କୁ ୩୧ରେ ନାଗରିକ ସମ୍ବର୍ଦ୍ଧନା

**ଭଞ୍ଜନଗର,୨୯।୫(ଡି.ଏନ.ଏ)**

ଅର୍ଥମନ୍ତ୍ରୀ ତଥା ଭଞ୍ଜନଗର ବିଧାୟକ ବିକ୍ରମ କେଶରୀ ଆରୁଖଙ୍କୁ ବୁଧବାର ଭଞ୍ଜନଗର ଏବଂ ଜଗନ୍ନାଥପ୍ରସାଦରେ ନାଗରିକ ସମ୍ବର୍ଦ୍ଧନା ଦିଆଯିବ। ଏଥିସହ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯିବ। ଏ ନେଇ ଜଗନ୍ନାଥପ୍ରସାଦ ଏବଂ ଭଞ୍ଜନଗରଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ପୂର୍ବାହ୍ନରେ ଅର୍ଥମନ୍ତ୍ରୀ ଭୁବନେଶ୍ୱରରୁ ଜଗନ୍ନାଥପ୍ରସାଦ ଆସିବେ। ଏହି ସମୟରେ ବାଟରେ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯିବା ସହ ବାଇକ ରାଲିରେ କଲେଜ ପଡିଆରେ ହୋଇଥିବା ସମ୍ବର୍ଦ୍ଧନା ସ୍ଥଳକୁ ପାଛୋଟି ନିଆଯିବ। ଏହାପରେ ସେଠାରେ ଏକ ସଭା ହେବ। ଅପରାହ୍ନରେ ଭଞ୍ଜନଗର ବ୍ଲକ ବିଜେଡି ପକ୍ଷରୁ ମନ୍ତ୍ରୀଙ୍କୁ ତନରଡାଠାରୁ ଏକ ବିରାଟ ବାଇକ ରାଲିରେ ଭଞ୍ଜନଗର ପାଛୋଟି ଅଣାଯିବ। ଏହା ପରେ ଜେଲ ପଡିଆରେ ହୋଇଥିବା ନାଗରିକ ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ। ଉକ୍ତ କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେଥିପାଇଁ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ନଗର ବିଜେଡି ସଭାପତି ରାଜେନ୍ଦ୍ର ବିଶୋଇ ପ୍ରମୁଖ ଚେଷ୍ଟା ଚଳାଇଛନ୍ତି।

# ନୂଆଗଡ଼ ବ୍ଲକରେ ବିଜେଡିର କର୍ମୀ ସମ୍ମିଳନୀ

**ଆର୍.ଉଦୟଗିରି,୨୯।୫(ଡି.ଏନ.ଏ.)**



ବିଜେଡିର କର୍ମୀ ସମ୍ମିଳନୀ।

ନୂଆଗଡ଼ ବ୍ଲକର ସଦର ମହକୁମା ନୂଆଗଡ଼ଠାରେ ବିଜେଡିର କର୍ମୀ ସମ୍ମିଳନୀ ଆର୍. ଉଦୟଗିରି ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଥିଲା। ଏହି କର୍ମୀ ସମ୍ମିଳନୀରେ ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ଜିଲା ଉପସଭାପତି ଜେମ୍ସ ରାଇକାଙ୍କ ସମେତ ବ୍ଲକରେ ଥିବା ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ବିଜେଡି କର୍ମୀଙ୍କ ସମେତ ବ୍ଲକ ସରପଞ୍ଚ ସଂଘର ସଭାପତି ପ୍ରେମା ମାଝି ଉପସ୍ଥିତ ଥିଲେ। ନୂଆଗଡ଼ ବ୍ଲକକୁ ବିଭିନ୍ନ ଯୋଜନା ମାଧ୍ୟମରେ ଆସିଥିବା ଅର୍ଥ ଠିକ୍ ମାର୍ଗରେ ଖର୍ଚ୍ଚ ହେଉଛି କି ନାହିଁ ଏବଂ ତାହାର ସୁଫଳ ଲୋକଙ୍କ ନିକଟରେ ଯେପରି ପହଞ୍ଚିବ ତାହାର ତଦାରଖ କରିବା ନିମନ୍ତେ କର୍ମୀ ସମ୍ମିଳନୀରେ ସ୍ଥିର ହୋଇଥିଲା। ଏହି କର୍ମୀ ସମ୍ମିଳନୀରେ ନୂଆଗଡ଼ ବ୍ଲକର ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।

## ୭୧ ଅଭିଯୋଗ ଶୁଣିଲେ ଜିଲାପାଳ

**ଟିକାବାଲି,୨୯।୫**

କନ୍ଧମାଳ ଜିଲା ଟିକାବାଲି ପଞ୍ଚାୟତ ସମିତି ସଭା ଗୃହରେ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଜିଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ, ବାଲିଗୁଡା ପିଏ ଆଇଟିଡିଏ, ଜିଲା କୃଷି ଅଧିକାରୀ, ଉଦ୍ୟାନ ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟାର ଶୁଣାଣୀ କରିଥିଲେ। ସମସ୍ୟାର ସମାଧାନ ପାଇଁ ସମସ୍ତ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମୋଟ ୭୧ ଅଭିଯୋଗର ଶୁଣାଣି କରାଯାଇଥିଲା।

## ବିଦ୍ୟୁତ୍ କାଟକୁ ନେଇ ସମରବନ୍ଧ ଗ୍ରାମବାସୀ ଅସନ୍ତୋଷ

**ଜଗନ୍ନାଥପ୍ରସାଦ,୨୯।୫(ଡି.ଏନ୍.ଏ.)**

ଅସହ୍ୟ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହା ସାଙ୍ଗକୁ ରୌଦ୍ରତାପ ମଧ୍ୟ କିଛି କମ ନୁହେଁ। ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ) କର୍ତ୍ତୃପକ୍ଷଙ୍କ ଅଘୋଷିତ ବିଜୁଳି କାଟରେ ତାରସିଙ୍ଗ ଥାନା ସମରବନ୍ଧ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତାପମାତ୍ରା ବୃଦ୍ଧି ବେଳକୁ ବିଦ୍ୟୁତ କାଟ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଏହାଦ୍ୱାରା କୋମଳମତି ଶିଶୁ, ବରିଷ୍ଠ ନାଗରିକଙ୍କ ଜୀବନ ବ୍ୟତିବ୍ୟସ୍ତ ହୋଇ ପଡୁଥିବା ବେଳେ ପାନୀୟ ଜଳ ଠିକ୍ ମାତ୍ରରେ ଆସୁନାହିଁ। ରାଜ୍ୟରେ ବିଦ୍ୟୁତ କାଟ ହେଉନଥିବା ସରକାର କହୁଥିବା ବେଳେ ଅଞ୍ଚଳର ୧୫ ରୁ ଊର୍ଦ୍ଧ୍ୱ ଗାଁ ଗତ ୧୭ ତାରିଖ କାଳବୈଶାଖୀଠାରୁ ଠିକ ଭାବେ ବିଦ୍ୟୁତ ରହୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉଚ୍ଚଶକ୍ତି ସମ୍ପନ୍ନ ୧୧ କେଭି ତାର ହାତ ପାହାନ୍ତାରେ ଝୁଲିବା ଭଳି ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ହେଲେ ଏହାକୁ ଉଚ୍ଚତା କରାନଯାଇ ରାତିରେ ହାତୀ ଆସୁଥିବା କହି ସନ୍ଧ୍ୟା ସାତରୁ ସକାଳ ପାଞ୍ଚ ଯାଏ ଅଘୋଷିତ ବିଦ୍ୟୁତ୍ କାଟ ସହ ଦିନ ତମାମ ମଧ୍ୟ ଠିକ ଭାବେ ବିଦ୍ୟୁତ୍‌ସେବା ପାଇ ପାରୁନାହାନ୍ତି ଅଞ୍ଚଳବାସୀ। ଟାଟା ପାୱାର ବିଦ୍ୟୁତ ବିଲ ସଂଗ୍ରହକୁ ଯେଉଁଭଳି ତତ୍ପର ଦେଖାଉଛି ହେଲେ ବିଦ୍ୟୁତ୍ ସେବାଦେବା ବେଳକୁ ସ୍ଥାଣୁ ପାଲଟିଯାଉଥିବା ଅଭିଯୋଗ କରିବା ସହ ଅଞ୍ଚଳବାସୀ ଏକାଠି ହୋଇ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଓ ବନବିଭାଗ କାର୍ଯ୍ୟାଳୟଠାରେ ପହଞ୍ଚି ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗ ଏସ୍‌ଡିପିଓ ସୌରଭ ପଟ୍ଟନାୟକ କହିଛନ୍ତି ବନ ବିଭାଗ ପକ୍ଷରୁ ଆସୁଥିବା ସୂଚନା ଅନୁଯାୟୀ ଆମକୁ ବିଦ୍ୟୁତ କାଟିବାକୁ ପଡୁଛି ଓ ଉଚ୍ଚତା କମ୍ ଥିବା ବିଦ୍ୟୁତ୍ ତାରକୁ ସ୍ଥାନୀୟ ବିଦ୍ୟୁତ୍ ଜେଇଙ୍କ ସହ ଆଲୋଚନା କରି ବିଦ୍ୟୁତ ଠିକ ସେ ଯୋଗାଇଦେବାକୁ ସହଯୋଗ କରିବେ ବୋଲି ସୂଚନା ଦେଇଛନ୍ତି।

# ସପ୍ତାହବ୍ୟାପୀ ଦିବ୍ୟାଙ୍ଗ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପାରଳାଖେମୁଣ୍ଡି,୨୯।୫(ଡି.ଏନ୍.ଏ.)**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଓ ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଗତ ୨୨ ତାରିଖରୁ ଚାଲୁଥିବା ସପ୍ତାହବ୍ୟାପୀ ଭିନ୍ନକ୍ଷମମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ଅନ୍ତର୍ଭୁକ୍ତ ହୋଇ ଲାଭବାନ୍ ହୋଇପାରିବେ ବୋଲି ସଚେତନତା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ ସ୍ଥାନରେ ସପ୍ତାହବ୍ୟାପୀ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଏଥିରେ ଜିଲାର ବହୁ ଭିନ୍ନକ୍ଷମ ବ୍ୟକ୍ତିବିଶେଷ ଉପକୃତ ହୋଇଥିବାର ଜଣାପଡିଛି। ଆଜି ସପ୍ତାହବ୍ୟାପୀ ଶେଷ ଦିବସରେ କାଶୀନଗର ବ୍ଲକ ଅଧୀନ ରାଣୀପେଣ୍ଠ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଇନ ସେବା ପ୍ରାଧିକରଣ ସଚିବ ରବିନାରାୟଣ ବେହେରା, କାଶୀନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡି, ସ୍ଥାନୀୟ ସରପଞ୍ଚ ପି. ଅରୁଣା, କାଶୀନଗର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ କେ.ସୀତାରାମ ପ୍ରମୁଖ ଯୋଗଦେଇ ରାଣୀପେଣ୍ଠ ପଞ୍ଚାୟତରେ ବାସ କରୁଥିବା ଦିବ୍ୟାଙ୍ଗମାନଙ୍କୁ ତିନୋଟି ହୁଇଲ ଚେୟାର, ଗୋଟିଏ ତିନିଚକିଆ ଗାଡ଼ି, ଗୋଟିଏ ଆଶାବାଡି, ଦୁଇଟି ଶ୍ରବଣ ଯନ୍ତ୍ର, ଦୁଇଟି ସ୍ମାର୍ଟ କେନା ଆଦି ବଣ୍ଟନ କରାଯାଇଥିଲା।

# ମିଶନ ଶକ୍ତି କାଫେ ଉଦ୍‌ଘାଟିତ




ଏସ୍‌ଏଚ୍‌ଜିଙ୍କ ଦ୍ୱାରା ଉଦ୍‌ଘାଟିତ ମିଶନ ଶକ୍ତି କାଫେ।

**ପାରଳାଖେମୁଣ୍ଡି/ ଆର୍‌ଉଦୟଗିରି:୨୯।୫(ଡି.ଏନ୍.ଏ.)**

ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ଅବାରସିଂ ଗ୍ରାମପଞ୍ଚାୟତର ଡୁମ୍ବା ପାର୍କଠାରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ କାଫେକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୀରେନ୍ଦ୍ର କୁମାର ଦାସ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର ଓ ମିଶନ ଶକ୍ତିର ମାଁ ବ୍ରାହ୍ମଣୀ ଦେବୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଡୁମ୍ବାଙ୍କ ଦ୍ୱାରା କାଫେ କେନ୍ଦ୍ରକୁ ଶୁଭ ଉଦ୍‌ଘାଟନ କରିଥିଲେ। ମହିଳା ସଦସ୍ୟମାନେ ଏହି କାଫେ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଲାଭାନ୍ୱିତ ହୋଇପାରିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମିଶନ ଶକ୍ତି ଅଧିକାରୀ ରଶ୍ମିରଞ୍ଜନ ସେଠୀ, ଜିଲା ଶିଳ୍ପ କେନ୍ଦ୍ର ସଂସ୍ଥା ସାଧାରଣ ପରିଚାଳକ ସୁନାରାମ ସିଂ, ଆର୍.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ ଖର୍ସେଲ, ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ସ୍ଥାନୀୟ ସିଡିପିଓ, ମିଶନ ଶକ୍ତିର ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ଥାନୀୟ ଜନପ୍ରତିନିଧି ଓ ବ୍ଲକ ମିଶନ ଶକ୍ତିର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ନଦୀପଠାରୁ ଅଚିହ୍ନା ମହିଳା ଉଦ୍ଧାର

**ପାତ୍ରପୁର,୨୯।୫(ଡି.ଏନ.ଏ.)**

ଜରଡ଼ା ଥାନା ଖାରିଆଗୁଡା ନିକଟରେ ଥିବା ବାହୁଦା ନଦୀ ପଠାରୁ ସୋମବାର ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଛି। ମହିଳା ଜଣକ ଭ୍ରମରପୁରଠାରୁ ଖାରିଆଗୁଡ଼ା ଚଲା ପଥର ବାହୁଦା ନଦୀ ପଠାରେ ପଡ଼ିଥିବା ଗ୍ରାମର କିଛି ବ୍ୟକ୍ତି ଦେଖିଥିଲେ। ମହିଳା ଜଣକ କିଛି କହିପାରୁ ନଥିବାରୁ ତାଙ୍କରି ପରିଚୟ ମିଳିନଥିଲା। ଏହା ପରେ ଗ୍ରାମର ଯୁବକମାନେ ଖାରିଆଗୁଡ଼ା ଫାଣ୍ଡି ଅଧିକାରୀଙ୍କୁ ଜାଣଇଥିଲେ। ପରେ ଦୁଇ ଜଣ ଫାଣ୍ଡି କର୍ମଚାରୀଙ୍କ ସହାୟତାରେ ଡାକ୍ତର ଖାନାକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏହି ଖବର ପାଇ ତାଙ୍କୁ ୧୦୮ଯୋଗେ ପାତ୍ରପୁର ସ୍ଥାନାନ୍ତର କରିବା ପରେ ଚିକିତ୍ସା ଜାରି ରହିଛି। କେହି ମହିଳାଙ୍କ ସନ୍ଧାନ ପାଇଲେ ଡାକ୍ତର ଖାନାକୁ ଯିବାକୁ ପରାମର୍ଶ ଦିଆଯାଇଛି।

# ଗଞ୍ଜାମ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଜଗନ୍ନାଥପ୍ରସାଦ,୨୯।୫(ଡି.ଏନ୍.ଏ.)**

ଜଗନ୍ନାଥପ୍ରସାଦ ପଞ୍ଚାୟତ ସମିତି କକ୍ଷରେ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନସମାଧାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଆଜିର ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୧୨୮ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଜିଲାପାଳ ତ୍ୱରିତ ୩୯ ଅଭିଯାଗର ଫଇସଲା କରିଥିଲେ। ଅଭିଯୋଗ ସମୟରେ ଜିଲାପାଳ ୨୫ ଜଣଙ୍କୁ ବିଧବା ଭତ୍ତା,ବାର୍ଦ୍ଧ୍ୟକ ଭତ୍ତା ପ୍ରଦାନ କରିଥିଲେ ଏବଂ ଏହାସହ ଜିଲାପାଳ ୨ଜଣକୁ ହୁଇଲ ଚେୟାର, ୮ ଜଣଙ୍କୁ ତିନିଚକିଆ ସାଇକେଲ, ଅନ୍ଧବାଡ଼ି ଜଣକୁ ପ୍ରଦାନ କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ତିନିହଜାର ଟଙ୍କା ଲେଖାଏ ଦିଆଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ଭଞ୍ଜନଗର ଜଗନ୍ନାଥପ୍ରସାଦ ବିଡିଓ ଅନୁପ ପଣ୍ଡା, ଏସ୍‌ଡିପିଓ ଭଞ୍ଜନଗର ବିଶ୍ୱାମିତ୍ର ହରପାଲ, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୀତାଂଶୁ କୁମାର ଶତପଥୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାଶ, ଉତ୍ତର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ଅତିରିକ୍ତ ତହସିଲଦାର ଜଗନାଥପ୍ରସାଦ, ସାମାଜିକ ସୁରକ୍ଷା ଅଧିକାରୀ ଏସି ଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ଭଞ୍ଜନଗରଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ଥିଲେ।



ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ଜିଲାପାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ମେ, ୨୦୨୩



## ସଂକ୍ଷେପରେ

### କାଲୁଆ ମନ୍ଦିର ପ୍ରତିଷ୍ଠା ଉତ୍ସବ ଯଜ୍ଞ ପୂର୍ଣ୍ଣାହୁତି

**ବ୍ରହ୍ମପୁର ଅଫିସ,୨୯।୫:** ବ୍ରହ୍ମପୁର ଗୋଷାଣୀ ନୂଆଗାଁସ୍ଥ ବହୁ ପୁରାତନ ଶକ୍ତିପୀଠ ମା' କାଲୁଆ ମନ୍ଦିର ପୁନଃନିର୍ମାଣ କରାଯାଇଛି। ଏହି ଦେବୀ ପ୍ରାସାଦ ଜୀର୍ଣ୍ଣୋଦ୍ଧାର ଏବଂ ମା'ଙ୍କ ଅଷ୍ଟଧାତୁ ନବ ନିର୍ମିତ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଗତ ୨୫ରୁ ଆରମ୍ଭ ହୋଇଥିବା ୫ ଦିନିଆ ମହୋତ୍ସବ ସୋମବାର ସମାପନ ସହ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ସହାୟତା ଏବଂ ଆଧାତ୍ମିକ ପ୍ରେମୀଙ୍କ ସହଯୋଗରେ ହୋଇଥିବା ନୂତନ ମନ୍ଦିର ଆକର୍ଷଣୀୟ ହୋଇଛି। କାଲୁଆ ଠାକୁରାଣୀଙ୍କ ଦର୍ଶନ ପାଇଁ ପ୍ରତ୍ୟହ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିଲା। ଯଜ୍ଞ ପୂର୍ଣ୍ଣାହୁତିରେ ପ୍ରବଳ ଗହଳି ହୋଇଥିଲା। ଆରମ୍ଭରୁ ମନ୍ଦିର ବେଢ଼ାରେ ଅନ୍ନଯଜ୍ଞର ବ୍ୟବସ୍ଥା କରାଯାଇଥିଲା। ଚିକିଟି ଲୋକନାଥପୁର ଶାସନସ୍ଥ ଯଜ୍ଞ ବାଚସ୍ପତି ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନେକ ପୁରୋହିତ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟକ୍ରମ ସଂଯୋଜନା କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରତିବର୍ଷ ଆଶ୍ୱିନ ଅମାବାସ୍ୟାଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଗୋଷାଣୀ ନୂଆଗାଁରେ ମା' କାଲୁଆଙ୍କ ୧୫ ଦିନିଆ ଯାତ୍ରା ଅନୁଷ୍ଠିତ ହେଉଛି। ଦେବୀ ନିଜସ୍ୱ ମନ୍ଦିରରୁ ଗାଁ ଦାଣ୍ଡ ପୂଜା ମଣ୍ଡପରେ ବିଜେ କରନ୍ତି। ଆସିବା ଓ ଯିବା ଦିନ ଗାଁର ସବୁ ସାହି ବସ୍ତି ପରିକ୍ରମା କରିଥାନ୍ତି।

### କାର୍ ସହ ୫୦ କେଜି ଗଞ୍ଜେଇ ଜବତ

ବ୍ରହ୍ମପୁର ଅଫିସ,୨୯।୫-ଅବକାରୀ ଗୋଇନ୍ଦା ଡେପୁଟି କମିଶନର ଡ଼ମ୍ବୁରୁଧର ଖଣ୍ଡାଙ୍କ ନିର୍ଦ୍ଦେଶରେ ଏକ ଟିମ ସୋମବାର ଫାଷ୍ଟଗେଟ ଛକରେ ଗାଡ଼ି ଯାଞ୍ଚ କରିବା ବେଳେ ଗଞ୍ଜେଇ ଭର୍ତ୍ତି ଏକ କାର ଜବତ କରିଛି। ଗଞ୍ଜେଇ ଚାଲାଣକାରୀ ପୁରୀ ଅମଲା କ୍ଲବ ନିକଟ କଲେଜ ରୋଡର ହିମାଂଶୁ ବେହେରା(୨୮)ଙ୍କୁ କାବୁ କରାଯାଇଛି। ଜବତ କାର (ଓଡ଼ି -୦୨ଏଜେଡ଼ - ୮୨୦୧) ଭିତରୁ ୩ଟି ପ୍ୟାକେଟରେ ଥିବା ୫୦କେଜି ଗଞ୍ଜେଇ ମିଳିଛି। ହିମାଂଶୁ କନ୍ଧମାଳ ଜିଲାରୁ ଗଞ୍ଜେଇ ଆଣି ବ୍ରହ୍ମପୁରରୁ ପୁରୀ ଚାଲାଣ କରୁଥିଲେ ବୋଲି ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କୁବେର ସେଠୀ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ମାମଲା ନଂ.୯୬/୨୩-୨୪ରେ ସୋମବାର କୋର୍ଟ ଚାଲାଣ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଡେପୁଟି ସୁପିରଟେଣ୍ଡେଣ୍ଟ ସେଠୀଙ୍କ ନେତୃତ୍ୱରେ ଏସଆଇ ଅଜିତ କୁମାର ନାୟକ, କନେଷ୍ଟେବଲ କପିଳାଶ ଭତ୍ରା, କୁମୁଦ ପ୍ରଧାନ, ବଳରାମ ଜେନା, ସୁବ୍ରତ ବେହେରା, ସନ୍ତୋଷ ନାୟକ, ଭଗବାନ ହେମ୍ବ୍ରମ ପ୍ରମୁଖ ଗାଡ଼ି ଯାଞ୍ଚ କରିଥିଲେ।

### ସ୍ତ୍ରୀଙ୍କୁ ମାଡ ମାରି ସ୍ୱାମୀ ଗିରଫ

**ବୁଗୁଡ଼ା,୨୯।୫(ଡି.ଏନ.ଏ.):** ବୁଗୁଡ଼ା ଥାନା କରଚୁଲି ଗ୍ରାମରେ ସ୍ତ୍ରୀଙ୍କୁ ମାଡ ମାରିବା ଅଭିଯୋଗରେ ସ୍ୱାମୀଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ କୁନା ଡାକୁଆ (୪୧) । ଏ ନେଇ ବୁଗୁଡା ଥାନାରେ ନଂ.୩୫୨/୨୩ ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। କରଚୁଲି ଗ୍ରାମର କୁନା ତାଙ୍କ ସ୍ତ୍ରୀ ସୁଚିତ୍ରା ଡାକୁଆଙ୍କୁ ଗତ ରବିବାର ମାରଧର କରିବା ସହ ତଣ୍ଟି ଚିପି ମାରି ଦେବାକୁ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ୨ କନିଷ୍ଠଯନ୍ତ୍ରୀ, ସୁପରଭାଇଜର ଗିରଫ

**ବନ୍ଧକାମ ଟେଣ୍ଡର ଫାଇଲ୍ ପ୍ରୋସେସିଂ କରିବାକୁ ଲାଞ୍ଚ**


ଭିଜିଲାନ୍ସ ଜାଲରେ ପଡ଼ିଥିବା କ୍ଷୁଦ୍ର ଜଳସେଚନ ବିଭାଗ ୨ କନିଷ୍ଠ ଯନ୍ତ୍ରୀ ଓ ସୁପରଭାଇଜର।

ବ୍ରହ୍ମପୁର ଅଫିସ,୨୯।୫

ଗଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକରେ ଏକ ବନ୍ଧକାମ ଟେଣ୍ଡର ଫାଇଲ୍ ପ୍ରୋସେସିଂ ଏବଂ ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଏଗ୍ରିମେଣ୍ଟ କରିବାକୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କ୍ଷୁଦ୍ର ଜଳସେଚନ (ଏମ୍‌ଆଇ)ବିଭାଗର ୨ଜଣ କନିଷ୍ଠ ଯନ୍ତ୍ରୀ ଓ ଜଣେ ସୁପରଭାଇଜର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସେମାନେ ହେଲେ ଗଞ୍ଜାମ ବ୍ରହ୍ମପୁର ଡିଭିଜନ୍-୧ର କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ପାଢ଼ୀ, କୁକୁଡ଼ାଖଣ୍ଡି ବ୍ଲକ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ତଥା ଏଷ୍ଟିମେଟର ଧୀରେନ୍ଦ୍ର କୁମାର ପଣ୍ଡା ଓ ସୁପରଭାଇଜର ଅଜୟ ପାତ୍ର। ୩ ଅଭିଯୁକ୍ତଙ୍କୁ ଭିଜିଲାନ୍ସ ଟିମ ସୋମବାର ବ୍ରହ୍ମପୁର କାର୍ଯ୍ୟାଳୟରୁ ଗିରଫ କରିଛି।

କୁକୁଡ଼ାଖଣ୍ଡି ବ୍ଲକ ମନୋହରାରେ ବଡ଼ବନ୍ଧ(ପୋଖରୀ)ର ଉନ୍ନତୀମୂଳକ କାର୍ଯ୍ୟ କରିବାକୁ ଦିଗପହଣ୍ଡିର ଜଣେ ଠିକାଦାର ଟେଣ୍ଡର ନେଇଥିଲେ। ସେ ଏହି କାମର ଫାଇଲ୍ ପ୍ରୋସେସିଂ ସହ ଏଗ୍ରିମେଣ୍ଟ କରିବାକୁ ବ୍ରହ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗକୁ ଆସିଥିଲେ। ତେବେ ସୁପରଭାଇଜରଙ୍କ ସହ କନିଷ୍ଠ ଯନ୍ତ୍ରୀଦ୍ୱୟ ତାଙ୍କୁ ଏଥିପାଇଁ ଲାଞ୍ଚ ମାଗିଥିଲେ। ପ୍ରଥମେ ସୁପରଭାଇଜର ଅଜୟଙ୍କ ଆକାଉଣ୍ଟକୁ ଠିକାଦାର ଜଣକ ୧୪ହଜାର ଟଙ୍କା ପଠାଇଥିଲେ। ଆଉ ୧୦ହଜାର ଟଙ୍କା ଦେଲେ କାମ ହେବ ବୋଲି ସେ ଠିକାଦାରଙ୍କୁ କହିଥିଲେ। ଏ ସମ୍ପର୍କରେ ଠିକାଦାର ଜଣକ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ସୋମବାର ଯୋଜନା ମୁତାବକ ଠିକାଦାର ବ୍ରହ୍ମପୁର ଏମ୍‌ଆଇ କାର୍ଯ୍ୟାଳୟକୁ ଲାଞ୍ଚ ଟଙ୍କା ନେଇ ଯାଇଥିଲେ। କନିଷ୍ଠ ଯନ୍ତ୍ରୀ ପାଢ଼ୀଙ୍କୁ ସେ ଦେଖା କରିଥିଲେ। ପାଢ଼ୀ ତାଙ୍କ ନିକଟରେ ବ୍ଲକ ଦାୟିତ୍ୱରେ ଥିବା ଯନ୍ତ୍ରୀ ଧୀରେନ୍ଦ୍ର ପଣ୍ଡାଙ୍କୁ ଟଙ୍କା ଦେବାକୁ କହିଥିଲେ। ଠିକାଦାର ୧୦ହଜାର ଟଙ୍କା ନେଇ ଧୀରେନ୍ଦ୍ରଙ୍କୁ ଦେଇଥିଲେ। ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଚଢାଉ କରି ଟଙ୍କା ନେଇଥିବା ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେମାନଙ୍କ ଠାରୁ କେମିକାଲ ବୋଳା ଟଙ୍କା ଜବତ କରାଯାଇଛି। ଏଥିସହ ଗିରଫ ୩ ଅଭିଯୁକ୍ତଙ୍କ ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ଥିବା ଘରେ ଭିଜିଲାନ୍ସ ଟିମ ଚଢ଼ାଉ ଜାରି ରଖିଛି।

# ଲାଞ୍ଜିପଲ୍ଲୀ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ


ମା' ତାରାଦେବୀ


ଯାତ୍ରାର ଶେଷ ଦିନରେ ଭକ୍ତଙ୍କ ଭିଡ଼।

ବ୍ରହ୍ମପୁର ଅଫିସ,୨୯।୫

- ହଜାର ସଂଖ୍ୟାରେ ଘଟ, ବିଭିନ୍ନ ବାଦ୍ୟରେ କମ୍ପିଲା ଅଞ୍ଚଳ
- ପୁଣି ଦୁଇ ବର୍ଷ ଅପେକ୍ଷା

ଦୀର୍ଘ ୨୧ ଦିନ ଧରି ଚାଲିଥିବା ଲାଞ୍ଜିପଲ୍ଲୀର ମା' ତାରାଦେବୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି। ଲକ୍ଷାଧିକ ଭକ୍ତଙ୍କ ଗହଣରେ ମା' ମଧ୍ୟରାତିରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଉଦଯାପନୀ ଦିବସରେ ସମଗ୍ର ଲାଞ୍ଜିପଲ୍ଲୀ ଅଞ୍ଚଳ ବିଭିନ୍ନ ବାଦ୍ୟରେ ପ୍ରକମ୍ପିତ ହୋଇଥିଲା। ସକାଳେ ମା'ଙ୍କ ବେଶ, ଆଳତୀ ପରେ ବାଳଭୋଗ ହୋଇଥିଲା। ମଧ୍ୟାହ୍ନରେ ଦଧିଅନ୍ନ ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ୧୦୮ ଆଳତୀ ଅନୁଷ୍ଠିତ ହୋଇଥିଲା। ମା'ଙ୍କୁ ଦର୍ଶନ ନିମନ୍ତେ ବ୍ରହ୍ମପୁର ସହର ସମେତ ଜିଲାର ବିଭିନ୍ନ ସ୍ଥାନରୁ ଦିନତମାମ ଭକ୍ତଙ୍କ ସୁଅ ଛୁଟିଥିଲା। ଲକ୍ଷାଧିକ ଭକ୍ତଙ୍କ ଆଗମନ ଯୋଗୁ ପ୍ରବଳ ଭିଡ଼ ହୋଇଥିଲା। ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ନିମନ୍ତେ ପୂଜା କମିଟି ପକ୍ଷରୁ ୨୦୦ ସ୍ୱେଚ୍ଛାସେବୀ ଓ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଶେଷ ଦିନରେ ବି ମାନସିକ ଧାରୀଙ୍କ ବିଭିନ୍ନ ବେଶ ଦେଖିବାକୁ ମିଳିଥିଲା। ରାତି ପ୍ରାୟ ସାଢ଼େ ୧୦ଟାରେ କର୍ପୁର ଆଳତୀ ଅନୁଷ୍ଠିତ ହୋଇଥିଲା। ପରେ ମା'ଙ୍କ ଘଟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ନିମନ୍ତେ ପୂଜା ମଣ୍ଡପରୁ ବାହାରିଥିଲା। ଦେଶୀବେହେରା କୁନା ସାବତ ମା'ଙ୍କ ଘଟ ମୁଣ୍ଡାଇ ଥିଲେ। ବାପଘରୁ ମା' ମନ୍ଦିରକୁ ଫେରୁଥିବାରୁ ଦେଶୀ ବେହେରାଙ୍କ ପରିବାର ପକ୍ଷରୁ ଉଖୁଡ଼ା ଭାର ଓ ଝିଅକୁ ଦିଆଯାଉଥିବା ସମସ୍ତ ଜିନିଷ ଭାରସ୍ୱରୂପ ମା'ଙ୍କ ସହ ପଠାଯାଇଥିଲା। ମଧ୍ୟରାତିରେ ମା'ଙ୍କ ଘଟ ସହ ଲାଞ୍ଜିପଲ୍ଲୀ ଅଞ୍ଚଳର ହଜାର ହଜାର ସଂଖ୍ୟକ ମହିଳା ଘଟ ଧରି ଭାବବିହ୍ୱଳ ହୋଇ ମା'ଙ୍କୁ ମନ୍ଦିରରେ ଛାଡ଼ିବା ପାଇଁ ବାହାରିଥିଲେ। ଆଗେ ଆଗେ ବନଦୁର୍ଗା, ନବ ଦୁର୍ଗା,ବାଘ, ଷଣ୍ଢ,କଳାଘୋଡ଼ା,ପରଭା ନାଚ, ଢ଼ୋଲ, ମହୁରୀ, ତୁରୀ, ଘଣ୍ଟ ସ୍ଥଳ, ଚାଙ୍ଗୁବାଦ୍ୟ, ଅଷ୍ଟମାଳ, ଢ଼େଙ୍କାନାଳର ପ୍ରସିଦ୍ଧ ନଗାଡ଼ା ବାଦ୍ୟର ତାଳେ ତାଳେ ମା' ସରକାରୀ ସ୍କୁଲ ରାସ୍ତା, ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା, ଫାଣ୍ଡିରାସ୍ତା ସମେତ ସମଗ୍ର ଅଞ୍ଚଳ ପରିକ୍ରମା କରି ଦେଓବନ୍ଧ ନିକଟରେ ଥିବା ନିଜସ୍ୱ ମନ୍ଦିରରେ ମଙ୍ଗଳବାର ଭୋରରେ ପହଞ୍ଚିବେ।

# ଆମ୍ବେଡକରଙ୍କ ପୂର୍ଣ୍ଣାଙ୍ଗ ମୂର୍ତ୍ତି ସ୍ଥାପନ ଦାବି

ବ୍ରହ୍ମପୁର ଅଫିସ,୨୯।୫

ବ୍ରହ୍ମପୁର ମହାନଗର ମଧ୍ୟରେ ଭାରତର ସମ୍ବିଧାନ ପ୍ରଣେତା ବାବା ସାହେବ ଡା. ଭୀମରାଓ ଆମ୍ବେଡକରଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା ପାଇଁ ଆମ୍ବେଡକର ସାଂସ୍କୃତିକ ଯୁବକ ସଂଘ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ସୋମବାର ବ୍ରହ୍ମପୁର ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲେଖ ରହିଛି ଯେ, ଆସନ୍ତା ୬ ତାରିଖରେ ସଂଘ ପକ୍ଷରୁ ଆଇନ ସଚେତନତା,ସାହିଗୁଡିକରେ ରହୁଥିବା ଗରିବ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଯତ୍ନ, ଅସ୍ପୃଶ୍ୟତା ନିବାରଣ ଓ ସଚେତନତା ଉଦ୍ଦେଶ୍ୟରେ ଆମ୍ବେଡକର ରଥ ପରିକ୍ରମା ଏବଂ ସଚେତନତା ସଭା ଆୟୋଜନ ହେବ। ତେଣୁ ତାହା ପୂର୍ବରୁ ସହର ମଧ୍ୟରେ ଆମ୍ବେଡରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ପ୍ରଶାନ୍ତ କୁମାର ନାୟକ, ଉପସଭାପତି ବିଜୟ ଭାସ୍କର ବାଙ୍ଗାରୀ, ଡ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସଂପାଦକ ପଦ୍ମ ଚରଣ ନାୟକ, ସହ ସଂପାଦକ ସତ୍ୟ ନାରାୟଣ ତ୍ରିପାଠୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



# ଗଞ୍ଜାମରେ ଗ୍ରାମାଞ୍ଚଳ ଜଳ ଯୋଗାଣ ପାଇଁ ୧୫୦୯.୯୧ କୋଟି ମଞ୍ଜୁର

ବ୍ରହ୍ମପୁର ଅଫିସ,୨୯।୫

- ଉପକୃତ ହେବେ ୧୨ ବ୍ଲକର ୯ ଲକ୍ଷାଧିକ ବାସିନ୍ଦା
- ମୁଖ୍ୟମନ୍ତ୍ରୀଙ୍କୁ ଜିଲା ବିଜେଡିର କୃତଜ୍ଞତା


ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡିର ନେତାମାନେ।

ବିଜେଡି ସରକାରଙ୍କ ୫ମ ପାଳି ଶାସନର ୪ର୍ଥ ବର୍ଷ ସୋମବାର ପୂର୍ତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ରାଜ୍ୟ କ୍ୟାବିନେଟ ବୈଠକରେ ଗଞ୍ଜାମ ଜିଲାରେ ବୃହତ୍ତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ ୧୫୦୯.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ତେଣୁ ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରାଯାଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି ଗଞ୍ଜାମର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏବେ ଆଉ ଏକ ବୃହତ୍ତ ଯୋଜନା ଯୋଡ଼ାଯାଇଛି।

ଏହି ଯୋଜନା ଦ୍ୱାରା ଜିଲାର ୧୨ ବ୍ଲକ ଅଧିନ ୨୨୮ ଗ୍ରାମପଞ୍ଚାୟତ ଅନ୍ତର୍ଗତ ୭୨୦ ଗ୍ରାମର ବସବାସ କରୁଥିବା ୯ ଲକ୍ଷ ୯୨ ହଜାର ୩୬୮ ଜଣଙ୍କୁ ନିୟମିତ ବିଶୁଦ୍ଧ ପିଇବା ପାଣି ଯୋଗାଣ ହୋଇପାରିବ। ଏହାଦ୍ୱାରା କବିସୂର୍ଯ୍ୟନଗର, ଆସିକା, ସୋରଡ଼ା, ଧରାକୋଟ, ପୁରୁଷୋତ୍ତମପୁର, ପୋଲସରା, ଜଗନ୍ନାଥପ୍ରସାଦ, ଭଞ୍ଜନଗର, ବେଲଗୁଣ୍ଠା, ବୁଗୁଡ଼ା, ବେଗୁନିଆପଡ଼ା ଓ ଗଞ୍ଜାମ ବ୍ଲକର ଗ୍ରାମାଞ୍ଚଳ ବାସିନ୍ଦା ଉପକୃତ ହେବେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଐତିହାସିକ ହୋଇଥିବା ଚ୍ୟାଉ ପଟ୍ଟନାୟକ ସୂଚାଇଛନ୍ତି। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁଙ୍କ ସମେତ ବିକ୍ରମ ପଣ୍ଡା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ସୁବାସ ବେହେରା, ଲତିକା ପ୍ରଧାନ ପ୍ରମୁଖ ବିଧାୟିକା ଓ ବିଧାୟକ ଏବଂ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଉପସ୍ଥିତ ଥିଲେ। ବିଜେଡି ସଂଗଠନର କର୍ମକର୍ତ୍ତା ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com


@ ରବୀନ୍ଦ୍ର


@ ବିନୋଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ମଶାନରୁ ମହିଳାଙ୍କ ମୃତଦେହ ଜବତ ଘଟଣା, ସ୍ୱାମୀ ଗିରଫ


**ଅପମୃତ୍ୟୁ ମାମଲା ହତ୍ୟାରେ ରୂପାନ୍ତରିତ**

ବ୍ରହ୍ମପୁର ଅଫିସ ୨୯।୫

ନିମଖଣ୍ଡି ଥାନା ପୋଲିସ ଗତ ୨୬ ତାରିଖରେ ଜଗଦଳପୁର ଗ୍ରାମର ମହିଳା ଜି.ଲକ୍ଷ୍ମୀ ପାତ୍ରଙ୍କ ମୃତଦେହ ଶ୍ମଶାନରୁ ଜବତ କରିଥିଲା। ଏ ନେଇ ରୁଜୁ ହୋଇଥିବା ଅପମୃତ୍ୟୁ ମାମଲା ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ମାମଲାକୁ ରୂପାନ୍ତରିତ ହୋଇଛି। ଲକ୍ଷ୍ମୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ସ୍ପଷ୍ଟ ହେବା ପରେ ପୋଲିସ ୧୭୬/୨୩ ଦଫା ୩୦୨/୨୦୧ /୩୪ ଆଇପିସିରେ ଏକ ହତ୍ୟା ମାମଲା ରୁଜୁ କରିଛି। ଲକ୍ଷ୍ମୀଙ୍କ ସ୍ୱାମୀ ସୀମାଞ୍ଚଳ ପାତ୍ରଙ୍କୁ ଗିରଫ କରାଯାଇଛି। ତାଙ୍କୁ ଜେରା ବେଳେ ସେ ଘଟଣା ଦିନ ତାଙ୍କ ସ୍ତ୍ରୀଙ୍କ ବେକରେ ଚୁନି ଲଗାଇ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିଲେ ବୋଲି ଜଣାପଡ଼ିଛି। ଏପରିକି ହତ୍ୟାର ପ୍ରମାଣ ନଷ୍ଟ ପାଇଁ ଲକ୍ଷ୍ମୀଙ୍କ ବେକ ଓ ମୁହଁରେ ସିନ୍ଦୁର ଓ ହଳଦୀ ଲଗାଇ କିଛି ଲୋକଙ୍କ ସହାୟତାରେ ଲୁଚାଛପାରେ ଦାହ ପାଇଁ ଶ୍ମଶାନକୁ ନେଇଯାଇଥିଲେ ବୋଲି ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ମୃତଦେହ ଦାହ କରିବା ପାଇଁ ଶ୍ମଶାନକୁ ନେଇଥିବା ଲୋକଙ୍କୁ ପୋଲିସ ଥାନାକୁ ଡାକି ପଚରାଉଚରା କରିବ। ଏଥିରେ ଅନ୍ୟ ଯେଉଁମାନଙ୍କର ସମ୍ପୃକ୍ତି ଥିବ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସପି ଡା. ଶ୍ରବଣା ବିବେକ ଏମ. ସୂଚନା ଦେଇଛନ୍ତି। ମଙ୍ଗଳବାର ସୀମାଞ୍ଚଳଙ୍କୁ କୋର୍ଟ ଚାଲାଣ କରାଯିବ।

ସୀମାଞ୍ଚଳ ୧୯ ବର୍ଷ ତଳେ ଶ୍ରୀରଙ୍ଗରାଜ ଗ୍ରାମର ରଙ୍କ ପାତ୍ରଙ୍କ ଝିଅ ଲକ୍ଷ୍ମୀଙ୍କୁ ବିବାହ କରିଥିଲେ। ତାଙ୍କର ୧୭ବର୍ଷର ପୁଅ ଓ ୧୪ବର୍ଷର ଝିଅ ଅଛନ୍ତି। ଘଟଣା ଦିନ ଝିଅ ଟିଉସନ ଯାଇଥିବା ବେଳେ ପୁଅ କୌଣସି କାମରେ ବାହାରକୁ ଯାଇଥିଲେ। ଘରେ ସୀମାଞ୍ଚଳ ଓ ଲକ୍ଷ୍ମୀ ଥିଲେ। ଗତ ଶୁକ୍ରବାର ଲକ୍ଷ୍ମୀଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା କହି ସୀମାଞ୍ଚଳ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ଜରିଆରେ ମୃତଦେହ ଦାହ କରିବାକୁ ଶ୍ମଶାନକୁ ନେଇଥିଲେ। ଅନ୍ୟପଟେ ଲକ୍ଷ୍ମୀଙ୍କୁ ତାଙ୍କ ସ୍ୱାମୀ ପିଟି ପିଟି ହତ୍ୟା କରି ମୃତଦେହ ଦାହ କରିବାକୁ ନେଇଛନ୍ତି ବୋଲି ଖବର ମିଳିବାରୁ ପୋଲିସ ଜଗଦଳପୁର ଗାଁ ଶ୍ମଶାନକୁ ଯାଇଥିଲା। ସେଠାରେ ମହିଳାଙ୍କୁ ମୁଖାଗ୍ନି ଦିଆଯିବା ପୂର୍ବରୁ ମୃତଦେହ ଜବତ କରି ଆଣି ସଂରକ୍ଷଣ ଗୃହରେ ରଖିଥିଲା। ଶନିବାର ଲକ୍ଷ୍ମୀଙ୍କ ମୃତଦେହ ଜବତ କରି ନଂ.୧୫/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପରେ ତାହା ହତ୍ୟା ମାମଲାକୁ ରୂପାନ୍ତରିତ ହୋଇଛି।

# ପୋଲସରା ଏନ୍‌ଏସି କାଉନ୍‌ସିଲ ବୈଠକ


କାଉନସିଲ ବୈଠକ।

ପୋଲସରା,୨୯।୫

ପୋଲସରା ଏନଏସିର ଷଷ୍ଠ କାଉନସିଲ ବୈଠକ ସୋମବାର ଏନଏସି ଅଧକ୍ଷା ସଂଗୀତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ୱାର୍ଡ ପାଟିଗଡ଼, କଳମ୍ବ ସାହି, ରାଣୀପଡ଼ା, ଶାନ୍ତି ନଗର, ସତ୍ୟ ନଗର, ଶ୍ରୀରାମ ନଗର, କାଳୀମନ୍ଦିର, ବ୍ରାହ୍ମଣ ସାହି ସମେତ ପ୍ରମୁଖ ସାହିଗୁଡିକରେ ରାସ୍ତା ନିର୍ମାଣ ସାଙ୍ଗକୁ ପେଭର ବ୍ଲକ ରାସ୍ତା ନିର୍ମାଣ ଲାଗି କାଉନସିଲରମାନେ ପୂର୍ବରୁ ପ୍ରସ୍ତାବ ଦେଇଥିବା ଯନ୍ତ୍ରୀ ଚିତ୍ରସେନ ରେଡ୍ଡୀ ବୈଠକରେ ପ୍ରକାଶ କରିଥିଲେ। ଏହାବ୍ୟତୀତ ସହରରେ ଥିବା ୨୪ଟି ପୋଖରୀର ଡ୍ରୋନ ସର୍ଭେ କରି ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ସହରର ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ଲାଗି କୁହାଯାଇଥିଲା। ପ୍ରମୁଖ ୧୯ଟି ୱାର୍ଡରେ ଭତ୍ତା ପାଇବାକୁ ନେଇ ବିଭିନ୍ନ ସମସ୍ୟା ଥିବା ନେଇ ବୈଠକରେ ଅଭିଯୋଗ ଆସିଥିଲା । ତାହାର ସମାଧାନ ଉପରେ ଦୃଷ୍ଟି ଦିଆଯିବ ବୋଲି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୋଭନ କୁମାର ବେହେରା କହିଥିଲେ। ବିଭିନ୍ନ ୱାର୍ଡରେ ଥିବା ବିଭିନ୍ନ ସମସ୍ୟା ଥିବା ନେଇ କାଉନସିଲର ମାନେ ଅଭିଯୋଗ କରିଥିଲେ। ପରିମଳ ବିଭାଗର ସୁପରଭାଇଜର, ଇଲେକ୍ଟ୍ରିସିଆନ ମାନଙ୍କ ଦରମା ବୃଦ୍ଧି କରିବା ଲାଗି କାଉନସିଲ ବୈଠକରେ ଆଲୋଚନା ହୋଇଥିଲା। ଉପାଧ୍ୟକ୍ଷ ସନ୍ତୋଷ ବେହେରା, ଏମ୍‌ପି ପ୍ରତିନିଧି ମୋତିରାମ ସାହୁ, ବିଧାୟକ ପ୍ରତିନିଧି ପ୍ରଫୁଲ୍ଲ କୁମାର ପ୍ରଧାନ ସମେତ ଏନଏସିର ସମସ୍ତ କର୍ମଚାରୀ ଓ କାଉନସିଲର ମାନେ ଉପସ୍ଥିତ ଥିଲେ। ଏଥିସହିତ ଏନଏସି କାର୍ଯ୍ୟାଳୟ ପରିସରରେ ଥିଲେ ଦିଅ ନଥିଲେ ନିଅର ଏକ ସ୍ୱତନ୍ତ୍ର ଗୃହର ଉଦଘାଟନ ହୋଇଥିଲା।

# ବ୍ରହ୍ମପୁର ଭାଜପାରେ ବଢୁଛି ଗୋଷ୍ଠୀ କନ୍ଦଳ

ବ୍ରହ୍ମପୁର ଅଫିସ,୨୯।୫

- ଜିଲା ସଭାପତିଙ୍କୁ କାଳିମାଡ଼ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ
- ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗ ଆଣିଲେ କର୍ପୋରେଟର

ଗଞ୍ଜାମ ଜିଲା ଭାଜପାରେ ଗୋଷ୍ଠୀ କନ୍ଦଳ ବଢ଼ି ଚାଲିଛି। ଗତ ରବିବାର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବ୍ରହ୍ମପୁର ଗସ୍ତ ବେଳେ ରାତିରେ ଗୋଷାଣୀ ନୂଆଗାଁରେ ଏକ ଅପ୍ରୀତିକର ଘଟଣା ସାମ୍ନାକୁ ଆସିଥିଲା। ଦଳର ଜିଲା ସଭାପତି ବିଭୂତି ଭୂଷଣ ଜେନାଙ୍କୁ ବିରୋଧ କରି ଜଣେ ଯୁବକ କାଳିମାଡ଼ କରିଥିବା ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ତେବେ ଜିଲା ଭାଜପା ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଜଣେ ପୂର୍ବତନ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ରବିବାର ରାତିରେ ଜିଲା ସଭାପତିଙ୍କୁ ବିରୋଧ ପ୍ରଦର୍ଶନ କରୁଥିବା ବେଳେ ସ୍ଥାନୀୟ କର୍ପୋରେଟର ନୀଳକଣ୍ଠ ସାହୁ ଛଡ଼ାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ତାଙ୍କୁ ଜିଲା ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟ ବରିଷ୍ଠ ନେତାମାନେ ମାଡ଼ ମାରିଥିବା, ଏପରିକି ତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ଭାଜପାର ୨୭ନଂ ୱାର୍ଡ଼ କର୍ପୋରଟର୍ ନୀଳକଣ୍ଠ ସାହୁ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ତାଙ୍କୁ ସୁରକ୍ଷା ଦେବାପାଇଁ ପୋଲିସ ନିକଟରେ ସେ ନିବେଦନ କରିଛନ୍ତି। ତେବେ ସନ୍ଧ୍ୟା ସୁଦ୍ଧା ପୋଲିସ ଏ ନେଇ କୌଣସି ମାମଲା ରୁଜୁ କରିନାହିଁ। ଅନ୍ୟପକ୍ଷରେ ଗୋଷାଣି ନୂଆଗାଁର ପୂର୍ବତନ ଭାଜପା ଯୁବମୋର୍ଚ୍ଚା ସଭାପତି କିଷାନ କୁମାର ପଣ୍ଡା ମଧ୍ୟ ରବିବାର ରାତିରେ ଥାନାରେ ଏତଲା ଦେଇଛନ୍ତି। ରାଜ୍ୟ ସଭାପତିଙ୍କ ପଦଯାତ୍ରା ବେଳେ ସେ ମଧ୍ୟ ଦଳର କାର୍ଯ୍ୟକର୍ତ୍ତା ଭାବେ ଯୋଗ ଦେଇଥିଲେ। କିନ୍ତୁ ତାଙ୍କୁ ଅତର୍କିତ ଭାବେ ଦଳର କେତେଜଣ ବରିଷ୍ଠ ଓ ଯୁବ ନେତା ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ୧୪୯/୨୩ ରେ ଏକ ମାମଲା ରୁଜୁ କରିଛି। ଏସବୁ ଘଟଣାରୁ ଜିଲା ଭାଜପା ମଧ୍ୟରେ ଲାଗିରହିଥିବା ଗୋଷ୍ଠୀକନ୍ଦଳ ଏବେ ସାମ୍ନାକୁ ଆସିଛି। ଏନେଇ ଭାଜପା ଜିଲା ସଭାପତି ବିଭୂତି ଜେନା କହିଛନ୍ତି ଯେ, ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ହୋଇଛି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଯୋଗ୍ୟ, ବ୍ରହ୍ମପୁର ଭାଜପାରେ ଗତ ପୌର ନିର୍ବାଚନ ପରଠାରୁ ଗୋଷ୍ଠୀ କନ୍ଦଳ ଚାଲିଛି। ବିଭିନ୍ନ ସମୟରେ ହେଉଥିବା ଦଳର ବୈଠକରେ ମେୟର ପ୍ରାର୍ଥିନୀ ସବିତା ସୁଆର, ନୀଳକଣ୍ଠ ପ୍ରମୁଖ ଦୂରେଇ ରହୁଛନ୍ତି। ଜିଲା ସଭାପତି ଜେନାଙ୍କୁ ହଟାଇବା ପାଇଁ ରାଜ୍ୟ ସଭାପତିଙ୍କୁ ନୀଳକଣ୍ଠ ସ୍ମାରକପତ୍ର ଦେଇଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ମନମୋହନ ଗୁରୁତ୍ୱ ଦେଇଛନ୍ତି। ଘଟଣାର ମାଷ୍ଟର ମାଇଣ୍ଡ କିଏ ତାହା ତଦନ୍ତ କରି ଦୁଇ ଦିନ ଭିତରେ ରିପୋର୍ଟ ଦାଖଲ କରିବାକୁ ସେ ବରିଷ୍ଠ ନେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆକୃଷ୍ଟ କରାଉଛି ଆକର୍ଷଣୀୟ ଅଫର

■ଜୁନ୍ ୪ ପର୍ଯ୍ୟନ୍ତ ଜାରି ରହିବ ମେଳା

■୧୧ ଦିନରେ ଗ୍ଲୋବାଲ ବିଜ୍‌ନେସ କାର୍ନିଭାଲ




**ଭୁବନେଶ୍ୱର,୨୯।୫**

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱର ଜନତା ମଇଦାନ ଠାରେ ୮ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ସାଙ୍ଗକୁ ଗ୍ଲୋବାଲ ବିଜନେସ୍ କାର୍ନିଭାଲ ଆୟୋଜିତ ହେଉଛି। ଉଲ୍ଲେଖଯୋଗ୍ୟ ୨୦୨୩ ମେ ୧୯ରୁ ୨୯ ପର୍ଯ୍ୟନ୍ତ ଉକ୍ତ ମେଳାର ଆୟୋଜନ ହୋଇଥିବା ବେଳେ ବର୍ତ୍ତମାନ ସମୟର ପାଗ ଓ ଗ୍ରାହକଙ୍କ ଚାହିଦା ଏବଂ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆୟୋଜକଙ୍କ ପକ୍ଷରୁ ଉକ୍ତ ମେଳା ଆଉ ୬ ଦିନ ବଢାଇ ଦିଆଯାଇଛି। ଫଳରେ ଉକ୍ତ ମେଳା ମେ ୨୯ ପରିବର୍ତ୍ତେ ଜୁନ୍ ୪ ତାରିଖ ଦିନ ଶେଷ ହେବ ବୋଲି ଆୟୋଜକ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ସୁଜିତ ଗୁପ୍ତା ଓ ନିର୍ଦ୍ଦେଶିକା ପାୟଲ ଗୁପ୍ତା ଆଚାର୍ଯ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ବିଶେଷ କରି ଗୋଟିଏ ସ୍ଥାନରେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସାମଗ୍ରୀ ସାଙ୍ଗକୁ ସ୍ୱଦେଶୀ ସାମଗ୍ରୀ ମଧ୍ୟ ଉପଲବ୍ଧ ହେଉଥିବାରୁ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ରହୁଛି। ଏପରିକି ସବୁ ବର୍ଗର ଗ୍ରାହକ ମେଳାରେ କିଣାକିଣି ଓ ମନୋରଞ୍ଜନ ସହିତ ଭଳିକି ଭଳି ଖାଦ୍ୟର ମଧ୍ୟ ମଜା ଉଠାଉଛନ୍ତି।

ଅପରପକ୍ଷରେ ମେଳା ପରିସରରେ ମୋଟ ୧୩ଟି ଏସି ହ୍ୟାଙ୍ଗର ଉପଲବ୍ଧ ରହିଛି। ପ୍ରତି ହ୍ୟାଙ୍ଗରରେ ଉଭୟ ଓ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବ୍ୟବସାୟୀ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷ କରି ବାଂଲାଦେଶୀ ଶାଢ଼ି, ଦୁବାଇ ସୁଟ, ଥାଇଲାଣ୍ଡ କୁର୍ତ୍ତି ଓ ମହିଳା ଉପାଦାନ ସହ ଆଫଗାନିସ୍ତାନର ଶୁଦ୍ଧ ଓ ବିଭିନ୍ନ ପ୍ରକାରର ଡ୍ରାଏ ଫ୍ରୁଡ୍‌ସ ଓ କେରଳର ବାନାନା ଚିପ୍ସ, ଇରାନି କାର୍ପେଟ ଏବଂ ଡିଜାଇନର ଲାଇଟ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ସେହିଭଳି ମାଲେସିଆର ଜଳ ଫୁଆରା ସମେତ ବିଭିନ୍ନ ପ୍ରକାରର ଘର ସାଜସଜ୍ଜା ଓ ଆସବା ପତ୍ରର ବିସ୍ତୃତ ଚାହିଦା ସାଙ୍ଗକୁ ହାଇଦ୍ରାବାଦର ଫ୍ୟାନ୍ସି ଫର୍ନିଚର ଓ କୋଲକାତାର ସୋଫା-ବେଡର ଆକର୍ଷଣୀୟ ଡିଜାଇନ ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସୁଛି। ଏପରିକି ଆସାମରୁ ଆସିଥିବା ଡିଜାଇନର ବାମ୍ବୁ କ୍ରକରୀ ଓଜନରେ ବିକ୍ରି ହେଉଥିବାରୁ ଗ୍ରାହକମାନେ କାମ ଦାମରେ ଅଧିକ ସାମଗ୍ରୀ ପାଇପାରୁଛନ୍ତି। ସେହିପରି ରାଜସ୍ଥାନରୁ ଆସିଥିବା ଡିଜାଇନର ଓ ଫ୍ୟାନ୍ସି ଗାର୍ମେଣ୍ଟ, ଦିଲ୍ଲୀ ଓ ପଞ୍ଜାବର ସର୍ବପୁରାତନ ସାମଗ୍ରୀର ସମ୍ଭାର ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଛି, ଭାଗଲପୁର୍, ହରିୟାଣା, କେରଳର ବିଭିନ୍ନ ଆସବାବପତ୍ରଗୁଡ଼ିକ ମେଳାର ଭିଡକୁ ଦ୍ୱିଗୁଣିତ କରାଉଛି।

ସୂଚନାଯୋଗ୍ୟ, ଉକ୍ତ ମେଳା ପରିସରରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ଓଡ଼ିଆ ଚଳଚ୍ଚିତ୍ରର ପ୍ରୋମୋସନ କରାଯାଉଛି। ବିଶେଷ କରି ରିଲିଜ ହେବାକୁ ଥିବା ବା ନିକଟରେ ରିଲିଜ ହୋଇଥିବା ଓଡ଼ିଆ ସିନେମାର କଳାକାରମାନଙ୍କୁ ନେଇ ଉକ୍ତ ମଞ୍ଚରେ ସମ୍ପୃକ୍ତ ସିନେମାର ପ୍ରଚାର ପ୍ରସାର କରାଯାଉଛି। ମେଳାର ୧୦ମ ସନ୍ଧ୍ୟାରେ ଜିତେଶ ପରିଡ଼ାଙ୍କ ନିର୍ଦ୍ଦେଶନାରେ ନିର୍ଦ୍ଦେଶିତ ଟି-ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

# ବହୁବିଧ ବିଶ୍ୱବିଦ୍ୟାଳୟ ଭାବେ ସୋଆ ସମ୍ମାନିତ



**ଭୁବନେଶ୍ୱର,୨୯।୫**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଶନିବାର ଏଜୁକେଶନ୍ ୱାର୍ଲ୍ଡ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ସୋଆକୁ 'ବହୁବିଧ ବିଶ୍ୱବିଦ୍ୟାଳୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ବିଶେଷ କରି ଏଜୁକେଶନ୍ ୱାର୍ଲ୍ଡ ପକ୍ଷରୁ ପ୍ରଦାନ କରାଯାଇଥିବା ଉକ୍ତ ସମ୍ମାନ ଏବଂ ତଥ୍ୟ ଅନୁଯାୟୀ ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଏକ ନମ୍ବର ଏବଂ ଦେଶର ୧୪ ତମ ସ୍ଥାନରେ ସ୍ଥାନିତ ହୋଇଛି। ସେହିଭଳି ସୋଆକୁ 'ଏଗ୍‌ଜେମ୍‌ପ୍ଲାରୀ ରିସର୍ଚ୍ଚର ଅଫ୍ ଦ ଇୟର୍' (ଚଳିତ ବର୍ଷର ଉଦାହରଣାତ୍ମକ ଗବେଷକ) ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି। ଏପରିକି ଗବେଷଣା କ୍ଷେତ୍ରରେ ସୋଆ ଓଡ଼ିଶାରେ ପ୍ରଥମ ଓ ଦେଶରେ ଚତୁର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ପ୍ରୀତମ ନାୟକ ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଜୁକେଶନ୍ ୱାର୍ଲ୍ଡର ପ୍ରକାଶକ ଓ ସମ୍ପାଦକ ଦିଲ୍ଲୀପ ଠାକୋରଙ୍କଠାରୁ ଉକ୍ତ ସମ୍ମାନ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆସୋସିଏଶନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍‌ର ଡେପୁଟି ଡାଇରେକ୍ଟର (ଇଭାଲୁଏଶନ୍) କୁଲଦୀପ ଡଗର ଏବଂ ଆଫେୟାର୍ସ ଏଗ୍‌ଜିଭିଶନ୍ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ବୋଲିଆ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫୦ କୋଟିର ଟିପିଭି ପ୍ରକ୍ରିୟାକରଣ

**ଭୁବନେଶ୍ୱର,୨୯।୫**

ଦେଶର ପ୍ରମୁଖ ଆର୍ଥିକ ସେବା ପ୍ରଦାନକାରୀ ଡିଜିଟାଲ ପ୍ଲାଟଫର୍ମ ଫୋନ୍‌ପେ ନିକଟରେ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଥିବା ଜଣାପଡିଛି। ବିଶେଷକରି ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ ସହ ଦୁଇ ଲକ୍ଷ ରୂପେ କ୍ରେଡିଟ କାର୍ଡକୁ ସଫଳତାର ସହ ସଂଯୋଗ କରିବାରେ ଫୋନ୍‌ପେ ପ୍ରଥମ ଡିଜିଟାଲ ପେମେଣ୍ଟ ଆପ୍‌ରେ ପରିଣତ ହୋଇଛି। ସେହିଭଳି ଫୋନ୍‌ପେ ୟୁପିଆଇ ଜରିଆରେ ରୁପେ କ୍ରେଡିଟ ମାଧ୍ୟମରେ ୧୫୦ କୋଟି ଟଙ୍କାର ମୋଟ୍ ପେମେଣ୍ଟ ମୂଲ୍ୟ (ଟିପିଭି) ମଧ୍ୟ ପ୍ରକ୍ରିୟାକରଣ କରିଛି। ଏପରିକି ଏନପିସିଆଇ ସହଭାଗିତାରେ ଫୋନ୍‌ପେ ୟୁପିଆଇରେ ରୁପେ କ୍ରେଡିଟ ପାଇଁ ବ୍ୟାପକ ଶ୍ରେଣୀର ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଫୋନ୍‌ପେର ଉପାଧ୍ୟକ୍ଷ (ଉପଭୋକ୍ତା ପ୍ଲାଟଫର୍ମ ଏବଂ ପେମେଣ୍ଟ୍‌ସ) ସୋନିକା ଚନ୍ଦ୍ରା କହିଛନ୍ତି, ଆମେ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ (ଏନପିସିଆଇ) ସହିତ ସହଭାଗିତା କରି ଏକ ବିରଳ ରେକର୍ଡର ଅଧିକାରୀ ହୋଇପାରିଛୁ। ଏପରିକି ୟୁପିଆଇ ଜରିଆରେ ୨ଲକ୍ଷ ରୁପେ କ୍ରେଡିଟ କାର୍ଡ ସଂଯୋଗ କରିବାରେ ପ୍ରଥମ ପେମେଣ୍ଟ ଆପ୍ ହୋଇଥିବାରୁ ବେଶ ଉତ୍ସାହୀ ମଧ୍ୟ ଅଛୁ। ସେହିଭଳି ଆମର ବିଶ୍ୱାସ ରହିଛି ଯେ ୟୁପିଆଇ ଜରିଆରେ ରୁପେ କାର୍ଡ ଏହି ଇକୋସିଷ୍ଟମରେ କ୍ରେଡିଟର ଉପଲବ୍ଧତା ଏବଂ ବ୍ୟବହାରରେ ପରିବର୍ତ୍ତନ ଆଣିବ। ଏପରିକି ଆମେ ବ୍ୟାପକ ସମାଧାନ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ମଧ୍ୟ ରହିଛୁ, ଯାହା ଆମର ଗ୍ରାହକ ଏବଂ ବ୍ୟବସାୟୀମାନଙ୍କର ପରିବର୍ତ୍ତିତ ଆବଶ୍ୟକତାଗୁଡ଼ିକୁ ପୂରଣ କରିବ।

# ଆଜିଓର 'ବିଗ୍ ବୋଲ୍ଡ ସେଲ୍'

**ଭୁବନେଶ୍ୱର,୨୯।୫**




ଦେଶର ପ୍ରମୁଖ ଇ-କମର୍ସ ତଥା ପ୍ରିମିୟର ଫେଶନ ଇ-ଟେଲର ଆଜିଓ ପକ୍ଷରୁ ବ୍ରାଣ୍ଡର ଫ୍ଲାଗଶିପ୍ ଇଭେଣ୍ଟ 'ବିଗ୍ ବୋଲ୍ଡ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେଲ ୨୦୨୩ ଜୁନ୍ ୧ରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ଆରମ୍ଭ ହେଉଛି। ବିଶେଷ କରି ଏହାର ଗ୍ରାହକମାନେ ପ୍ରତିଦିନ ୬ ଘଣ୍ଟା ପୂର୍ବରୁ ପ୍ରାରମ୍ଭିକ ଆକ୍ସେସର ସୁବିଧା ପାଇପାରିବେ, ଯାହାକି ୨୦୨୩ ମେ ୨୮ ଠାରୁ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ବିଗ୍ ବୋଲ୍ଡ ସେଲ୍ (ବିବିଏସ)ର ସର୍ବବୃହତ ସଂସ୍କରଣରେ ଗ୍ରାହକମାନେ ୫୦୦୦ରୁ ଅଧିକ ବ୍ରାଣ୍ଡର ସାମଗ୍ରୀ ସୁଲଭ ମୂଲ୍ୟରେ କିଣାକିଣି କରିପାରିବେ। ସେହିଭଳି ଉକ୍ତ ସେଲ ଜରିଆରେ ୧.୩ ମିଲିୟନ୍‌ର ଆକର୍ଷଣୀୟ ଫେଶନ ଷ୍ଟାଇଲ ଉପଲବ୍ଧ। ଅପରପକ୍ଷରେ ସାରା ଭାରତରେ ଥିବା ବିବିଏସର ୧୯,୦୦୦+ ପିନ୍ କୋଡ୍‌ର ଗ୍ରାହକମାନଙ୍କୁ ଉକ୍ତ ସୁବିଧା ବ୍ରାଣ୍ଡ୍ ଯୋଗାଇ ଦେବ। ଫଳରେ ଗ୍ରାହକମାନେ ମଧ୍ୟ ଏଥିରେ ଅଧିକ ସଞ୍ଚୟ କରିପାରିବେ ଓ ଟପ୍ ବ୍ରାଣ୍ଡ୍ ଓ ବର୍ଗ ଉପରେ ୫୦ରୁ ୯୦% ପର୍ଯ୍ୟନ୍ତ ରିହାତି ମଧ୍ୟ ପାଇପାରିବେ। ଯେଉଁଥିରେ ମଧ୍ୟ ଏସବିଆଇ କ୍ରେଡିଟ୍ ଓ ଡେବିଟ୍‌କାର୍ଡ଼ରେ ୧୦%ର ଅତିରିକ୍ତ ଡିସ୍‌କାଉଣ୍ଟ ସୁବିଧା ରହିଛି।

ଏ ସମ୍ପର୍କରେ ଆଜିଓର ସିଇଓ ବିନୀତ ନାୟାର କହିଛନ୍ତି, ଗତସଂସ୍କରଣଗୁଡ଼ିକରେ ଆଜିଓ ବିଗ୍ ବୋଲ୍ଡ ସେଲ୍ ଭାରତର ପ୍ରିୟ ଫେଶନ କାର୍ଯ୍ୟକ୍ରମ ଓ ଆମର ଗ୍ରାହକମାନେ ଏହାକୁ ବହୁତ ପସନ୍ଦ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ।

# ଅଣ କାର୍ଯ୍ୟକାରୀ ସମ୍ପତ୍ତି ପରିଚାଳନାରେ ବିଓଏମ୍ ସର୍ବୋତ୍ତମ

**ଭୁବନେଶ୍ୱର,୨୯।୫**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) କ୍ରମାଗତ ଭାବେ ଅଣକାର୍ଯ୍ୟକାରୀ ସମ୍ପତ୍ତି ପରିଚାଳନା କ୍ଷେତ୍ରରେ ସର୍ବୋତ୍ତମ ସ୍ଥାନ ହାସଲ କରିଛି, ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କର ଏନ୍‌ପିଏ ୦.୨୫% ହ୍ରାସ ପାଇବା ସହ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ବିଓଏମ୍ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ପରିଗଣିତ ହୋଇଛି। ସେହିଭଳି ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ବାର୍ଷିକ ସଂଖ୍ୟା ଅନୁଯାୟୀ କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ନୁହେଁ, ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଥିବା ସମସ୍ତ ବ୍ୟାଙ୍କ ମଧ୍ୟରେ ବିଓଏମ ସର୍ବନିମ୍ନ ଅନୁପାତ ଅଟେ। ବିଶେଷ କରି ବିଓଏମ୍‌ର ପ୍ରୋଭିଜନ କଭରେଜ ଅନୁପାତ ୯୮.୨୮% ରହିଛି। ଫଳରେ ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର ୧୮.୧୪% ରହିଥିବା ବେଳେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ବିଓଏମ ସର୍ବାଧିକ ସ୍ତରରେ ରହିଛି। ଅପରପକ୍ଷରେ ବ୍ୟାଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଋଣ ଅଭିବୃଦ୍ଧି ଦୃଷ୍ଟିରୁ ବାର୍ଷିକ ୨୯.୪୯% ବୃଦ୍ଧି ରେକର୍ଡ କରି ବ୍ୟବସାୟିକ ବ୍ୟାଙ୍କଗୁଡିକ ମଧ୍ୟରେ ବିଓଏମ ଶୀର୍ଷ ସ୍ଥାନ ବଜାୟ ରଖିଛି। ଏପରିକି ସ୍ୱଳ୍ପ ମୂଲ୍ୟର ସଞ୍ଚୟ ଆକାଉଣ୍ଟ ଏବଂ ଚଳନ୍ତି ଆକାଉଣ୍ଟ (କାସା) କ୍ଷେତ୍ରରେ ମଧ୍ୟ ବିଓଏମ ୫୩.୩୮% ଅଭିବୃଦ୍ଧି ସହିତ ଶୀର୍ଷରେ ରହିଛି।

ଫୁର୍‌ସତ୍

# ମାଉଣ୍ଟ ଏଭରେଷ୍ଟ ଏବେ ଅଳିଆରେ ଭର୍ତ୍ତି

**ନୂଆଦିଲ୍ଲୀ**



ବରଫ ଚଦରରେ ଆଚ୍ଛାଦିତ ବିଶ୍ୱର ସବୁଠୁ ଉଚ୍ଚ ପର୍ବତ, ତାହା ବର୍ତ୍ତମାନ ଅଳିଆରେ ଭର୍ତ୍ତି ହେଉଛି। ଯେଉଁଠାରେ ଦେଖିବ କେବଳ ଅଳିଆ ହିଁ ଅଳିଆ ଦେଖିବାକୁ ମିଳିବ। ନଷ୍ଟ କ୍ୟାମ୍ପ, ଖାଲି ଅମ୍ଳଜାନ ସିଲିଣ୍ଡର, ଫୁଡ୍ କଣ୍ଟେନର ଆଦି ପର୍ବତରେ ପଡ଼ିଥିବା ଦେଖିବାକୁ ମିଳୁଛି। ୭୦ ବର୍ଷ ପୂର୍ବରୁ ମେ ୨୯ରେ ତେନଜିଂ ନୋର୍ଗେ ଏବଂ ଏଡ୍‌ମଣ୍ଡ ହିଲାରି ପ୍ରଥମ ଭାବେ ବିଶ୍ୱର ସବୁଠାରୁ ଉଚ୍ଚ ପର୍ବତ ମାଉଣ୍ଟ ଏଭରେଷ୍ଟ ଶିଖରରେ ପହଞ୍ଚି ଇତିହାସ ରଚିଥିଲେ। ଏହା ପରଠାରୁ ପ୍ରତିବର୍ଷ ଅନେକ ଲୋକ ଏଭରେଷ୍ଟ ଚଢୁଛନ୍ତି। ହେଲେ ସେମାନେ ପରିବେଶ ପ୍ରତି ବିଲ୍‌କୁଲ ସତର୍କ ନୁହନ୍ତି। ନ୍ୟାଶନାଲ ଜିଓଗ୍ରାଫିକ୍ ରିପୋର୍ଟ ଅନୁସାରେ, ସମୁଦ୍ର ପତ୍ତନଠାରୁ ୮୮୪୮.୮୬ ମିଟର ଉଚ୍ଚତାରେ ଥିବା ଏଭରେଷ୍ଟକୁ ଯାଉଥିବା ପ୍ରତ୍ୟେକ ପର୍ବତାରୋହୀ ସେଠାରେ ୮ କିଲୋ ଅଳିଆ ଉତ୍ପନ କରୁଛନ୍ତି। ଅଳିଆକୁ ସେଠାରୁ ହଟାଇବା ମଧ୍ୟ କଷ୍ଟକର। ଏଭରେଷ୍ଟ ବାବଦରେ ବିଶ୍ୱକୁ ଖବର ଦେଉଥିବା ଟୁଇଟର ଆକାଉଣ୍ଟ ରବିବାର ଏକ ଭିଡିଓ ପୋଷ୍ଟ କରିଛି; ଯାହାକି ବେଶ୍ ଭାଇରାଲ ହେଉଛି। ଯେଉଁଠାରେ ପର୍ବତାରୋହୀ ବ୍ୟବହୃତ କରିଥିବା ଜିନିଷ ଅଳିଆ ଭାବେ ପଡ଼ିଥିବା ଦେଖିବାକୁ ମିଳିଛି। କ୍ୟାପ୍ସନରେ ଲେଖାଯାଇଛି, ମଣିଷ ଯେତେ ଉଚ୍ଚକୁ ଅଧିକାର କରିଥିଲେ ମଧ୍ୟ ପ୍ରକୃତି ପ୍ରତି ନିଜ ଆଚରଣ ଓ କରୁଣା ଦୃଷ୍ଟିରୁ ବହୁତ ତଳେ ରହିଛି। ପାହାଡ଼ ହେଉ କି ଜଙ୍ଗଲ, ନଦୀ ଆମେ ପ୍ରକୃତିକୁ ନଷ୍ଟ କରିବାକୁ କିଛି ମୌକା ଛାଡୁନାହୁଁ। ଏହି ଭିଡିଓରେ ଲୋକେ ବିଭିନ୍ନ କମେଣ୍ଟ କରିଛନ୍ତି। ଜଣେ ଲେଖିଛନ୍ତି, ସ୍ୱଚ୍ଛତା ଅଭିଯାନକୁ ପର୍ବତାରୋହୀ ତାଙ୍କର ଏହି ଅଭିଯାନର ଅଂଶ ଭାବେ ଗ୍ରହଣ କରନ୍ତୁ, ନଚେତ୍ ସମସ୍ତଙ୍କୁ ଏହା ଉପରକୁ ଯିବାରୁ ବାରଣ କରାଯାଉ।

# ବର୍ଷକୁ ମାତ୍ର ଗୋଟିଏ ଫିଲ୍ମ କରିବେ ଅନୁଷ୍କା

ମୁମ୍ବାଇ: ଦୀର୍ଘ ସମୟ ହେବ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ବଡ଼ ପରଦାରୁ ଦୂରେଇ ରହିଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'କଲା'ରେ ଦେଖିବାକୁ ମିଳିଥିଲା। ୪ ବର୍ଷ ପରେ ଏବେ ସେ ପୂର୍ବତନ ଭାରତୀୟ ମହିଳା କ୍ରିକେଟର ଝୁଲଣ ଗୋସ୍ୱାମୀଙ୍କ ବାୟୋପିକ୍ ମୁଭି 'ଚକଦା ଏକ୍ସପ୍ରେସ୍' ଜରିଆରେ ପୁଣି ବଡ଼ ପରଦାକୁ ଫେରୁଛନ୍ତି। ଯାହା ଚଳିତବର୍ଷ ଡିସେମ୍ବର ୧୬ ତାରିଖରେ ରିଲିଜ୍ ହେବ। ଏହା ମଧ୍ୟରେ ଅଭିନେତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି; ଯେଉଁଥିପାଇଁ ତାଙ୍କ ପ୍ରଶଂସକ ନିରାଶ ହୋଇଛନ୍ତି। ସେ କହିଛନ୍ତି, ସେ ବର୍ତ୍ତମାନ ବର୍ଷକରେ ଗୋଟିଏ ଫିଲ୍ମ କରିବେ। କାରଣ ସେ ତାଙ୍କ ଅଭିନୟ କ୍ୟାରିୟର ସହ ଝିଅ ଭାମିକାର ଧ୍ୟାନ ରଖିବାକୁ ଚାହୁଁଛନ୍ତି। ସେ ଅଭିନୟକୁ ଉପଭୋଗ କରନ୍ତି କିନ୍ତୁ ଅଧିକ ଫିଲ୍ମ କରିବାକୁ ଚାହାନ୍ତିନି। ବର୍ଷକୁ ମାତ୍ର ଗୋଟିଏ ଫିଲ୍ମ ସହ ଜୀବନକୁ ବାଲାନ୍ସ କରି ପରିବାରକୁ ସମୟ ଦେବାକୁ ଚାହୁଁଛନ୍ତି। ତାଙ୍କର ଏହି ନିଷ୍ପତ୍ତିରେ ସେ ଖୁସି ଥିବା କହିଛନ୍ତି। ସେ ଏପରି କି କାମ କରିବାକୁ ଚାହାନ୍ତି, ଯାହା ତାଙ୍କୁ ଖୁସି ଦେବ।



# ଭାରତର ପ୍ରଥମ ମହିଳା କୁସ୍ତିଯୋଦ୍ଧା କବିତାଙ୍କ ଉପରେ ବାୟୋପିକ୍

**ଚଣ୍ଡିଗଡ଼**


କବିତା ଦେବୀ

ଭାରତର ପ୍ରଥମ ମହିଳା କୁସ୍ତିଯୋଦ୍ଧା ଭାବେ କବିତା ଦେବୀ ନିଜ ରେସଲିଂ ବଳରେ ଦେଶ ପାଇଁ ଗୌରବ ଆଣିଛନ୍ତି। ହରିୟାଣାର ଜିନ୍ଦ ଜିଲାର ଛୋଟ ଗାଁ ମାଲଭିରେ ଜନ୍ମ ନେଇଥିବା କବିତା ଡବ୍ଲ୍ୟୁଡବ୍ଲ୍ୟୁଇରେ ପ୍ରଥମ ଭାରତୀୟ ମହିଳା କୁସ୍ତିଯୋଦ୍ଧା ଭାବେ ଅଂଶଗ୍ରହଣ କରିଥିଲେ। ଖୁବ୍‌ଶୀଘ୍ର ତାଙ୍କ ଉପରେ ଏକ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ପ୍ରଯୋଜକ ପ୍ରୀତି ଅଗ୍ରୱାଲ ଏହି ଚଳଚ୍ଚିତ୍ର ପାଇଁ କବିତାଙ୍କ ଜୀବନ ସହ ଜଡିତ ରାଇଟ୍‌ସକୁ ଆଣିଛନ୍ତି। କବିତାଙ୍କ ସଂଗ୍ରାମରୁ ସଫଳତାର ଯାତ୍ରାକୁ ପ୍ରୀତି ମୁଭିରେ ଦେଖାଇବାକୁ ଚେଷ୍ଟା କରିବେ। ଭାରତୀୟ କୁସ୍ତିଯୋଦ୍ଧା ଦି ଗ୍ରେଟ୍ ଖଲି ଓ ସହ କବିତାଙ୍କ ମଧ୍ୟରେ ଏକ ବିଶେଷ ସମ୍ପର୍କ ରହିଛି। ଖଲିଙ୍କଠାରୁ କବିତା ଏକ ସମୟରେ ତାଲିମ ନେଇଥିଲେ। ଡବ୍ଲ୍ୟୁଡବ୍ଲ୍ୟୁଇ ଖେଳିବା ପୂର୍ବରୁ କବିତା ଏବଂ ହାର୍ଡ କେଡି ସ୍ୱାଧୀନ ଭାବେ କୁସ୍ତି ଲଢୁଥିଲେ। ଚଳଚ୍ଚିତ୍ରରେ ଜିଶାନ ଅହମ୍ମଦ ସହ ପ୍ରଯୋଜନା କରୁଛନ୍ତି। ଏହି ଫିଲ୍ମ ବାବଦରେ ପ୍ରୀତି କହିଛନ୍ତି, କବିତା ଦେବୀଙ୍କ ପୂରା ଜୀବନ ଅତ୍ୟନ୍ତ ପ୍ରେରଣାଦାୟୀ। ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଲଢିବା କ୍ଷମତା ରଖିଥିଲେ। ସେ କେବେ ହାର୍ ମାନି ନ ଥିଲେ। ଡବ୍ଲ୍ୟୁଡବ୍ଲ୍ୟୁଇ ପୂର୍ବରୁ କେବଳ ପୁରୁଷ ଖେଳୁଥିବାବେଳେ ପରେ ମହିଳାଙ୍କ ଯୋଗଦାନ ହୋଇଥିଲା। ହେଲେ ଭାରତରୁ କେହି କୁସ୍ତିଯୋଦ୍ଧା ଏଥିରେ ନ ଥିଲେ। ସେତେବେଳେ ପ୍ରଥମ ମହିଳା ଭାବେ କବିତା ଡବ୍ଲ୍ୟୁଡବ୍ଲ୍ୟୁଇକୁ ଭାରତ ପକ୍ଷରୁ ଯିବାକୁ ନିଷ୍ପତ୍ତି ନେଇଥିଲେ। ସେ ଡବ୍ଲ୍ୟୁଡବ୍ଲ୍ୟୁଇ ଖେଳି ଭାରତ ପାଇଁ ଅନେକ ସଫଳତା ଆଣିଛନ୍ତି। ବିବାହ ପରେ କବିତା ପରିବାର ପାଇଁ ଏହି ଖେଳଠାରୁ ଦୂରେଇ ରହିବାକୁ ସ୍ଥିର କରିଥିଲେ। ହେଲେ ଏଥିରେ ତାଙ୍କ ସ୍ୱାମୀଙ୍କ ସମର୍ଥନ ଯୋଗୁ ସେ ତାଙ୍କ ଖେଳ ଜାରି ରଖିଥିଲେ।

# ପକ୍ଷୀ ଉଡ଼ାଇପାରିଲେ ଦିନକୁ ୨୦ ହଜାର



ଲଣ୍ଡନ: କରୋନା ପରେ ପରେ ବହୁ ଲୋକ ତାଙ୍କ ଚାକିରି ହରାଇଥିଲେ। ସେ ସମୟରେ ଅନେକ କମ୍ପାନୀ ମଧ୍ୟ ବନ୍ଦ ହୋଇଯାଇଥିଲା। ଏଥିସହ ଅନେକ କମ୍ପାନୀ ଭିନ୍ନ ପ୍ରକାରର ସ୍କିମ ଆଣିଥିଲା। ନିକଟରେ ଏକ କମ୍ପାନୀ ଭିନ୍ନ ଏକ ଚାକିରିର ଅଫର ଦେଉଛି; ଯେଉଁଥିରେ ଲୋକେ ଦିନକରେ ପାଖାପାଖି ୨୦ ହଜାର ଟଙ୍କା ରୋଜଗାର କରିପାରିବେ। ହେଲେ କମ୍ପାନୀର ଚାକିରି ବାବଦରେ ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଲଣ୍ଡନର ୟର୍କସାଇନ୍‌ରେ ଅବସ୍ଥିତ ଚିପ୍ ସପ୍ କମ୍ପାନୀର ମାଲିକ ୩୧ ବର୍ଷୀୟ ଆଲେକ୍ସ ବେର୍ଡ ଏପରି ଏକ କର୍ମଚାରୀ ଖୋଜୁଛନ୍ତି, ଯିଏ ସେ ଅଞ୍ଚଳର ପକ୍ଷୀଙ୍କୁ ଉଡ଼ାଇପାରିବେ। ସେଥିରେ ସକ୍ଷମ ହେଲେ ରାତି ବେଳକୁ ୨୦ ହଜାର ଟଙ୍କା ନେଇ ଘରକୁ ଯାଇପାରିବେ। ପ୍ରକୃତରେ ଯେଉଁଠାରେ ଏହି କମ୍ପାନୀ ରହିଛି, ସେଠାରେ ବହୁତ ମାଛ ରଖାଯାଏ। ଏହି କମ୍ପାନୀ ଫିସ୍ ଚିପ୍ସ ତିଆରି କରେ। ଷ୍ଟୋରରେ ମାଛ ଭର୍ତ୍ତି ହେବା ପରେ ସେଠାରେ ସିଗୁଲ ପକ୍ଷୀ ଆସି ମାଛକୁ ଚୋରି କରି ନିଅନ୍ତି। ସେଥିପାଇଁ ଆଲେକ୍ସ ଏପରି ଏକ ଚାକିରି ବାବଦରେ ଚିନ୍ତା କଲେ। ଯିଏ ସିଗୁଲ ପକ୍ଷୀଙ୍କୁ ଉଡ଼ାଇବ, ତାଙ୍କୁ ଦିନକୁ ୨୦ ହଜାର ଟଙ୍କା ମିଳିବ ବୋଲି ଘୋଷଣା କଲେ। ଏହା ଶୁଣି ବହୁତ ଲୋକ ଚାକିରି ପାଇଁ ଆଗେଇ ଆସିଲେ। ହେଲେ କେହି ପକ୍ଷୀଙ୍କୁ ଉଡ଼ାଇପାରିଲେନି। ପରେ କୋରେ ନାମକ ଜଣେ ବ୍ୟକ୍ତି ଏକ ବଡ଼ ଶାଗୁଣା ବେଶରେ ଆସିବାରୁ ତାଙ୍କୁ ଦେଖି ପକ୍ଷୀ ସବୁ ସେଠାରୁ ଉଡ଼ି ପଳାଇଲେ। ଆଲେକ୍ସଙ୍କୁ କୋରେଙ୍କ ଏହି ଉପାୟ ପସନ୍ଦ ଆସିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଡିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଇପିଏଲ୍ ଫାଇନାଲ ଝଲକ



ଚେନ୍ନାଇ ସୁପର କିଙ୍ଗ୍ସର ଦୁଇ ମହିଳା ସମର୍ଥକ।




ଷ୍ଟାଡିୟମରେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ମ୍ୟାଚ ଆରମ୍ଭ ପୂର୍ବରୁ ଦୁଇ ଦଳର ଖେଳାଳି ଓ ଅଫିସିଆଲ।





ଆଇପିଏଲ୍ ଉଦ୍‌ଯାପନୀ ଉତ୍ସବରେ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ଡିଜେ ନ୍ୟୁକ୍ଲେୟା ଓ ରାପର କିଙ୍ଗ୍।

## ଫ୍ରାନ୍ସର ଅପ୍ରତ୍ୟାଶିତ ବିଦାୟ

**ବୁଏନ୍ସ ଏୟାର୍ସ, ୨୯।୫(ପି.ଟି.):** ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି ଏକ ବଡ଼ ବିପର୍ଯ୍ୟୟ। ଅପ୍ରତ୍ୟାଶିତ ଭାବରେ ଟୁର୍ନାମେଣ୍ଟରୁ ବିଦାୟ ନେଇଛି ଫ୍ରାନ୍ସ। ଗ୍ରୁପ୍ ଏଫ୍‌ରେ ସ୍ଥାନ ପାଇଥିବା ଫ୍ରାନ୍ସ ଅନ୍ତିମ ମ୍ୟାଚରେ ହଣ୍ଡୁରାସକୁ ୩-୧ରେ ପରାସ୍ତ କରିଥିଲେ ହେଁ ବିଦାୟ ନେଇଛି। ପ୍ରଥମ ଦୁଇ ମ୍ୟାଚ୍‌ରେ ଦଳ ଗାମ୍ବିଆ ଓ ଦକ୍ଷିଣ କୋରିଆ ନିକଟରୁ ହାରିଥିଲା। ଉଭୟ ଦଳ ବର୍ତ୍ତମାନ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରି ସାରିଛନ୍ତି। ରବିବାର ଲା ପ୍ଲାଟରେ ଖେଳିଥିବା ଫ୍ରାନ୍ସ ମ୍ୟାଚ୍‌ର ଅଧିକାଂଶ ସମୟ ୧୦ ଜଣ ଖେଳାଳିଙ୍କ ସହିତ ଖେଳିଥିଲା। ଫ୍ରାନ୍ସ ଯୋଗ୍ୟତା ଅର୍ଜନ କରିବା ପାଇଁ ୩-୦ ଅଥବା ୪-୧ରେ ବିଜୟ ଆବଶ୍ୟକ କରୁଥିଲା। ମାତ୍ର ଗୋଲ ବ୍ୟବଧାନରେ ଆଗୁଆ ରହି ଟ୍ୟୁନିସିଆ ରାଉଣ୍ଡ ଅଫ୍ ୧୬ ପାଇଁ ଯୋଗ୍ୟତା ଅର୍ଜନ କରିଛି। ରବିବାର ମ୍ୟାଚରେ ଆଲାନ୍ ଭିର୍ଜିନିଅସ୍(୪୧ ଓ ୬୦ ମିନିଟ) ଡବଲ୍ ଗୋଲ ସ୍କୋର କରିଥିଲେ। ମ୍ୟାଚର ୧୩ତମ ମିନିଟରେ ଫ୍ରାନ୍ସର ଓସୁମାନେ କାମାରାଙ୍କୁ ରେଡ୍ କାର୍ଡ ମିଳିଥିଲା। ମ୍ୟାଚ୍‌ର ଅବଶିଷ୍ଟ ସମୟ ଫ୍ରାନ୍ସ ୧୦ ଜଣରେ ଖେଳିଥିଲା। ୧୫ ତମ ମିନିଟରେ ହଣ୍ଡୁରାସ ପକ୍ଷରୁ ଓଡ଼ିନ୍ ଜାଫେଥ୍ ରାମୋସ ପେନା ସ୍କୋର କରିବା ସହିତ ଦଳକୁ ୧-୦ରେ ଆଗୁଆ କରିଥିଲେ। ୪୧ ତମ ମିନିଟରେ ଭିର୍ଜିନିଅସ୍ ପ୍ରଥମ ଗୋଲ ଦେଇ ମ୍ୟାଚକୁ ୧-୧କୁ ଆଣିଥିଲେ। ପରେ ୬୦ ତମ ମିନିଟରେ ବ୍ୟକ୍ତିଗତ ଡବଲ ଗୋଲ ସ୍କୋର କରିବା ସହ ସେ ଦଳକୁ ୨-୧ରେ ଆଗୁଆ କରିଥିଲେ।

## ଆଇପିଏଲ୍ ସ୍କୋର ବୋର୍ଡ

**ଗୁଜରାଟ ଟାଇଟନ୍ସ ଇନିଂସ**
ରିଦ୍ଧିମାନ ଶାହା-କ-ଧୋନୀ-ବୋ-ଚହର-୫୪
ଶୁବମନ ଗିଲ୍-ଷ୍ଟମ୍ପ୍-ଧୋନୀ-ବୋ-ଜାଡେଜା-୩୯
ସାଇ ସୁଦର୍ଶନ-ଏଲ୍‌ବିଡବ୍ଲ୍ୟୁ-ମାଥିଶା ପରିଥାନା-୯୬
ହାର୍ଦ୍ଦିକ ପାଣ୍ଡ୍ୟା-ନଟଆଉଟ-୨୧
ରସିଦ ଖାନ୍ -କ- ଋତୁରାଜ -ବୋ- ବୋ ମାଥିଶା ପରିଥାନା-୦
ଅତିରିକ୍ତ:୪, ମୋଟ: (୨୦ଓଭର, ୪ଉଇକେଟ)୨୧୪।
ଉଇକେଟ ପତନ:୧/ ୬୭, ୨/ ୧୩୧, ୩/ ୨୧୨, ୪/ ୨୧୪।

**ବୋଲିଂ (ଚେନ୍ନାଇ ସୁପର କିଙ୍ଗ୍ସ)**
ଦୀପକ ଚହର ୪-୦-୩୮-୧
ତୁଷାର ଦେଶପାଣ୍ଡେ ୪-୦-୫୬-୦
ମହେଶ ଥିକ୍‌ସାନା ୪-୦-୩୬-୦
ରବୀନ୍ଦ୍ର ଜାଡେଜା ୪-୦-୩୮-୧
ମାଥିଶା ପଥିରାନା ୪-୦-୪୪-୨

## କିଙ୍ଗ, ନ୍ୟୁକ୍ଲେୟା, ଜୋନିତା, ଡିଭାଇନଙ୍କ ସହ ଝୁମିଲେ ଦର୍ଶକ

**ଅହମଦାବାଦ,୨୯।୫**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୬ତମ ସଂସ୍କରଣର ଫାଇନାଲ ଇଭେଣ୍ଟ ପାଇଁ ବିସିସିଆଇ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବର୍ଷା ପାଇଁ ରିଜର୍ଭ ଡେ'ରେ ଖେଳାଯାଇଥିବା ଫାଇନାଲ୍ ଲାଗି ଦୁଇଟି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଥିଲା। ସନ୍ଧ୍ୟାରେ ଭାରତୀୟ ରାପର୍ କିଙ୍ଗ ଓ ଡିଜେ ନ୍ୟୁକ୍ଲେୟା ପ୍ରଦର୍ଶନ କରିଥିଲେ। ସେହିପରି ପ୍ରଥମ ଇନିଂସ ଶେଷ ହେବା ପରେ ଆଉ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲିଉଡ୍ ରାପର୍ ଡିଭାଇନ୍ ଓ ପ୍ଲେ ବ୍ୟାକ୍ ସିଙ୍ଗର ଜୋନିତା ଗାନ୍ଧୀ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

## ଅଷ୍ଟ୍ରେଲିଆ ଦଳରେ ହାଜେଲଉଡ୍

**ଲଣ୍ଡନ, ୨୯।୫ (ପି.ଟି.):** ଜୁନ୍ ୭ରୁ ଦି ଓଭାଲଠାରେ ଖେଳାଯିବାକୁଥିବା ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ୧୫ ଜଣିଆ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ପେସ୍ ବୋଲର ଜୋସ୍ ହାଜେଲଉଡ୍‌ଙ୍କୁ ସାମିଲ କରାଯାଇଛି। **ଅଷ୍ଟ୍ରେଲିଆର ଡବ୍ଲ୍ୟୁଟିସି ଫାଇନାଲ ଦଳ:** ପ୍ୟାଟ୍ କ୍ରମିନ୍ସ (ଅଧିନାୟକ), ସ୍କଟ ବୋଲାଣ୍ଡ, ଆଲେକ୍ସ କାରେ, କାମେରନ ଗ୍ରୀନ୍, ମାର୍କସ ହାରିସ, ଜୋସ୍ ହାଜ୍‌ଲେଉଡ୍, ଟ୍ରାଭିସ୍ ହେଡ୍, ଜୋସ୍ ଇଙ୍ଗ୍ଲିସ, ଉସ୍‌ମାନ ଖ୍ୱାଜା, ମାର୍ନସ ଲାବୁସେନ, ନାଥାନ ଲିଅନ, ଟଡ୍ ମର୍ଫି, ଷ୍ଟିଭ ସ୍ମିଥ୍ ଓ ଡେଭିଡ୍ ୱାର୍ନର।

# Classified Everyday
0674-2580101, 2549949



AUTOMOBILE

**SALE**

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact- 9 8 2 7 5 1 6 2 5 6 . 7504690838. D-74869



REAL ESTATE

**SALE**

Plot for Sale- 5200sqft. Mouza- Basuaghai infront of Sai Temple. Contact- Rakesh Jena. Mob- 9337203932. D-0446

Land for sale at Sundarpada 12050sqft. private land. Contact: 9437075283. D-0463

**4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact- 9 4 3 8 3 6 2 3 9 9 .** D-0410

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9 6 5 8 1 2 2 4 5 6 , 8327785834.** D-74866


ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର- 1200sqft. 3,00,000/-, ନଖରା-300/- 6371569855. D-74863

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ଫ୍ଲାଟ୍, ବାଲିଅନ୍ତାରେ ଘରବାରି ଫ୍ଲାଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ଫ୍ଲାଟ୍ ବିକ୍ରି କରାଯାଉଅଛି । ଯୋଗାଯୋଗ: **9438620034.** D-0346

**PURCHASE**

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309



FOR RENT

My house at Nayapalli 1BHK, 2BHK, 3BHK for Family. 9438490107, 8 8 9 5 0 9 6 8 6 2 . D-74690



Healthcare

Newly open health benefits Spa special offer @799, Jaydev Vihar, 8018429809. D-75108

Newly open health benefits SPA special offer @ 799, Master Centeen. 9 1 2 4 5 2 7 1 7 3 . D-75109

Newly open SPA positively health benefits with expert therapist. 8 1 1 4 3 2 2 6 5 9 . D-75111

Asribadaa Panchakarma herbal SPA Kesharimall, Bhubaneswar. Contact: 8 9 2 6 1 7 3 4 7 3 . D-74688

Full body massage in homely atmosphere in all therapy. Mob: 8 1 1 4 8 8 1 6 4 1 . D-73433

**LOST**


By virtue of an affidavit before the Notary, Jharsuguda, I, Prashanta Kumar Patel, S/o- Late Pabitra Mohan Patel, R/o-Tangarpali, PO-Talpatia, PS/ Dist.- Jharsuguda, hereby affirm that the Sale Deed No. 11651300231 in respect of lands measuring Ac 0.25 Dec. purchased in favour of myself has been lost somewhere and not traceable. This affidavit is sworn to be submitted before the concerned authority. D-0460

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**

I, Aurobinda Parida, S/o- Madhusudan Parida, At- Friends Club Lane, P.O-Puri-2, P.S.- Kumbharapada, Dist.- Puri, Pin- 752002 declare by this affidavit No- 19, dated 29 May 2023 that I shall be known as Adidev Shashwat Parida for all further purposes. D-0464

Before the Executive Magistrate, Khordha Affidavit No.1784 dated on 29.05.23 I Pratyusha Kar,D/o Arun Kumar Rajguru, Plot No. 411/1447, PO Pallahat, P.S/ District: Khordha, Odisha-752056 Aadhaar No.XXXX XXXX 7187 do hereby declare that both names Pratyusha Rajguru and Pratyusha Kar is one and same person i.e. myself and now I am identified as Pratyusha Rajguru for all purposes. D-73543




OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଦା ଚା' ପିଉଥିଲେ....



**ଅନେକଙ୍କର ଚା' ପିଇବା ଏକ ଅଭ୍ୟାସ। ବିଶେଷକରି ଥକ୍କା ଲାଗୁଥିଲେ, ମୁଣ୍ଡବିନ୍ଧା ହେଉଥିଲେ କିମ୍ବା ଥଣ୍ଡା ହୋଇଥିଲେ କେତେଜଣ ଅଦା ଚା ପିଇବାକୁ ବେଶି ଭଲ ପାଆନ୍ତି। ହେଲେ ବାରମ୍ବାର ଏହାକୁ ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ...**

❖ଅଦା ଶରୀରରେ ଶର୍କରାର ମାତ୍ରାକୁ କମାଇ ଦେଇଥାଏ। ତେଣୁ ଏହାକୁ ଅନେକେ ପସନ୍ଦ କରନ୍ତି। ହେଲେ ଏହାକୁ ବାରମ୍ବାର ପିଇବା ଦ୍ୱାରା ଲୋ ସୁଗାରରେ ପୀଡ଼ିତ ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇପାରନ୍ତି।

❖ଆବଶ୍ୟକରୁ ଅଧିକ ଅଦା ଚା ପିଇବା ଦ୍ୱାରା ବି ପେଟ ସମସ୍ୟା ଦେଖାଦେଇପାରେ। ଅଦା ଖାଦ୍ୟ ହଜମ କରିବାରେ ସାହାଯ୍ୟକରେ। ହେଲେ ଅଦାରେ ଥିବା ଜିଞ୍ଜୋରୋଲସ୍ ନାମକ ଉପାଦାନ ଅଧିକ ହେଲେ ପେଟରେ ଏସିଡ୍ ସୃଷ୍ଟିକରେ। ତେଣୁ ଅଧିକ ଅଦା ଚା ପିଇବା ଦ୍ୱାରା ପେଟ ଜଳାପୋଡ଼ା ହୋଇଥାଏ।

❖ହାଇ ବ୍ଲଡ୍‌ପ୍ରେସର ରୋଗୀମାନଙ୍କ ପାଇଁ ଅଦା ଚା ପିଇବା ଭଲ। ଏହା ବ୍ଲଡ୍ ପ୍ରେସରକୁ କମ୍ କରିଥାଏ। ହେଲେ ଆବଶ୍ୟକରୁ ଅଧିକ କ୍ଷତିକାରକ ହୋଇପାରେ। କିନ୍ତୁ ଲୋ ବ୍ଲଡ୍ ପ୍ରେସର ରୋଗୀ ଏହାକୁ ପିଇବା ଦ୍ୱାରା ମୁଣ୍ଡ ବୁଲାଇବା ଏବଂ ଦୁର୍ବଳ ଲାଗିବା ପରି ସମସ୍ୟା ଦେଖାଯାଏ।




❖ଗର୍ଭବତୀ ମହିଳା ଅଧକପ୍‌ରୁ ଅଧିକ ଚା ପିଇବା ଅନୁଚିତ। ଏହାଯୋଗୁ ପେଟରେ ଯନ୍ତ୍ରଣା ହେବା ସହ ଗର୍ଭସ୍ଥ ଶିଶୁକୁ ହାନି ପହଞ୍ଚାଇପାରେ।

❖ଅଧିକାଂଶ ମହିଳା କାମ ଯୋଗୁ ଅନିଦ୍ରା ରହିବା ପାଇଁ ଚା ପିଇଥାନ୍ତି। କିନ୍ତୁ ଅଧିକ ଚା, ତା' ପୁଣି ଅଦା ଚା ପିଇବା ଦ୍ୱାରା ଆପଣ ନିଦ୍ରାହୀନତାର ଶିକାର ହୋଇପାରନ୍ତି। ଏହାଛଡ଼ା ଶୋଇବାକୁ ଯିବା ସମୟରେ ମଧ୍ୟ ଏହାକୁ ପିଇବା ଠିକ୍ ନୁହେଁ।

# ମୋବାଇଲ ନିଶା









**ପିଲାଠୁ ବୁଢ଼ା ସଭିଙ୍କ ପାଇଁ ବର୍ତ୍ତମାନ ମୋବାଇଲ ଫୋନ୍ ଯେମିତି ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଯାଇଛି। ସକାଳୁ ଉଠିବାଠାରୁ ଆରମ୍ଭକରି ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଏହା ରହୁଛି ପାଖରେ। ତେବେ ଏହାର ଅତ୍ୟଧିକ ବ୍ୟବହାର ସଭିଙ୍କଠାରେ ବିଶେଷକରି ପିଲାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସାଜୁଛି କାରଣ...**

ଦିନ ଥିଲା ଗାଈ, କୁକୁର, ଚଢ଼େଇ ଦେଖେଇ ଅବା ଗୀତ ଗାଇ ମା'ଟିଏ ନିଜ ପିଲାକୁ ଖୁଆଉଥିଲା। ବର୍ତ୍ତମାନ ଏହାର ସ୍ଥାନ ନେଇଛି ମୋବାଇଲ ଫୋନ୍। ଏମିତିକି ସ୍କୁଲ ଛୁଟି ପରେ ପାଖ ପଡ଼ିଆ କିମ୍ବା ପାର୍କରେ ଖେଳିବା ବଦଳରେ ପିଲାଏ ଏବେ ଅଧିକ ସମୟ ବିତାଉଛନ୍ତି ମୋବାଇଲ ଦେଖିବାରେ। ତେବେ ଏହି ମୋବାଇଲ ମାୟାଜାଲ ସେମାନଙ୍କୁ ଏମିତି ଛନ୍ଦି ରଖିଛି ଯେ, ଏହାଦ୍ୱାରା କେହି କେହି ବିପଥଗାମୀ ହେଉଥିବା ବେଳେ ଆଉ କେହି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେଉଛନ୍ତି। ମହିଳାମାନେ କାମରୁ ସାମାନ୍ୟ ଫୁର୍‌ସତ ପାଇବା ମାତ୍ରେ ନିଜେ ମଧ୍ୟ ମୋବାଇଲ ଧରି ବସୁଥିବା ବେଳେ ପିଲା ଡିଷ୍ଟର୍ବ ନ କରିବା କିମ୍ବା ନିଜ କାମରେ ସୁବିଧା ହେବା ଲାଗି ସେମାନଙ୍କ ହାତରେ ମୋବାଇଲ ଦେଇଦେବାକୁ ସବୁଠୁ ସହଜ ଉପାୟ ବୋଲି ଭାବୁଛନ୍ତି। ହେଲେ ଏହାଦ୍ୱାରା ଯେ ପିଲାର ଉଭୟ ଶାରୀରିକ ଓ ମାନସିକ ସ୍ତରରେ ନକାରତ୍ମକ ପ୍ରଭାବ ପଡୁଛି ସେ ଦିଗରେ ଅନେକେ ସଚେତନ ହେଉନାହାନ୍ତି।

ଏକ ଗବେଷଣା ରିପୋର୍ଟ ମୁତାବକ ବର୍ତ୍ତମାନ ପିତାମାତାଙ୍କର ବାରଣ ସତ୍ତ୍ୱେ ପିଲାମାନେ ଦିନରେ ୫-୬ ଘଣ୍ଟା ସମୟ ମୋବାଇଲ ଦେଖିବାରେ ବିତାଉଛନ୍ତି। ଏହାଦ୍ୱାରା ବିଭିନ୍ନ ଉପାୟରେ ଶରୀର ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଯଥା...

**କ୍ଷତିକାରକ ବିପଜ୍ଜନକ ରଶ୍ମି ବିକିରଣ:** ସାଧାରଣତଃ ବିକିରଣ ବା ରେଡିଏଶନ୍ ୨ ପ୍ରକାରର ଯଥା- ଆୟୋନାଇଜିଂ ଓ ନନ୍ ଆୟୋନାଇଜିଂ। ଶିଶୁଙ୍କ ମୁଣ୍ଡ ହାଡ଼ ଖୁବ୍ ପତଳା ଓ ନରମ ହୋଇଥିବାରୁ ବିକିରଣକୁ ସହଜରେ ଗ୍ରହଣକରି ନେଇଥାଏ। ଏମିତିକି ଏହା ଗର୍ଭସ୍ଥ ଶିଶୁ ପାଇଁ ମଧ୍ୟ ଅତ୍ୟନ୍ତ ବିପଜ୍ଜନକ। ଗର୍ଭସ୍ଥ ଶିଶୁମାନଙ୍କୁ ବିକଳାଙ୍ଗ ମଧ୍ୟ କରିପାରେ। ତେଣୁ ଗର୍ଭବତୀ ମହିଳା ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଉଚିତ ନୁହେଁ।

**ପ୍ରଭାବିତ ହୁଏ ମାନସିକ ବିକାଶ:** ୭ ବର୍ଷରୁ କମ୍ ଶିଶୁ ମୋବାଇଲ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଅଧିକ ସମୟ ବ୍ୟବହାରକଲେ ମେଧା ଶକ୍ତି ହ୍ରାସ ପାଇବା ସହ ମାନସିକ ରୋଗର ଶିକାର ହେବା ଆଶଙ୍କା ରହିଛି। ଏହା ବ୍ୟତୀତ ସେମାନଙ୍କଠାରେ ଅତ୍ୟଧିକ ମୋବାଇଲ ବ୍ୟବହାର ଦ୍ୱାରା ଆକ୍ୱୋଷ୍ଟିକ୍ ନ୍ୟୁରୋମା, ଗ୍ଲାଓମା ଭଳି ବ୍ରେନ୍ ଟ୍ୟୁମର ହେବା ଆଶଙ୍କା ରହିଛି।

**ବ୍ୟବହାରରେ ପରିବର୍ତ୍ତନ:** ବର୍ତ୍ତମାନ ଅଧିକାଂଶ ପିଲା ଏତେମାତ୍ରାରେ ମୋବାଇଲରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ଯେ, ଅନେକେ ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି । ହଠାତ୍ ସେମାନଙ୍କୁ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ଚିଡ଼ିଚିଡ଼ା ହେବା, ବିନା କାରଣରେ ରାଗିବା କିମ୍ବା ଡିପ୍ରେସନ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି। ଏମିତିକି କାହା କାହା ଠାରେ ଛାନିଆ ଲାଗିବା, ଭୟ, ଆତ୍ମହତ୍ୟା ପ୍ରବଣତା ପ୍ରଭୃତି ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି।

**ନିଦ୍ରାହୀନତା:** ପିଲାମାନେ ରାତିରେ ଦୀର୍ଘ ସମୟ ମୋବାଇଲ ଦେଖିବା ଦ୍ୱାରା ମେଲାଟୋନିନ୍ ହର୍‌ମୋନ କ୍ଷରଣ କମ୍ ହେଉଥିବାରୁ ନିଦ୍ରାହୀନତା ଦେଖାଦିଏ। ଫଳରେ ମସ୍ତିଷ୍କକୁ ଆରାମ ନ ମିଳିବା କାରଣରୁ ଚିଡ଼ିଚିଡ଼ା ଲାଗିବା ସହ କାର୍ଯ୍ୟଦକ୍ଷତା ଓ ସ୍ମରଣ ଶକ୍ତି ହ୍ରାସପାଏ।

**ପ୍ରଭାବିତ ହେଉଛି ପାଠପଢ଼ା:** ମୋବାଇଲରେ ଅଧିକ ସମୟ ବିତାଇବା ଦ୍ୱାରା ପିଲାଙ୍କର ପାଠପଢ଼ା ବ୍ୟାହତ ହୁଏ। ପଢା ସମୟରେ ବାରମ୍ବାର ମୋବାଇଲ୍ ଦେଖିବା ଦ୍ୱାରା ଧ୍ୟାନ ପଢାରୁ ହଟିଯାଏ, ଫଳରେ ପରୀକ୍ଷାରେ ନମ୍ବର ମଧ୍ୟ କମ୍ ଆସେ।

**ଚକ୍ଷୁ ଏବଂ କାନ ସମସ୍ୟାର ବଡ କାରଣ:** ବର୍ତ୍ତମାନ ଅଧିକାଂଶ ପିଲା ଚଷମା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ତେବେ ଏହାର ସବୁଠୁ ବଡ କାରଣ ହେଉଛି ଅଧିକ ସମୟ ମୋବାଇଲ ବ୍ୟବହାର କରିବା। ସେହିପରି କାନରେ ଇୟର ଫୋନ ଲାଗି ଅଧିକ ସମୟ ଶୁଣିବା ଦ୍ୱାରା ଶ୍ରବଣଶକ୍ତି ହ୍ରାସ ପାଉଛି। କାହା କାହା ଠାରେ ଶୁଣିବାରେ ସାହାଯ୍ୟ କରୁଥିବା ସ୍ନାୟୁତନ୍ତ୍ର ବା ଅଡିଓ ସେନ୍ସୋରୀ ନର୍ଭସ ସିଷ୍ଟମ ନଷ୍ଟ ହୋଇଯିବା କାରଣରୁ ସମ୍ପୂର୍ଣ୍ଣ ଶ୍ରବଣଶକ୍ତି ନଷ୍ଟ ହୋଇଯିବାର ବି ନଜିର ରହିଛି।

**ଉପୁଜୁଛି ସ୍ୱାସ୍ଥ୍ୟ ସମସ୍ୟା:** ଦୀର୍ଘ ସମୟ ମୋବାଇଲ ବ୍ୟବହାର ସମୟରେ କିଏ ଜାକି ହୋଇ ବସେ ତ କିଏ ଖଟରେ ଶୋଇ ଦେଖେ। ଫଳରେ ଶରୀରର ପୋଜିଶନ ବହୁ ସମୟ ପର୍ଯ୍ୟନ୍ତ ଠିକ୍ ନ ରହୁଥିବାରୁ ହାତ, ବେକ, ଅଣ୍ଟା ଆଦିରେ ଚାପ ପଡ଼ିବା ଦ୍ୱାରା ଅଳ୍ପ ବୟସରୁ ସ୍ପଣ୍ଡିଲାଇଟିସ୍ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇ ଥାଏ। ତା'ଛଡା ମୋବାଇଲ୍‌ରେ ଖେଳିବା ନିଶାରେ ପିଲାମନେ ଆଉଟ୍‌ଡୋର୍ ଗେମ୍ ଠାରୁ ଦୂରେଇ ଯାଉଛନ୍ତି ଏମିତିକି ପାର୍କ ଗଲେ ବି ସେଠାରେ ଅନ୍ୟ ପିଲାଙ୍କ ସହ ନ ଖେଳି ସାଙ୍ଗରେ ନେଇ ଖେଳୁଛନ୍ତି। ଏହାଦ୍ୱାରା ଶାରୀରିକ ବ୍ୟାୟାମ ଆଦୌ ନ ହେବା ଦ୍ୱାରା ମେଦବହୁଳତା ସହ ଅଳ୍ପ ବୟସରୁ ଅନ୍ୟାନ୍ୟ ସମସ୍ୟା ଦେଖା ଦେଉଛି।

**- ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ,**
ଶିଶୁରୋଗ ବିଶେଷଜ୍ଞ,
ଜାତୀୟ ସ୍ୱାସ୍ଥ୍ୟ ମିଶନ, ଭୁବନେଶ୍ୱର

## ଧ୍ୟାନ ଦିଅନ୍ତୁ

**ଫୋନ୍‌**ରେ ବିଭିନ୍ନ ଭିଡିଓ ଗେମ୍ ତଥା ଅନ୍‌ଲାଇନ ଗେମ୍ ଖେଳିବା, ବିଭିନ୍ନ ଆପତ୍ତିଜନକ ଫଟୋ, ଭିଡିଓ ଆଦି ଦେଖିବା ଦ୍ୱାରା କେତେଜଣ ପିଲା ବିପଥଗାମୀ ହୋଇଥାନ୍ତି। ଏମିତିକି କେବେ କେବେ ଅନ୍‌ଲାଇନ ଠକେଇ, ବ୍ଲାକ୍‌ମେଲିଂ ଆଦିର ଶିକାର ହୋଇ ଆତ୍ମହତ୍ୟା ଭଳି ଭୁଲ୍ ପଦକ୍ଷେପ ନେବାକୁ ବି ପଛାନ୍ତି ନାହିଁ। ଏହା ବ୍ୟତୀତ ବିପଜ୍ଜନକ ସ୍ଥାନରେ ସେଲ୍ଫି ନେବା, ଭିଡିଓ କରିବା ଯୋଗୁ ହେଉ କିମ୍ବା ବିଜୁଳି ଘଡ଼ଘଡ଼ି ସମୟରେ ମୋବାଇଲ ବ୍ୟବହାର ଯୋଗୁ ବିସ୍ଫୋରଣ ଘଟି ଜୀବନହାନି ହେବାର ବି ନଜିର ରହିଛି। ଏସବୁ ଦିଗ ପ୍ରତି ଅଭିଭାବକମାନେ ବିଶେଷ ଯତ୍ନଶୀଳ ହେବା ଆବଶ୍ୟକ।

- ୨ ବର୍ଷରୁ କମ୍ ଶିଶୁଙ୍କୁ ଆଦୌ ମୋବାଇଲ ଫୋନ୍ ଦେବା ଉଚିତ ନୁହେଁ। ଏହାଠୁ ବଡ଼ ଶିଶୁଙ୍କୁ ଦିନ ଭିତରେ ୧ରୁ ୨ ଘଣ୍ଟା ପର୍ଯ୍ୟନ୍ତ ମୋବାଇଲ ଦେଇପାରିବେ। ସେହିପରି ୧୬ ବର୍ଷରୁ କମ୍ ପିଲାମାନଙ୍କୁ ମୋବାଇଲ ଦେଉଥିଲେ ସେମାନେ ଏହାକୁ କିପରି ବ୍ୟବହାର କରୁଛନ୍ତି ଦେଖନ୍ତୁ। ସେମାନଙ୍କୁ ମଧ୍ୟ ଆବଶ୍ୟକରୁ ଅଧିକ ସମୟ ବ୍ୟବହାର କରିବାକୁ ମନାକରନ୍ତୁ।

ପିଲାର ବ୍ୟବହାର କୌଣସି ପ୍ରକାର ସନ୍ଦେହଜନକ ମନେହେଲେ ପ୍ୟାରେଣ୍ଟାଲ୍ କଣ୍ଟ୍ରୋଲ ଆପ୍ ଜରିଆରେ ତଦାରଖ କରନ୍ତୁ। ଯଦି ପିଲା ସାଙ୍ଗସାଥୀଙ୍କ ମେଳରେ ମୋବାଇଲର ଅପବ୍ୟବହାର କରୁଥିବା ଜାଣିବାକୁ ପାଆନ୍ତି ତେବେ ଗାଳିମାଡ଼ ଦେବା ପରିବର୍ତ୍ତେ ଏହାର ନକାରାତ୍ମକ ଦିଗ ସମ୍ପର୍କରେ ବୁଝାନ୍ତୁ। ଶିଶୁଟି ପରିବାରର ସମସ୍ତଙ୍କୁ ଯଦି ମୋବାଇଲରେ ମସ୍‌ଗୁଲ୍ ରହିବାର ଦେଖେ ତେବେ ସେ ମଧ୍ୟ ଏହି ମାୟାଜାଲରେ ପ୍ରବେଶକରେ। ବିଜ୍ଞାନର ଦାନକୁ ଦାୟିତ୍ୱର ସହ ବ୍ୟବହାରକଲେ ତାହା ସଭିଙ୍କ ଉନ୍ନତିରେ ସହାୟକ ହେବ।

ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ଉପକାରୀ ପାନମଧୁରୀ





**ନିଜ ସୌନ୍ଦର୍ଯ୍ୟକୁ ନେଇ ମହିଳାମାନେ ବେଶ୍ ସଜାଗ। ସେଥିପାଇଁ ସେମାନେ ତ୍ୱଚାର ବିଭିନ୍ନ ଉପାୟରେ ଯତ୍ନ ନେଇଥାନ୍ତି । ହେଲେ ଆପଣ ଜାଣନ୍ତିକି ପାନମଧୁରୀରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ତତ୍ତ୍ୱ। ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ ...**

**ଟୋନର:** ଖରାଦିନେ ତ୍ୱଚାର ଗ୍ଲୋ କମିଯାଏ ଏବଂ ଟ୍ୟାନ୍ ସମସ୍ୟା ଦେଖାଦିଏ। ଏହାକୁ ଦୂରକରିବା ଲାଗି ପାନମଧୁରୀକୁ ଟୋନର ଭାବେ ବ୍ୟବହାର କରନ୍ତୁ। ୧ କପ୍ ପାଣିରେ ୨ ଚାମଚ ପାନମଧୁରୀ ପକାଇ ଭଲ ଭାବେ ଫୁଟେଇ ଦିଅନ୍ତୁ। ଭଲଭାବେ ଫୁଟିବା ପରେ ଏହାକୁ ଛାଣି ସେଥିରେ ପାନମଧୁରୀ ତେଲ ଅଧାଚାମଚ ମିଶାନ୍ତୁ। ଏହାକୁ ଥଣ୍ଡାକରି ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରନ୍ତୁ, ଅଳ୍ପଦିନ ମଧ୍ୟରେ ଫରକ ଜାଣିପାରିବେ।

**ନେଇପାରିବେ ଷ୍ଟିମ୍:** ଏକ ବଡ଼ ପାତ୍ରରେ ପାନମଧୁରୀ ନେଇ ଭଲ ଭାବେ ଫୁଟାନ୍ତୁ। ଭଲ ଭାବେ ଗରମହୋଇ ବାମ୍ଫ ବାହାରବା ଆରମ୍ଭ ହେଲେ ମୁଣ୍ଡ ଉପରେ ଟାୱେଲ ରଖି ମୁହଁରେ ଏହାର ଷ୍ଟିମ୍ ନିଅନ୍ତୁ। ଏହା ପରେ ସଫା କପଡ଼ାରେ ମୁହଁ ପୋଛିଦିଅନ୍ତୁ। ଏହା ତ୍ୱଚାରେ ଥିବା ଧୂଳି ଏବଂ ଅପରିଷ୍କାର ପଦାର୍ଥ ବାହାରକରି ତ୍ୱଚାକୁ ସଫା ଏବଂ ଦାଗମୁକ୍ତ କରିବାରେ ସାହାଯ୍ୟକରେ। ସପ୍ତାହରେ ଥରେ କିମ୍ବା ୨ଥର ଏପରି କଲେ ଉପକୃତ ହେବେ।

**ଫେସ୍‌ପ୍ୟାକ୍:** ତ୍ୱଚାରେ ଫେସ୍‌ପ୍ୟାକ୍ ଭାବେ ବ୍ୟବହାରକଲେ ସ୍କିନ୍ ଟୋନ୍ ସହ ଗ୍ଲୋ ବଢ଼ିଥାଏ। ଏଥିପାଇଁ ୨ ଚାମଚ ଓଟ୍‌ମିଲ୍ ସହିତ ୧ ଚାମଚ ପାନମଧୁରୀ ପାଉଡର ମିଶାନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁନ୍ଦର କରିବ।

ଖାଦ୍ୟରୁଚି

# କାକୁଡ଼ି ଆଚାର

**ଆବଶ୍ୟକ ସାମଗ୍ରୀ:** ୩ କପ୍ ଗୋଲ କଟା ହୋଇଥିବା କାକୁଡ଼ି, ୩/୪ କପ୍ ଭିନେଗାର, ୧/୨ କପ୍ ଚିନି, ୧/୨ କପ୍ ଲମ୍ବା ଲମ୍ବା କଟାହୋଇଥିବା ପିଆଜ, ଗୋଟିଏ ଲେଖାଏଁ ଗ୍ରୀନ୍ ଏବଂ ରେଡ୍ କ୍ୟାପ୍ସିକମ୍ ଲମ୍ବା ଲମ୍ବା କଟାହୋଇଥିବା, ୧ ଚା'ଚାମଚ ସୋରିଷ ଗୁଣ୍ଡ, ୧/୪ ଚା'ଚାମଚ ଗୋଲମରିଚ ଗୁଣ୍ଡ, ଲୁଣ ସ୍ୱାଦନାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ସସ୍‌ପ୍ୟାନ୍‌ରେ ଭିନେଗାର, ଲୁଣ, ଚିନି ପକାଇ ଫୁଟାନ୍ତୁ। ଫୁଟିବା ପରେ ଚୁଲା ସିମ୍‌ରେ ରଖି ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ୧ କାଚପାତ୍ରରେ କଟା କାକୁଡ଼ି ଏବଂ ଅନ୍ୟ ସମସ୍ତ ସାମଗ୍ରୀ ଏକାଠି କରନ୍ତୁ । ସେଥିରେ ପୂର୍ବ ପ୍ରସ୍ତୁତ ଭିନେଗାର ମିଶ୍ରଣକୁ ପକାଇ ଚାମଚ ସାହାଯ୍ୟରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାକୁ କାଚ ଜାର୍‌ରେ ଭର୍ତ୍ତି କରି ଫ୍ରିଜ୍‌ରେ ରଖି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କାକୁଡ଼ି ଆଚାର। ଏହାକୁ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୩୦/୨୦୨୩ Bhubaneswar, Tuesday, May 30/ 2023

# ଭାରତୀୟ ଦଳର ଟ୍ରେନିଂ ଆରମ୍ଭ

**ଆରୁଣ୍ଡେଲ (ସସେକ୍ସ), ୨୯।୫ (ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଇଂଲଣ୍ଡରେ ପହଞ୍ଚିଥିବା ଭାରତୀୟ କ୍ରିକେଟର ଦଳର ସଦସ୍ୟମାନେ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ସୌନ୍ଦର୍ଯ୍ୟଭରା ଆରୁଣ୍ଡେଲ କ୍ୟାସେଲ କ୍ରିକେଟ କ୍ଲବରେ ସୋମବାର ଅନୁଷ୍ଠିତ ଟ୍ରେନିଂ ସେସନରେ ବ୍ୟାଟିଂ ମାଷ୍ଟର ବିରାଟ କୋହଲି ନେଟ୍ସରେ ଯୋଗ ଦେଇଛନ୍ତି। ତାଙ୍କ ସହିତ ବାମହାତୀ ସିମ୍ ବୋଲର ଜୟଦେବ ଉନାଡ୍‌କଟ୍‌ଙ୍କୁ ଦେଖିବାକୁ ମିଳିଥିଲା।

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଏହି ଟେଷ୍ଟ ମ୍ୟାଚ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କୋହଲିଙ୍କ ସମେତ ଦୁଇ ପେସ୍ ବୋଲର ଉମେଶ ଯାଦବ ଓ ମହମ୍ମଦ ସିରାଜଙ୍କ ଫଟୋ ଏହାର ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛି। ଡବ୍ଲ୍ୟୁଟିସି ପାଇଁ ଟିମ୍ ଇଣ୍ଡିଆ ଏହାର ଅଭ୍ୟାସ ଆରମ୍ଭ କରିଥିବା ବିସିସିଆଇ ଟୁଇଟ୍ କରିଛି। କୋହଲି, ଉମେଶ ଓ ସିରାଜ ସେମାନଙ୍କ ନୂଆ କିଟ୍ ସହ ଜଗିଙ୍ଗ କରିଥିଲେ। ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ନେଟ୍ସରେ ବୋଲିଂ ଅଭ୍ୟାସ କରିଥିଲେ। ଉନାଡକଟ୍ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଓ ବୋଲିଂ କୋଚ୍ ପାରସ ମାହାମ୍ବ୍ରେ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଇଂଲିଶ କାଉଣ୍ଟିରେ ସସେକ୍ସ ପାଇଁ ଖେଳୁଥିବା ଚେତେଶ୍ୱର ପୂଜାରା ଫାଇନାଲ ଲାଗି ପ୍ରସ୍ତୁତି ସକାଶେ ଟ୍ରେନିଂ ଗ୍ରାଉଣ୍ଡରେ ପହଞ୍ଚିଥିଲେ। ଡବ୍ଲ୍ୟୁଟିସି ଫାଇନାଲ ପାଇଁ ପ୍ରଥମ ପର୍ଯ୍ୟାୟରେ ପହଞ୍ଚିଥିବା ଖେଳାଳିଙ୍କ ମଧ୍ୟରେ ଉମେଶ ଓ ଶାର୍ଦ୍ଦୂଳ ଠାକୁର ରହିଛନ୍ତି। ଅଧିନାୟକ ରୋହିତ ଶର୍ମା ଏବଂ ମୁମ୍ବାଇର ଯୁବ ଓପନର ଯଶସ୍ୱୀ ଜୈସ୍ୱାଲ ମଧ୍ୟ ପହଞ୍ଚିସାରିଛନ୍ତି। ରୋହିତ ମଙ୍ଗଳବାର ନେଟ୍ସ କରିବେ। ରବୀନ୍ଦ୍ର ଜାଡେଜା, ଶୁବମନ ଗିଲ୍, ମହମ୍ମଦ ଶାମି, କେ.ଏସ୍. ଭରତ ଏବଂ ଅଜିଙ୍କ୍ୟ ରାହାନେ ପ୍ରମୁଖ ଶେଷ ପର୍ଯ୍ୟାୟରେ ଅହମ୍ମଦାବାଦରେ ମଙ୍ଗଳବାର ଆଇପିଏଲ୍ ଫାଇନାଲ ଶେଷ ହେବା ପରେ ପ୍ରସ୍ଥାନ କରିବେ। ଜୁନ୍ ୩-୪ରେ ଋତୁରାଜ ଗାଏକ୍ୱାଡ ବିବାହ କରୁଥିବା ବିସିସିଆଇକୁ ଅବଗତ କରାଇବା ପରେ ଜୈସ୍ୱାଲଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ଦଳରେ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ଡବ୍ଲ୍ୟୁଟିସି ଫାଇନାଲ ଏକ ଆଇସିସି ଇଭେଣ୍ଟ ହୋଇଥିବା ବେଳେ ବର୍ତ୍ତମାନ ଇଂଲିଶ କାଉଣ୍ଟି ଚାମ୍ପିୟନଶିପ୍ ଚାଲିଥିବା ଦୃଷ୍ଟିରୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଭ୍ରମଣକାରୀ ଦଳ ପାଇଁ ଅଭ୍ୟାସ ମ୍ୟାଚ ଆୟୋଜନ କରାଯାଇପାରି ନାହିଁ।



ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ସୋମବାର ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

## ଇଲିଙ୍ଗୱର୍ଥ, ଗାଫାନୀ ଫିଲ୍ଡ ଅମ୍ପାୟର

**ଦୁବାଇ, ୨୯।୫ (ପି.ଟି.):** ଲଣ୍ଡନରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁଥିବା ଆସନ୍ତା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମ୍ୟାଚ ଅଫିସିଆଲଙ୍କ ନାମ ଘୋଷଣା କରିଛି। ଇଂଲଣ୍ଡର ରିଚାର୍ଡ ଇଲିଙ୍ଗୱର୍ଥ ଓ ନ୍ୟୁଜିଲାଣ୍ଡର କ୍ରିସ୍ ଗାଫାନୀ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ। ବିଶ୍ୱ କ୍ରିକେଟର ଦୁଇ ହେଭିୱେଟଙ୍କ ମଧ୍ୟରେ ମ୍ୟାଚ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଦି ଓଭାଲଠାରେ ହେବ। ଇଂଲଣ୍ଡର ଅନ୍ୟ ଜଣେ ଅମ୍ପାୟର ରିଚାର୍ଡ କେଟଲବୋରୋ କ୍ରମାଗତ ଦ୍ୱିତୀୟ ଥର ଡବ୍ଲ୍ୟୁଟିସି ଫାଇନାଲରେ ମ୍ୟାଚ ଅଫିସିଆଲ ଭାବେ କାର୍ଯ୍ୟକରିବେ। ସେ ପୁଣି ଟିଭି ଅମ୍ପାୟର ଭାବେ ନିଯୁକ୍ତି ପାଇଛନ୍ତି। ଶ୍ରୀଲଙ୍କାର କୁମାର ଧର୍ମସେନା ଚତୁର୍ଥ ଅମ୍ପାୟର ଏବଂ ୱେଷ୍ଟଇଣ୍ଡିଜର ରିଚି ରିଚାର୍ଡସନ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇବେ। ଭାରତ ପୂର୍ବରୁ ଥରେ ଡବ୍ଲ୍ୟୁଟିସି ଫାଇନାଲ ଖେଳିସାରିଛି। ଅଷ୍ଟ୍ରେଲିଆ କିନ୍ତୁ ପ୍ରଥମ ଥର ଫାଇନାଲ ଖେଳିବ।

# କିଟ୍ ମହିଳା ରୋଇଂ ଦଳକୁ ରୌପ୍ୟ

**ଲାଲୁ ପ୍ରସାଦଙ୍କୁ ରୌପ୍ୟ, ଅଭିଷେକଙ୍କୁ ବ୍ରୋଞ୍ଜ**

**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି)**

ଉତ୍ତର ପ୍ରଦେଶର ବିଭିନ୍ନ ସହରରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ର ମହିଳା ରୋଇଂ ଦଳ ରୌପ୍ୟ ପଦକ ହାସଲ କରିଛି। ମହିଳା ୨୦୦୦ ମିଟର (ଡବ୍ଲ୍ୟୁ୨ଏକ୍ସ) ଇଭେଣ୍ଟରେ ଅବିନାଶ କୌର ଓ ଅରୁନ୍‌ପ୍ରୀତ କୌର ଏହି ସଫଳତା ପାଇଛନ୍ତି। ଏହି ବିଶ୍ୱବିଦ୍ୟାଳୟର ଲାଲୁ ପ୍ରସାଦ ଭୋଇ ପୁରୁଷ ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଅଭିଷେକ ଦଳବେହେରା ପୁରୁଷ ୧୦୦ ମିଟରରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଲାଲୁ ପ୍ରସାଦ ୧୦.୬୦ ଓ ଅଭିଷେକ ୧୦.୭୨ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପୁରୁଷ ଟେନିସ ସେମିଫାଇନାଲରେ କିଟ୍ ଦଳ ୧-୨ରେ ଆନ୍ନା ବିଶ୍ୱବିଦ୍ୟାଳୟଠାରୁ ହାରି ଯାଇଛି। ମଙ୍ଗଳବାର ବ୍ରୋଞ୍ଜ ପଦକ ମ୍ୟାଚରେ ଏହି ଦଳ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ଭେଟିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ହକି ଦଳ ୪-୩ ଗୋଲରେ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି।



ପଦକ ପ୍ରଦର୍ଶନ କରୁଛନ୍ତି ଅବିନାଶ କୌର ଓ ଅରୁନ୍‌ପ୍ରୀତ୍ କୌର।

# ପ୍ରତ୍ୟାଶାଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**



ପଦକ ସହ ପ୍ରତ୍ୟାଶା ରାୟ।

**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି):** ଉତ୍ତର ପ୍ରଦେଶର ଗ୍ରେଟର୍ ନଏଡାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ସୁଇମିଂ ଇଭେଣ୍ଟରେ ଓଡ଼ିଶାର ପ୍ରତ୍ୟାଶା ରାୟ ବ୍ୟକ୍ତିଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ସୋମବାର ଅନୁଷ୍ଠିତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ୩୧.୯୯ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଚଳିତ ପ୍ରତିଯୋଗିତାରେ ଏହାକୁ ମିଶାଇ ପ୍ରତ୍ୟାଶା ୨ ସ୍ୱର୍ଣ୍ଣ ଏବଂ ୩ ରୌପ୍ୟ ପଦକ ପାଇଛନ୍ତି। ପୂର୍ବରୁ ସେ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଏବଂ ୪୦୦ ମିଟର ଫ୍ରିଷ୍ଟାଇଲ, ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଓ ୨୦୦ ମିଟର ଫ୍ରିଷ୍ଟାଇଲ୍ ଇଭେଣ୍ଟରେ ରୌପ୍ୟ ପଦକ ପାଇଥିଲେ।

## ସେମିରେ ରାଇଜିଂ ଷ୍ଟୁଡେଣ୍ଟ୍ସ

**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି):** ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୨ୟ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଜୁନିୟର (୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟରଫାଇନାଲ ଜିତି କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଭୁବନେଶ୍ୱରର ଶେଖର ସ୍ପୋର୍ଟିଂକୁ ୬୮ ରନରେ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଇଜିଂ ଷ୍ଟୁଡେଣ୍ଟ୍ସ ୩୦ ଓଭରରେ ୫ ଉଇକେଟ ହରାଇ ୧୫୧ ରନ କରିଥିଲା। ଦଳ ପକ୍ଷରୁ ସମ୍ବିତ କେ. ବେଜା ସର୍ବାଧିକ ୪୮ ରନ କରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ଜି. କାର୍ତ୍ତିକ ରେଡ୍ଡୀ ଓ ସୂର୍ଯ୍ୟାଂଶୁ ଶୁଭଧା କମ୍ ରନ ଦେଇ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶେଖର ସ୍ପୋର୍ଟିଂ ୧୯ ଓଭରରେ ମାତ୍ର ୮୩ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ସାହିଲ ସତ୍ୟବ୍ରତ ନାଏକ ୪୧ ରନ କରିଥିଲେ ମଧ୍ୟ ଅନ୍ୟ ଖେଳାଳିଙ୍କ ବିଫଳତା ଯୋଗୁ ଦଳ ପୂରା ଓଭର ଖେଳିପାରି ନ ଥିଲା। ବିଜୟୀ ଦଳର ସମ୍ବିତ ବେଜା ୧୫ ରନରେ ୩ଟି ଏବଂ ବିବେକ ଆର. ନତିଆ ୧୨ ରନରେ ୪ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସମ୍ବିତ କେ. ବେଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରଣଜୀ ଟ୍ରଫି ଖେଳାଳି ଅନୁରାଗ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ।

## ରେସ୍‌ଲରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ହୃଦୟ ବିଦାରକ

**ନୂଆଦିଲ୍ଲୀ, ୨୯।୫ (ପି.ଟି.):** ସଂସଦ ଭବନ ଉଦ୍‌ଘାଟନ ସମୟରେ ରେସ୍‌ଲରମାନଙ୍କ ପ୍ରତି ଦିଲ୍ଲୀ ପୋଲିସ୍ ବ୍ୟବହାରକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଶୁଟର ଅଭିନବ ବିନ୍ଦ୍ରା। ପୋଲିସ ଓ ରେସଲରଙ୍କ ମଧ୍ୟରେ ଘଟିଥିବା ଘଟଣା ହୃଦୟ ବିଦାରକ ରହିଥିଲା। ଏହାର ଭିଡିଓ ଦେଖିବା ପରେ ସେ ରାତିରେ ଶୋଇ ପାରି ନ ଥିବା କହିଛନ୍ତି ବିନ୍ଦ୍ରା। ଅଲିମ୍ପିକ୍ସ ପଦକ ବିଜେତା ଆଥ୍‌ଲେଟମାନଙ୍କୁ ପୋଲିସ୍ ଯେଉଁଭଳି ବ୍ୟବହାର କଲା ତାହା ଅତ୍ୟନ୍ତ ନିନ୍ଦାଜନକ। ଯୌନ ଶୋଷଣ ମାମଲାରେ ରେସଲିଂ ଫେଡେରେଶନ ମୁଖ୍ୟ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଗିରଫ ଦାବିରେ ମହିଳା ମହାପଞ୍ଚାୟତ ସହିତ ରେସ୍‌ଲରମାନେ ନବନିର୍ମିତ ସଂସଦ ଭବନକୁ ଯାଉଥିଲେ। ଭାରତୀୟ ଖେଳାଳିଙ୍କ ପ୍ରତି ହୋଇଥିବା ନିର୍ଯାତନାର ଛବି ସାରା ରାତି ମୋ ମୁଣ୍ଡରେ ଘୂରି ବୁଲୁଥିଲା। ଏହି ଘଟଣାରେ ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ ଓ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଲରାଉଣ୍ଡର ଇର୍ଫାନ୍ ପଠାନ ମଧ୍ୟ ଏହି ଘଟଣାକୁ ସମାଲୋଚନା କରିଛନ୍ତି। ରେସ୍‌ଲରମାନଙ୍କୁ ପୋଲିସ ବଳ ପ୍ରୟୋଗ କରି ଉଠାଇବା ସହିତ ଅଲଗା ଅଲଗା ଥାନାରେ ଅଟକ ରଖିଥିଲା।

# 'ଦକ୍ଷତାର ୭୦ ପ୍ରତିଶତ ଉପଯୋଗ କରିଛି ଭାରତ'

**ସାଲାଲାହ(ଓମାନ), ୨୯।୫(ପି.ଟି.)**

ଓମାନରେ ଅନୁଷ୍ଠିତ ପୁରୁଷ ଜୁନିୟର ଏସିଆ କପ୍ ହକିର ସେମି ଫାଇନାଲରେ ପ୍ରବେଶ କରିଛି ଡିଫେଣ୍ଡିଂ ଚାମ୍ପିୟନ ଭାରତ। ରବିବାର ପୁଲ୍ ଏର ଏକ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୧୭-୦ରେ ପରାସ୍ତ କରିଥିଲା ଦଳ। ୪ ମ୍ୟାଚରୁ ୧୦ ପଏଣ୍ଟ ସହିତ ଭାରତ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଭାରତର ଏହି ବିଜୟରେ ଦଳ ନିଜ ଦକ୍ଷତାର ୭୦ ପ୍ରତିଶତ ଉପଯୋଗ କରିଥିଲା ବୋଲି କହିଛନ୍ତି କୋଚ୍ ସି ଆର. କୁମାର। ସେମି ଫାଇନାଲ ଓ ଫାଇନାଲ ପୂର୍ବରୁ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଦଳର ମନୋବଳ ଦୃଢ଼ କରିଥାଏ ବୋଲି ମଧ୍ୟ କୋଚ୍ କହିଛନ୍ତି। ଏହା ସହ ନକ୍‌ଆଉଟ ମ୍ୟାଚରେ ଭାରତୀୟ ଦଳ ନିଜ ଅବଶିଷ୍ଟ ଦକ୍ଷତା ପ୍ରଦର୍ଶନ କରିବ ବୋଲି କହିଛନ୍ତି କୁମାର। ଭାରତ ପକ୍ଷରୁ ଅଙ୍ଗଦ ବୀର ସିଂ(୧୩, ୩୩, ୪୭ ଓ ୫୫ ମିନିଟ) ସର୍ବାଧିକ ୪ ଗୋଲ ସ୍କୋର କରିଥିଲେ। ଜୁନିୟର ଦଳର ପ୍ରଦର୍ଶନକୁ ନେଇ ସେ ସନ୍ତୋଷ ପ୍ରକାଶ କରିବା ସହିତ ସମସ୍ତ ଖେଳାଳିଙ୍କ ଉପରେ ତାଙ୍କର ଆତ୍ମବିଶ୍ୱାସ ରହିଥିବା ସେ ପ୍ରକାଶ କରିଛନ୍ତି। ଭାରତ ବର୍ତ୍ତମାନ ପଏଣ୍ଟ ଟେବୁଲର ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ଜାପାନକୁ ୧୪ ଗୋଲ ବ୍ୟବଧାନରେ ପରାସ୍ତ କଲେ ପାକିସ୍ତାନ ପ୍ରଥମ ସ୍ଥାନ ହାସଲ କରି ପାରିବ। ଅଙ୍ଗଦଙ୍କ ବ୍ୟତିତ ଯୋଗେମ୍ବର ରାଓ୍ୱତ(୧୭ ମିନିଟ), ଉତ୍ତମ ସିଂ(୨୪ ଓ ୩୧ ମିନିଟ), ଅମନଦୀପ୍ ଲାକ୍ରା(୨୬ ଓ ୨୯ ମିନିଟ), ଅରିଜିତ୍ ସିଂ ହୁଣ୍ଡାଲ(୩୬ ମିନିଟ), ବିଷ୍ଣୁ କାନ୍ତ ସିଂ((୩୮ ମିନିଟ), ବବି ସିଂ ଧାମି(୪୫ ମିନିଟ), ଶାରଦା ନନ୍ଦ ତିୱାରୀ(୪୬ ମିନିଟ), ଅମନଦୀପ୍(୪୭ମିନିଟ) , ରୋହିତ(୪୯ ମିନିଟ୍), ସୁନୀତ ଲାକ୍ରା(୫୪ ମିନିଟ୍) ଓ ରାଜିନ୍ଦର ସିଂ (୫୬ ମିନିଟ)ରେ ଗୋଲ ଦେଇଥିଲେ।

**ଜୁନିୟର ଏସିଆ କପ୍ ହକି**



ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୨୯।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଦୁଇ ଦିନିଆ ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନପ ଜିମ୍ ଓ କ୍ଲବରୁ ବିଭିନ୍ନ ବିଭାଗରେ ମୋଟ ୧୪୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଉତ୍କଳ କରାଟେ ଜିମ୍ ୩୪ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୧୨ ବ୍ରୋଞ୍ଜ ପଦକ ସହ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ସେଣ୍ଟର ସିଟି ଜିମ୍ ୫ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ଦ୍ୱିତୀୟ ଏବଂ ୟୁନିକ୍ ଫିଟ୍‌ନେସ ଜିମ୍ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ରାଜ୍ୟ ସଂଘ ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ ଉପସଭାପତି ଇଂ. ଚିତ୍ତରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲା ସଂଘର ସମ୍ପାଦକ ସମରେନ୍ଦ୍ର ରାଉତରାୟ, କୋଷାଧ୍ୟକ୍ଷ ପ୍ରଦୀପ ପାତ୍ର, କୃଷ୍ଣ ଚନ୍ଦ୍ର ସାହୁ, ରାକେଶ ଶତପଥୀ, ଶକ୍ତିରଞ୍ଜନ ବାରିକ, ଅନୁପମା ସ୍ୱାଇଁ, ଗୌରି ମହାନ୍ତି, ହିମାଂଶୁ ଶେଖର ଦାସ, ଜାଭେଦ ଅର୍ସଦ ଓ ଦେବାଶିଷ ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।




ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତାର ଉଦ୍‌ଯାପନୀ ପରେ କର୍ମକର୍ତ୍ତାଙ୍କ ସହ କୃତୀ ପ୍ରତିଯୋଗୀ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ